Source: Author, Digitized by PPRACHIN, SOA

# ମୁଠାଏ ମାଟି

## ନାଟକ

ଡାକ୍ତର ବସନ୍ତ କୁମାର ମହାପାତ୍ର

Source: Author, Digitized by PPRACHIN, SOA

ପ୍ରକାଶକ :

[illegible] ପ୍ରକାଶନ
ଓଡ଼ିଆ ବଜାର, କଟକ

ତୃତୀୟ ପ୍ରକାଶ—୧୯୮୭

ମୁଦ୍ରଣ :

ଶକ୍ତି ପ୍ରିଣ୍ଟର୍ସ
ଗୋପାଳଜୀ ଲେନ୍, କଟକ

ମୂଲ୍ୟ:- ସାତଟଙ୍କା।

Source: Author, Digitized by PPRACHIN, SOA

# 'ମୁଠାଏ ମାଟି'

ପ୍ରଥମ ଅଭିନୟ ରଜନୀ—ତା ୨୧-୧-୭୦ ରଖ ବୁଧବାର
ଉଦ୍‌ଘାଟନ ଉତ୍ସବର ମୁଖ୍ୟ ଅତିଥି—ଶ୍ରୀ ଉପେନ୍ଦ୍ର ବିଶ୍ୱାଳ, କୃଷି ପଣ୍ଡିତ, ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ ଶ୍ରେଷ୍ଠ କୃଷକ ।

ମୁଖ୍ୟବକ୍ତା—ଶ୍ରୀ ଶ୍ରୀହର୍ଷ ମିଶ୍ର, ସମ୍ପାଦକ, ପ୍ରଜାତନ୍ତ୍ର

ରୂପ ଦେଇଥିଲେ :

ଅରକ୍ଷିତ— ଶ୍ରୀ ମହେନ୍ଦ୍ର ମୁଦୁଲି
ଦୁଃଶାସନ— ଶ୍ରୀ ସଚ୍ଚିଦାନନ୍ଦ ମହାନ୍ତି, ଶ୍ରୀ କୃଷ୍ଣଚନ୍ଦ୍ର ମହାରଣା, ଶ୍ରୀ ପ୍ରବୋଧ ପଟ୍ଟନାୟକ
ମଧୁ— ଶ୍ରୀ ପଦ୍ମନାଭ ମିଶ୍ର
ସଦା— ଶ୍ରୀ ପ୍ରକାଶକୁମାର ଦାସ, ଶ୍ରୀ ନରେନ୍ଦ୍ର କୁମାର ପଟ୍ଟନାୟକ
କୃଷ୍ଣ— ଶ୍ରୀ ଲକ୍ଷ୍ମୀଧର ସିଂହ, ସୁରେନ୍ଦ୍ରନାଥ ଜେନା, ଶ୍ରୀ ଅନଙ୍ଗ ଦ୍ୱିବେଦୀ
ମାଧ— ଶ୍ରୀ ରମେଶଚନ୍ଦ୍ର ମଲ୍ଲିକ
ରଘୁ— ଶ୍ରୀ ଦୀପେନ୍ ଘୋଷ, ଶ୍ରୀ ଅମିୟ କୁମାର ମହାନ୍ତି
ସୁଦାମନନା— ଶ୍ରୀ ନିରଞ୍ଜନ ବେହେରା
ଆଞ୍ଚଳିକ ବା ମୋକେଦ୍ —ଶ୍ରୀ ନିକୁଞ୍ଜକିଶୋର ଦାସ, ଶ୍ରୀ ଲଲାଟେନ୍ଦୁ ମହାନ୍ତି
ରେବତୀ —ଶ୍ରୀମତୀ ତନୁଜା ନାଏକ
ଶାମୁକା —କୁମାରୀ ଜୟନ୍ତୀ ବଳ

Source: Author, Digitized by PPRACHIN, SOA

## ମଞ୍ଚର ପଛପଟେ

ମୁଖ୍ୟ ବ୍ୟବସ୍ଥାପକ— ଶ୍ରୀ ମହେଶ କାନୁନ୍‌ଗୋ

ମୁଖ୍ୟ ସଙ୍ଗଠନ— ଶ୍ରୀ ରମେଶଚନ୍ଦ୍ର ମଲ୍ଲ, ଶ୍ରୀ ପ୍ରଶାନ୍ତ ମହାନ୍ତି,
ଶ୍ରୀ ନେତ୍ରାନନ୍ଦ ମିଶ୍ର

ଆଲୋକ— ଶ୍ରୀ ଜାନକୀ ଦାଶ, ଶ୍ରୀ ଖଗୁ ସିଂ, ଶ୍ରୀ ଅଖିଳ ଦେଇ

ଶବ୍ଦ ତରଙ୍ଗ— ଶ୍ରୀ ରାଜେନ୍ଦ୍ର କୁମାର ରାୟ, ଶ୍ରୀ ସୁରେନ୍ଦ୍ର ନାଥ ବେହେରା

ସ୍ମାରକ— ଶ୍ରୀ କୃଷ୍ଣଚନ୍ଦ୍ର ମହାରଣା, ଶ୍ରୀ ସୁରେନ୍ଦ୍ରନାଥ ବେହେରା

ମୁଦ୍ରକ— ଶ୍ରୀ ପ୍ରଶାନ୍ତ କୁମାର ମହାନ୍ତି
ଶ୍ରୀ ସତ୍ୟନାରାୟଣ ମିଶ୍ର (ଚ ଶ ପ୍ରେସ)

ମଞ୍ଚସଜ୍ଜା— ଜନତା ରଙ୍ଗମଞ୍ଚ ଓ ନବ ଓଡ଼ିଶା ଚିତ୍ର ନିଲୟ

ଅଙ୍ଗସଜ୍ଜା— ନବ ଓଡ଼ିଶା ଚିତ୍ରାଳୟ

ଓଡ଼ିଶୀ ଗବେଷଣା— କଳିଙ୍ଗ ଫିଲ୍ମସ୍

ଯନ୍ତ୍ର ସଙ୍ଗୀତ— ଶ୍ରୀ କେ. ନାରାୟଣ ରାଓ, ଶ୍ରୀ ଅଖିଳ ଦେଇ
ସାନୁ ଓ ଅଞ୍ଜନ, ଶ୍ରୀ ବନମାଳୀ ମହାରଣା

କଣ୍ଠଦାନ— ଶ୍ରୀ ପ୍ରଫୁଲ୍ଲକୁମାର ମହାନ୍ତି, କୁମାରୀ ଅନୁପମା ମହାନ୍ତି

ସଙ୍ଗୀତ ରଚନା— ଶ୍ରୀ ପ୍ରଫୁଲ୍ଲ

ସଙ୍ଗୀତନିର୍ଦ୍ଦେଶନା— ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି
ନୃତ୍ୟ ସମ୍ପାଦକ, ବେଟେଭନ୍ସ ମଞ୍ଚ ବିଦ୍ୟାଳୟ

Source: Author, Digitized by PPRACHIN, SOA

# ଯେଉଁମାନଙ୍କଠାରେ ମୁଁ ଋଣୀ

୧୯୬୭ର ଏକ ରବିବାର ସକାଳ । ମଞ୍ଚ, ବେତାର ଓ ଚଳଚ୍ଚିତ୍ର ଜଗତର ସୁପରିଚିତ ନାୟକ ତଥା ନିର୍ଦ୍ଦେଶକବନ୍ଧୁ ଅକ୍ଷୟ ମହାନ୍ତିଙ୍କ ପରିଚିତ ଡାକ କାନରେ ବାଜିଲା । ନିଶ୍ଚୟ ଗୋଟାଏ କିଛି ଲାଗିବ, ନାଟକ ଲେଖାର ତାଗିଦା । ବହି ଖଣ୍ଡିଏ ମୋ ଆଗରେ ଥୋଇଲେ—"Growth of the Soil" । ବିଦେଶୀ ବହି ପଢ଼ିବାର ଧୈର୍ଯ୍ୟ ମୋର ନ ଥାଏ । ସେ କଥା ବନ୍ଧୁଟା'ବି ଭଲକରି ଜାଣିଥିଲେ । ଅନେକ ବିଦେଶୀ କାହାଣୀ ମୁଁ ମୋର ବନ୍ଧୁମାନଙ୍କଠାରୁ କେବଳ ଶୁଣି ଶୁଣି ସେଥିରୁ ମୋ ନାଟକପାଇଁ କିଛି ମସଲା ଯୋଗାଡ଼ କରିଥାଏ ।

ବହିଟିର କାହାଣୀ ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ମୋର ମନେହେଲା, 'ମାଟି'କୁ ନେଇ ପୃଥିବୀରେ ଯେତେ କାହାଣୀ ଲେଖା ହୋଇଛି ସେସବୁର ମୂଳ ଆଧାର ହେଉଛି ଏଇ "Growth of the Soil" । ପାର୍ଲବକ୍ଙ୍କର "Good Earth" ଏବଂ କାଳିନ୍ଦୀ ପାଣିଗ୍ରାହୀଙ୍କର "ମାଟିର ମଣିଷ" ସବୁର ଉତ୍ସ ଏଇ ବହିର ଲେଖକ ନ୍ୟୁଟ୍ ହାମସୁନ୍ଙ୍କ ପ୍ରତି ଆମ୍ଭ ନିକଟରେ ମୋ ମଥା ଗଭୀର ଭକ୍ତି ଓ ଶ୍ରଦ୍ଧାରେ ଅବନତ ହେଲା ।

ଲେଖକ ନ୍ୟୁଟ୍ ହାମସୁନ୍ ନରୱେ ଅଧିବାସୀ । ତାଙ୍କର ଅନ୍ୟାନ୍ୟ ବହୁଗ୍ରନ୍ଥିକ ହେଲା The Hunger, Vagabonds ଇତ୍ୟାଦି ; Growth of the Soil ତାଙ୍କର ନୋବେଲପ୍ରାଇଜ ପ୍ରାପ୍ତ ଏକ ଅବିସ୍ମରଣୀୟ ରଚନା । ପରଂପରାଗତ କୃଷିସଭ୍ୟତା ସହିତ ଆଧୁନିକ ଶିଳ୍ପସଭ୍ୟତାର ସଂଘର୍ଷ ହେଉଛି ଉପନ୍ୟାସଟିର ମୂଳ ଆଧାର । କାହାଣୀଟି ଯେତେ ମନୋମୁଗ୍ଧକର ମନେହେଲା ତାକୁ ନାଟ୍ୟରୂପଦେବା ସେତେ ସହଜ ମନେହେଲା ନାହିଁ । କାହାଣୀଟିର ପୃଷ୍ଠଭୂମି ଅତି ବିଶାଳ ! ପ୍ରାୟ ତିନି ପିଢ଼ିର ଚରିତ୍ର; ଏହା ବ୍ୟତୀତ କାହାଣୀର କେତେକ ଅଂଶବିଶେଷ ଏ ଦେଶର ଜଳବାୟୁ ଦୃଷ୍ଟିରୁ ଅଶ୍ଳୀଳ ଓ ଅସାମାଜିକ । ତେଣୁ ଦୀର୍ଘ ଦୁଇବର୍ଷ ଧରି ଉକ୍ତ ନାଟକଟି ଲେଖିବା ମୋ ପକ୍ଷରେ ସମ୍ଭବପର ହେଲା ନାହିଁ, କୋଉଠାଏ ଅଶାନ୍ତିରେ ମନଟା ଛଟପଟ ହେଉଥାଏ ।

Source: Author, Digitized by PPRACHIN, SOA

୧୯୭୪, ମେଡ଼ିକାଲ କଲେଜରେ ଏ୍ୟାନ୍ଥ୍ରୋପୋଲୋଜିକାଲ ଏସୋସିଏସନ୍ ତରଫରୁ ନାଟ୍ୟ ଉତ୍ସବ । ମୋର ଅନୁଜପ୍ରତିମ ଡାକ୍ତର କ୍ଷିତୀଶ ମହାନ୍ତି ଆସି ମୋ-ଉପରେ ନାଟକ ଲେଖିବାର ଦାୟିତ୍ୱ ଲଦିଦେଲେ । ନୂଆ ନାଟକ···ଏକେବାରେ ନୂଆ; ଭାବିଲି କଣ ଲେଖିବି ? ଏହି ସମୟରେ ପୁଣି ଅକସ୍ମାତ୍ ଆସି ମୋ ମନରେ "Growth of the Soil" ପାଇଁ ଜଣା କରାଇ ଦେଇଗଲା । ଲେଖା ଆରମ୍ଭ କଲି । ରିହର୍ସାଲ ଚାଲିଲା; ଅକସ୍ମାତ୍ ମହାନ୍ତି କିନ୍ତୁ ଭୁଲି ଯାଇଥିବାରୁ ସୁନାମଧନ୍ୟ ନିର୍ଦ୍ଦେଶକ ଶ୍ରୀ କୃଷ୍ଣଚନ୍ଦ୍ରସିଂ ନାଟକର ନିର୍ଦ୍ଦେଶନା ଦାୟିତ୍ୱ ଗ୍ରହଣକଲେ । ସଙ୍ଗଠକ ଭାବରେ ଡାକ୍ତର କ୍ଷିତୀଶ ମହାନ୍ତି ଓ ତାଙ୍କର ଯୋଗ୍ୟ ସହକର୍ମୀ ଡାକ୍ତର ତୁଳସୀ ମହାନ୍ତି, ଡାକ୍ତର ସରୋଜ ମହାନ୍ତି ଓ ଡାକ୍ତର ରବି ଦାଶ ଯେଉଁ ନିଷ୍ଠାର ପରିଚୟ ଦେଲେ ତାହା ଅତୁଳନୀୟ । ନାଟକର ସାର୍ଥକତା ମୂଳରେ ଏହି ନିଷ୍ପେଷିତ ଯୁବକମାନଙ୍କର ଶ୍ରମ, ସ୍ୱେଦ, କର୍ମତତ୍ପରତା ନିହିତ ।

ନାଟକ ମଞ୍ଚସ୍ଥ ହେଲା ୫-୧-୧୯୭୪ ତାରିଖରେ ମେଡ଼ିକାଲ ରଙ୍ଗମଞ୍ଚରେ । ପ୍ରଥମ ଦୃଶ୍ୟରୁ ନାଟକର ତାଳିଲ ଅବସ୍ଥାଓ । ଦେଖି ପଛରୁ ପାଟିହେଲା—ଚୂଡ଼ା ଚୂଡ଼ା" ଇତ୍ୟାଦି; କିନ୍ତୁ ପରେ ପରେ ସମସ୍ତେ ମନ୍ତ୍ରମୁଗ୍ଧ । ନାଟକ ଶେଷରେ ଅନେକ ପ୍ରଶଂସା, ଅଭିନନ୍ଦନ, କରମର୍ଦ୍ଦନ । ଖାଲି ମୋତେ ନୁହେଁ, ଅଭିନେତା, ଅଭିନେତ୍ରୀ, ନିର୍ଦ୍ଦେଶକ, ମଞ୍ଚପରିଚାଳକ—ସମସ୍ତଙ୍କୁ । "ଶେଷ ଶ୍ରାବଣ" ପରେ ମୋତେ ଅନେକବନ୍ଧୁ ଓ ସମାଲୋଚକ ଆଉ ଗୋଟିଏ ଗାଉଁଲିର କଥା ବସ୍ତୁ ନେଇ ନାଟକ ଲେଖିବାକୁ ବାରମ୍ବାର କହୁଥିଲେ । ସେମାନଙ୍କ କଥା ମୁଁ ରଖିପାରିଲି, ସେଥିକରେ ମୋ ତୃପ୍ତି ବୃଦ୍ଧିମୋଟ । ସେଦିନର ସେଇ ଶୁଭେଚ୍ଛା ଓ ଅଭିନନ୍ଦନ ଗୁଡ଼ିକ ମଧ୍ୟରୁ ସବୁଠୁ ମୂଲ୍ୟବାନଥିଲା ମୋ ଗୁରୁ, ପ୍ରଖ୍ୟାତ ମାନସିକ ଚିକିତ୍ସାଳୟର ଅଧକ୍ଷ ଡକ୍ଟର ପାର୍ଥ ସାରଙ୍ଗୀଙ୍କର । ସେ କହିଥିଲେ—"I have read 'Growth of the Soil', but this is your original. You need not name it after Knut Hamsun." ଅର୍ଥାତ୍ 'ଗ୍ରୋଥ ଅଫ୍ ଦ ସଏଲ୍ ମୁଁ ପଢ଼ିଛି; କିନ୍ତୁ ଏଇଟା ଦେଖି ମୋର ମନେହେଲା ଏ ହେଉଛି ତୋର ମୌଳିକ ସୃଷ୍ଟି । ଏଥିରେ ତୋର କ୍ନୁଟ୍ ହାମସୁନ୍ଙ୍କ ନାଁ ଉଲ୍ଲେଖ କରିବା କିଛି ଦରକାର ନ ଥିଲା ।'

Source: Author, Digitized by PPRACHIN, SOA

ସେଦିନ ଏକାନ୍ତ ଅଭିଭୂତ ହୋଇ ତାଙ୍କ କଥାର ଉତ୍ତର ମୁଁ ଦେଇପାରି ନ ଥିଲି; କିନ୍ତୁ ମନେ ମନେ କହିଲି, ଯଦି ସେଇ ସ୍ୱର୍ଗତ ଲେଖକଙ୍କ ନାମ ଉଲ୍ଲେଖ ନ କରେ ତେବେ ମୁଁ ଆଜୀବନ ଋଣୀ ରହିଯିବି; ବେଇମାନ୍, ଅକୃତଜ୍ଞ ହୋଇ ରହିଯିବି । ସତରେ, "ମୁଠାଏ ମାଟି" ଲେଖିବାକୁ ଯାଇ ଯଦି ମୌଳିକ କିଛି ମୁଁ ସୃଷ୍ଟି କରିଥାଏ ସେ ସେଇ ସ୍ୱର୍ଗତ ଆତ୍ମାର ଆଶୀର୍ବାଦ ଯୋଗୁ ହୋଇଥାଏ ।

ତା'ପରେ ବହିଟି "ଅଲ ଇଣ୍ଡିଆ ମେଡ଼ିକାଲ ଏସୋସିଏସନ" ତରଫରୁ ଛପାଯିବା ପାଇଁ ମନୋନୀତ ହେଲା ଏବଂ ମେଡ଼ିକାଲ କଲେଜର ଅଧ୍ୟକ୍ଷ, ଅଧ୍ୟାପକ ଓ ଛାତ୍ରବନ୍ଧୁମାନେ ଚରମ ଉତ୍ସାହ ସହକାରେ ଉକ୍ତ କାର୍ଯ୍ୟରେ ମାତିଉଠିଲେ । ବହିଟିକୁ ଆହୁରି ନିଖୁଣ କରିବାପାଇଁ ଓଡ଼ିଶାର ସୁନାମଧନ୍ୟ ନାଟ୍ୟପିତା, ନାଟ୍ୟଭାରତୀ, ନଟେଶ୍ୱର କବିଚନ୍ଦ୍ର ଶ୍ରୀଯୁକ୍ତ କାଳୀଚରଣ ପଟ୍ଟନାୟକଙ୍କର ଦ୍ୱାରସ୍ଥ ହେଲି ।

ପ୍ରାୟ ଏକମାସ ଧରି ସେ ତାଙ୍କର ବହୁମୂଲ୍ୟ ସମୟ ଦେଇ ପାଣ୍ଡୁଲିପିଟି ସଂଶୋଧନ କରିଦେଲେ । ତାଙ୍କର ସେ ଋଣ ମୁଁ ଶୁଝିପାରିବି ନାହିଁ, କେତେକ ଅନିବାର୍ଯ୍ୟ କାରଣରୁ ଛପାଯିବା ସ୍ଥଗିତ ରହିଲା; କିନ୍ତୁ ସେଇ ପ୍ରସ୍ତୁତି ମଧ୍ୟରେ ଯେଉଁ ଅନନ୍ତ ଉତ୍ସାହ ତାହା ମୁଁ କେବେହେଲେ ଭୁଲିପାରିବି ନାହିଁ ।

ଏହି ନାଟକର ପାଣ୍ଡୁଲିପି ଲେଖିବାରେ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି ଶ୍ରୀ ହରପ୍ରସାଦ ପଣ୍ଡା, ସେଥିପାଇଁ ମୋ ସାନଭାଇ ଭଳି ହେଲେ ବି ଶୁଖିଲା ଧନ୍ୟବାଦଟିଏ ଦେଇ ତାଙ୍କର ସେ ଋଣ ଶୁଝିହେବ ନାହିଁ ।

—ଲେଖକ—

Source: Author, Digitized by PPRACHIN, SOA

## ମୋପାଇଁ ଏକ ଅନୁଭୂତ —ଆଗାମୀ ଯୁଗର ମଞ୍ଚପାଇଁ ଏକ ଆଲୋକ

ମେଡ଼ିକାଲ କଲେଜରେ ଅଭିନୀତ ହେବା ପରେ ମୋର ନାଟକଗୁଡ଼ିକ ପ୍ରଥମ ଥର ପେଶାଦାର ମଞ୍ଚର କର୍ମକର୍ତ୍ତାମାନେ ନେଇଯାଇଥାନ୍ତି; କିନ୍ତୁ ଏଥର ମୁଁ "ମୂଠାଏ ମାଟି" ପାଇଁ ସେ ପରମ୍ପରା ଭାଙ୍ଗିଛି । କଟକର ବିଶିଷ୍ଟ ସୌଖୀନ ଶିଳ୍ପୀମାନଙ୍କୁ ଏକତ୍ରିତ କରି ଯେଉଁଟିଏ ଅନୁଷ୍ଠାନ ଗଢ଼ିଥିଲେ ତାହା ମଞ୍ଚସ୍ଥ କରିବା ପାଇଁ ଚେଷ୍ଟା କଲି ।

ଇତିମଧ୍ୟରେ ପେଶାଦାର ମଞ୍ଚ ତା'ର ପୂର୍ବଗୌରବ ହରାଇସାରିଥିଲା । କଟକର ତିନୋଟି ରଙ୍ଗମଞ୍ଚ ମଧ୍ୟରୁ ଦୁଇଟିରେ ଉପସ୍ଥିତି ଅନେକ ଜନ୍ମ ନ ଥିଲା । ବାଉବାବୁ, ପ୍ରିୟନାଥବାବୁ, ନରସିଂହବାବୁ ଇତ୍ୟାଦି ବହୁ ଗୁଣୀ ନିର୍ଦ୍ଦେଶକ ପେଶାଦାର ମଞ୍ଚଚ୍ୟୁତ ସୌଖୀନ ନାଟକ ନିର୍ଦ୍ଦେଶ ଦେବାରେ ବ୍ୟସ୍ତ ରହିଲେଣି । ତେଣୁ ମଞ୍ଚର ପୂର୍ବ ଗୌରବ ଫେରାଇବାକୁ ହେଲେ କିଛିଟା ନୂତନ ରକ୍ତର ସଞ୍ଚାର ଦରକାର ।

ଗତ ୬ ବର୍ଷ ମଧ୍ୟରେ କଲିକତା ଯାଇ ମୁଁ ଉତ୍ପଳ ଦତ୍ତଙ୍କ ସଂସ୍ଥା 'ଲିଟଲ୍ ଥିଏଟର ଗ୍ରୁପ୍'ର ଅନୁଷ୍ଠାନିକ କାର୍ଯ୍ୟକଳାପ ଓ ମଞ୍ଚଶୈଳୀ ଦେଖିଆସିଥିଲି । ତାଙ୍କରି ଅନୁସରଣ କରି କଟକର ବିଭିନ୍ନ ଅନୁଷ୍ଠାନରୁ ନୂଆ ଶିଳ୍ପୀମାନଙ୍କୁ ସଂଗ୍ରହ କରି ରିହର୍ସାଲ ଆରମ୍ଭ କଲି ଜନତା ରଙ୍ଗମଞ୍ଚରେ ।

ତରୁଣ କଳାକାର ଶ୍ରୀ ରମେଶ ମଲ୍ଲ ଏ ଦଳରେ ମୁଖ୍ୟ ନେତୃତ୍ୱ ନେଲେ ଏବଂ ତାଙ୍କ ସହିତ ଦାୟିତ୍ୱ ନେଲେ ବିଶିଷ୍ଟ ହାସ୍ୟରସ କଳାକାର ଶ୍ରୀ ନେତ୍ରାନନ୍ଦ ମିଶ୍ର ।

ଏହାରି ମଧ୍ୟ ଆମକୁ ବାଟ ଦେଖାଇବାକୁ ଆଗେଇ ଆସିଲେ ଗଣ୍ଡୀହାଟର ବିଶିଷ୍ଟ ବ୍ୟବସାୟୀ ଶ୍ରୀ ସଚ୍ଚିଦାନନ୍ଦ ନାଟିଆ ଏବଂ ଶ୍ରୀ ମହେଶ କାନୁନ୍‌ଗୋ । ଗଢ଼ାହେଲା ଅନୁଷ୍ଠାନ "ମଞ୍ଚମୂର୍ଚ୍ଛନା" । ମହେଶବାବୁ ତା'ର ମୁଖ୍ୟ କର୍ମକର୍ତ୍ତା ହେଲେ । ଯେଉଁ ପ୍ରାଣାନ୍ତକ ପରିଶ୍ରମ କରି ସେମାନେ ନାଟକଟିକୁ ରୂପ ଦେଲେ ତା ମୁଁ ନିଜେ ଅନୁଭବ କରିଛି । ଏ ଦଳରେ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ସିଂହଙ୍କର ନିର୍ଦ୍ଦେଶନା ଓ ସହଯୋଗ ଅବିସ୍ମରଣୀୟ ।

Source: Author, Digitized by PPRACHIN, SOA

ନାଟକ ଉନ୍ମୋଚନ ଉତ୍ସବରେ ମନ୍ତ୍ରୀ ବା ନୌକରସି ବଡ଼ବଡ଼ିଆଙ୍କୁ ନ ଡାକି ଆମେ ମୁଖ୍ୟ ଅତିଥିରୂପେ ଡାକିଲୁ ଶ୍ରୀ ଉପେନ୍ଦ୍ର କଣ୍ଡାଳଙ୍କୁ—ଭାରତ ସରକାରଙ୍କ ଦ୍ୱାରା ସାରାଭାରତରେ ଶ୍ରେଷ୍ଠ ଚୟନିତ କୃଷକ ଶ୍ରୀ ଉପେନ୍ଦ୍ର କଣ୍ଡାଳ, ଯିଏ କି ଏକରପିଛା ସବୁଠୁ ବେଶି ଧାନ ଫଳାଇ ରାଷ୍ଟ୍ରପତି ପୁରସ୍କାର ପାଇଥିଲେ । ମୁଖ୍ୟବକ୍ତା ଭାବେ ଆସିଥିଲେ ପ୍ରଜାତନ୍ତ୍ରର ସମ୍ପାଦକ ଶ୍ରୀଯୁକ୍ତ ଶ୍ରୀହର୍ଷ ମିଶ୍ର । ପ୍ରଥମ ଉତ୍ସବରେ ଜନତା ରଙ୍ଗମଞ୍ଚରେ ବିଶିଷ୍ଟ ଦର୍ଶକମାନଙ୍କ ମଧ୍ୟରେ ଥିଲେ ବହୁ କଳାପ୍ରେମୀ, ସମାଲୋଚକ ଓ ଉଦ୍ଦେଶକ । ସେମାନଙ୍କ ମୁହଁରୁ ଆମେ ଉତ୍ସାହ, ଆଶା, ଭରସା ପାଇଲୁ । ପେଶାଦାର ମଞ୍ଚ ଏବଂ ସୌଖୀନ କଳାକାରମାନଙ୍କୁ ନେଇ ନୂଆ ଏକ୍ସପେରିମେଣ୍ଟକୁ ସେମାନେ ସ୍ୱାଗତ କରି ଶୁଭେଚ୍ଛା ଜଣାଇଥିଲେ ! ସାମ୍ବାଦିକ ବନ୍ଧୁମାନଙ୍କର ସମାଲୋଚନା ଆମ ତ୍ରୁଟି ବୁଝେଇମାଟ କରିଦେଲା ।

ଏଇନୂତନ ବ୍ୟବସ୍ଥାରେ ଖର୍ଚ୍ଚ —ସାଧାରଣତଃ ନାଟକଟିଏ ହେଲେ ଖର୍ଚ୍ଚ ତତଟା ହେଉ ନଥାନ୍ତା । କାରଣ ନାଟକମାନେ ମହଡ଼ା, ମଜଲିସ୍, ପୁଞ୍ଜି; ସେଥିରେ ଖର୍ଚ୍ଚ ବେପରୁଆ, ଆମକୁ କିନ୍ତୁ ଖର୍ଚ୍ଚ କଥା ଭାବିବାକୁ ପଡ଼େ ।

କାରଣ ଆମେ ଚାହୁଁଥିଲୁ ଏଇ ଏକ୍ସପେରିମେଣ୍ଟ ସାର୍ଥକ ହେବ ଯଦି ଅନୁଷ୍ଠାନ ଲାଭବାନ ହୁଏ । ତା'ହେଲେ ଆମେ ଉଚ୍ଚକଣ୍ଠରେ ଚିତ୍କାର କରି କହିପାରିବୁ ଯେ ପେଶାଦାରମାନେ ଭୁଲ ରାସ୍ତାରେ ଯାଉଥିଲେ—ଆମେ ତାଙ୍କୁ ସଜାଡ଼ିପାରିଲୁ । ସୌଖୀନ ସଂସ୍ଥାମାନେ କେବଳ ଏବେ ଦ'ଦିନ ବା ଦ୍ୱିପ୍ରାଏ ଧରି ଉଚ୍ଚକୋଟୀର ନାଟକ ପରିବେଷଣ କରି କଳାଦିଗରୁ ସାର୍ଥକ ହୋଇଛନ୍ତି ବୋଲି ଗର୍ବକଲେ ହେବ ନାହିଁ; ଆର୍ଥିକ ଦୃଷ୍ଟିରୁ ତାହା ଲାଭଜନକ ବା ଜନପ୍ରିୟ ହୋଇଛି ବୋଲି ପ୍ରମାଣ କରିବାକୁ ହେବ । ଦେଖାଇଦେବାକୁ ହେବ କଳାକାର ଭିକାରି ନୁହେ, ଗର୍ବରେ ମଥାଟେକି ବଞ୍ଚିବାର ଅଧିକାର ତା'ର ଅଛି ।

କଲିକତାରେ ସେଉଁ ଲିଟଲ୍ ଥିଏଟର ଗ୍ରୁପ୍ ସମ୍ମିଳିତ କଳାକାରମାନଙ୍କ ସହଯୋଗରେ ଗଢ଼ିଉଠିଛି ତାହା ଯେ କେବଳ ଉଚ୍ଚକୋଟୀର ନାଟକ ପରିବେଷଣ କରୁଛି ତାହା ନୁହେଁ, ଆର୍ଥିକ ଦିଗରୁ ମଧ୍ୟ ନିଜ ଗୋଡ଼ରେ ଛିଡ଼ାହୋଇ ଏକ

Source: Author, Digitized by PPRACHIN, SOA

ଆଦର୍ଶ ଅନୁଷ୍ଠାନ ରୂପେ ସୁଖ୍ୟାତିଲାଭ କରିଛୁ ଓ ଅନ୍ୟ ଅନୁଷ୍ଠାନମାନଙ୍କୁ ଉତ୍ସାହିତ କରୁଛୁ ।

ହଉ, ଏଥର ଆମ ଅନୁଷ୍ଠାନର ଖର୍ଚ୍ଚ ହିସାବଟା ଶୁଣନ୍ତୁ । ଏଇ ଖର୍ଚ୍ଚର ହିସାବ ଦେବାର ଏକମାତ୍ର ଲକ୍ଷ୍ୟ ହେଉଛି, ସାଧାରଣ ଲୋକେ ଜା'ଣନ୍ତୁ ଯେ, ଆମେ କେତେ କମ୍ ଖର୍ଚ୍ଚକରି ସୁଦ୍ଧା ନାଟକଟିରୁ କଳାକାରମାନଙ୍କ ପାଇଁ ଦୁଇପଇସା ବଞ୍ଚାଇପାରିଲୁ ନାହିଁ । ଏଥିରୁ ଜଣାଯାଉଛି ଯେ, ପେଶାଦାର ରଙ୍ଗମଞ୍ଚ କାହିଁକି ତିଷ୍ଠିପାରୁ ନାହିଁ ।

Source: Author, Digitized by PPRACHIN, SOA

# ପ୍ରଯୋଜନା ବାବଦ ଖର୍ଚ

(A) ମଞ୍ଚସ୍ଥ ହେବା ପୂର୍ବରୁ ମାସିକ ମୋଟ

| | |
|---|---|
| (1) ରିହର୍ସାଲ ଖରଚ : | |
| ନାଟ୍ୟ ଶିଳ୍ପୀମାନଙ୍କ ପାଇଁ ରିକ୍ସାଭଡ଼ା (ମାସକୁ) | ଟ ୬୦-୦୦ |
| ଚା, ପାନ ଇତ୍ୟାଦି (ମାସକୁ) | ଟ ୯୦-୦୦ |
| ତିରିଶ୍ ଦିନ ରିହର୍ସାଲର ମୋଟ ଖରଚ | ଟ ୧୫୦-୦୦ |
| (2) ସେଟିଂ | ଟ ୮୦୦-୦୦ |
| ମଞ୍ଚ ଉପକରଣ, ପୋଷାକ ଇତ୍ୟାଦି | ଟ ୨୦୦-୦୦ |
| (3) ପ୍ରଚାର (ମାସକୁ) : | |
| (କ) ଖବରକାଗଜ | ଟ ୪୫୦-୦୦ |
| (ଖ) ସିନେମା ସ୍ଲାଇଡ୍ | ଟ ୧୨-୦୦ |
| (ଗ) ଡାକବାଜା ଯନ୍ତ୍ର ଓ ରିକ୍ସାଭଡ଼ା | ଟ ୭୦୦-୦୦ |
| (ଘ) ପୋଷ୍ଟର | ଟ ୩୦୦-୦୦ |
| (4) ଟିକେଟ ଛପା | ଟ ୧୦୦-୦୦ |
| (5) ହଲ୍ ଭଡ଼ା (ମାସକୁ) | ଟ [illegible]୦୦-୦୦ |
| (6) ବିଜୁଳି ଖର୍ଚ (ମାସକୁ) | ଟ ୪୫୦-୦୦ |

ମଞ୍ଚସ୍ଥ ହେଲାବେଳେ ମାସକୁ ଖରଚ

| | |
|---|---|
| (1) ନାଟ୍ୟଶିଳ୍ପୀ ଦୁଇଜଣଙ୍କ ପାଇଁ (ମାସକୁ) | ଟ ୩୬୦-୦୦ |
| (2) ନାଟ୍ୟଶିଳ୍ପୀ ଦୁଇଜଣଙ୍କ ପାଇଁ ରିକ୍ସା (ମାସକୁ) | ଟ ୬୦-୦୦ |
| (3) ବିଜୁଳି ଖରଚ (ମାସକୁ) | ଟ ୭୫୦-୦୦ |
| (4) ମେକ୍‌ଅପ୍ (ମାସକୁ) | ଟ ୩୦୦-୦୦ |
| ସମୁଦାୟ ମାସକର ଖରଚ | ଟ ୪୮୩୨-୦୦ |
| ଅର୍କେଷ୍ଟ୍ରା ବାବଦ ଦିନକୁ ଟ ୧୦-୦୦ ହିସାବରେ ମାସକୁ | ଟ ୩୦୦-୦୦ |
| ମୋଟ | ଟ ୫୧୩୨-୦୦ |

Source: Author, Digitized by PPRACHIN, SOA

ଉପରୋକ୍ତ ସମସ୍ତ 'ମଞ୍ଚମୂର୍ଚ୍ଛନା' ଅନୁଷ୍ଠାନ ତରଫରୁ କରାଯାଇଥିଲା ଓ 'ଜନତା' ରଙ୍ଗମଞ୍ଚରେ ନାଟକଟି ମଞ୍ଚସ୍ଥ ହୋଇଥିଲା । ଏଥିରେ ବିଭିନ୍ନ ବାବଦରେ ଖର୍ଚ୍ଚ ହିସାବ ଦେଖିଲେ ଜଣାପଡିବ ଯେ ବିଭିନ୍ନ ଲୋକଙ୍କର ଆନ୍ତରିକ ସହାନୁଭୂତି ଯୋଗୁ ଅତି କମ୍ ଖର୍ଚ୍ଚରେ ଉକ୍ତ ନାଟକ ମଞ୍ଚସ୍ଥ କରାଯାଇପାରିଥିଲା । ଉଦାହରଣ ସ୍ୱରୂପ, ଦିନକୁ ଟ ୧୦-୦୦ ହିସାବରେ ମଞ୍ଚଭଡା, ଟ ୬-୦୦ ଦରରେ ନାଗଶିଳ୍ପୀ ଏବଂ ଦିନକୁ ଟ ୨୫-୦୦ ଦରରେ ଆଲୋକ ସଜ୍ଜା ବୋଧହୁଏ କେଉଁଠି ପାଇବା ସମ୍ଭବପର ନୁହେଁ ।

ଉଦେଶର ଓ ପୁରୁଷ ଶିଳ୍ପୀମାନଙ୍କୁ କୌଣସି ପାରିଶ୍ରମିକ ଦିଆଯାଇ ନ ଥିଲା । ଆମ୍ଭେମାନେ ଆଶା କରିଥିଲୁ, ପ୍ରଯୋଜନା ଖରଚ ବାଦ୍‌ଦେଇ ଯାହା କିଛି ବଳିବ ତାହା ସବୁ ଶିଳ୍ପୀଙ୍କୁ ସମାନ ଭାବରେ ବାଣ୍ଟି ଦିଆଯିବ; କିନ୍ତୁ ଟିକେଟ ବିକ୍ରିରୁ ଯାହା ମିଳିଥିଲା ତାହା ନିମ୍ନରେ ଦିଆଯାଉଅଛି ।

Push sell ଉପରେ ନିର୍ଭର ନ କରି କେବଳ gate sellରୁ ନିମ୍ନଲିଖିତ ଟଙ୍କା ଆମକୁ ମିଳିଥିଲା :—

| | |
|---|---|
| ପ୍ରଥମ ସପ୍ତାହରେ | ଟ ୧,୦୦-୦୦ |
| ଦ୍ୱିତୀୟ ସପ୍ତାହରେ | ଟ ୬୧୦-୦୦ |
| ତୃତୀୟ ସପ୍ତାହରେ | ଟ ୪୫୫-୦୦ |
| ଚତୁର୍ଥ ସପ୍ତାହରେ | ଟ ୨୦-୦୦ |
| ମାସକୁ ଟିକେଟ ବିକ୍ରିରୁ ମୋଟ ଆୟ | ଟ ୨୯୫୫-୦୦ |

ଏହା ବ୍ୟତୀତ କଟକର ବିଶିଷ୍ଟ Charterced Accountant ଶ୍ରୀଯୁକ୍ତ ହୃଦାନନ୍ଦ ନାୟକ ନାଟକ ଦେଖିସାରି ଆମକୁ ଟ ୨୦୦-୦୦ ଦାନ କରିଥିଲେ ସେଥିପାଇଁ ଆମେ ତାଙ୍କ ନିକଟରେ ଚିର କୃତଜ୍ଞ ।

ଟିକେଟ ଓ ଉକ୍ତ ଦାନକୁ ମିଶାଇ ଯାହା ହୋଇଛି ସେଥିରୁ ସ୍ପଷ୍ଟ ବୁଝିହେବ ଯେ ଆର୍ଥିକ ଦିଗରୁ ଆମେ କ୍ଷତିଗ୍ରସ୍ତ ହେଲୁ ।

Source: Author, Digitized by PPRACHIN, SOA

## କ୍ଷତଗ୍ରସ୍ତ ହେବାର କାରଣ :

(୧) ନାଟକଟିରେ ନାଚ, ଗୀତ ଇତ୍ୟାଦି ବ୍ୟବସାୟିକ କଳାର ଏକାନ୍ତ ଅଭାବ ।
(୨) ଉନ୍ନତ ମଞ୍ଚକଳା ବା ମଞ୍ଚ ଉପକରଣର ଅଭାବ ।
(୩) Push sell ଉପରେ ଆଦୌ ଧ୍ୟାନ ନ ଦେବା ।
(୪) ବହୁପରିମାଣରେ ବନ୍ଧୁବାନ୍ଧବମାନଙ୍କୁ Pass ଦେଇ ବିନାମୂଲ୍ୟରେ ଦେଖାଇବା ।

ବର୍ତ୍ତମାନ ଉପରୋକ୍ତ କାରଣଗୁଡ଼ିକୁ ଗୋଟି ଗୋଟି କରି ଆଲୋଚନା କଲେ—

(୧) ପ୍ରଥମୋକ୍ତ କାରଣ ଅନୁଯାୟୀ "ମୂଠାଏ ମାଟି" ନାଟକରେ ବ୍ୟବସାୟିକ ନାଚଗୀତଗୁଡ଼ିକର ଏକାନ୍ତ ଅଭାବ ଥିଲା । ମୋ ମତରେ ନାଟକରେ ଯେଉଁ ଧରଣର ନାଚଗୀତ ବ୍ୟବସାୟୀ ରଙ୍ଗମଞ୍ଚରେ ଗତ ତିରିଶ ବର୍ଷଧରି ଚାଲିଆସୁଅଛି, ସେ ଧରଣର ନାଚଗୀତ ଉକ୍ତ ନାଟକରେ ପ୍ରୟୋଗ ହୋଇ ଥିଲା ।

ପ୍ରକୃତରେ ନାଚଗୀତର ଅବତାରଣା କରିବାର ପକ୍ଷପାତୀ ଆମେ ନ ଥିଲୁ । ତେଣୁ ନାଟକଟି ସେ ନାଚଗୀତର ଅଭାବରୁ ଆର୍ଥିକ ସଫଳତା ଲାଭ କରିପାରି ନାହିଁ ବୋଲି ମୁଁ ବିଶ୍ୱାସ କରେ ନାହିଁ ।

(୨) ଦ୍ୱିତୀୟ ଆଲୋଚନାର ବସ୍ତୁ ହେଉଛି ଉନ୍ନତ ମଞ୍ଚକଳାର ଅଭାବ । "ମୂଠାଏ ମାଟି" ନାଟକଟି ଶିଳ୍ପୀ ଏବଂ ନିର୍ଦ୍ଦେଶକମାନଙ୍କ ଚେଷ୍ଟା ଫଳରେ ଏକ ଉଚ୍ଚକୋଟୀର ମଞ୍ଚସଫଳ କରିଥିଲେ ମଧ୍ୟ ଉନ୍ନତ ମଞ୍ଚକଳାର ଅଭାବ ଅଛି ବୋଲି ଆମେ ଅନୁଭବ କରିଥିଲୁ ଏବଂ ଦର୍ଶକ ଓ ସାମ୍ବାଦିକମାନଙ୍କଠାରୁ ସେହି ମର୍ମରେ ମତାମତ ସଂଗ୍ରହ କରିଥିଲୁ । ବିଶେଷତଃ ଆଜିର ସିନେମା ଯୁଗରେ ଦର୍ଶକମାନେ ମଞ୍ଚର ସବୁକିଛିକୁ ସିନେମା ସହିତ ତୁଳନା କରିବାରେ ଟିକିଏ ହେଲେ ପଛେଇ ଯାଆନ୍ତି ନାହିଁ । ଆମେ ସିନା ଅଭିନୟ ଦିଗରୁ ଉନ୍ନତ ହୋଇପାରିବା; କିନ୍ତୁ ଦୃଶ୍ୟପଟ, ଆଲୋକସଜ୍ଜା, ଶବ୍ଦଧ୍ୱନି ଉନ୍ନତତର ହେଲେ ନାଟକ ଯେ ଅଧିକ ଆକର୍ଷଣୀୟ ହେବ ଏଥିରେ ଦ୍ୱିମତ ହେବାର କିଛି ନାହିଁ । ବିଶେଷତଃ ଆର୍ଥିକ ସଫଳତା ଦିଗରେ ଏହା ଯେ ବହୁପରିମାଣରେ ସାହାଯ୍ୟ କରିବ ତାହା ଯେ କେହି ସ୍ୱୀକାର କରିବେ ।

Source: Author, Digitized by PPRACHIN, SOA

ଏହି ନାଟକର ଏକ ଦୃଶ୍ୟରେ ସମୁଦ୍ରର ଝଡ଼ତୋଫାନ କେବଳ ଭାବେ ହୋଇ ସଙ୍ଗୀତ ଓ ଶବ୍ଦଧ୍ୱନି ମାଧ୍ୟମରେ ସୂଚନା ଦିଆହୋଇଥିଲା । ଯଦି ତାହାକୁ ଉନ୍ନତ ଆଧୁନିକ ମଞ୍ଚକଳା ସାହାଯ୍ୟରେ ଅଧିକ ଜୀବନ୍ତ ପରିସ୍ଥିତି ଦିଆହୋଇ-ପାରିଥାନ୍ତା ତେବେ ତାହା ଦର୍ଶକମାନଙ୍କ ପାଇଁ ଉପଭୋଗ୍ୟ ହୋଇପାରନ୍ତା । ସେହିପରି ନାଟକର ଏକ ଦୃଶ୍ୟରେ ସମୁଦ୍ରରେ ଜାହାଜ ଦୂରରୁ ନିକଟକୁ ଆସୁଥିବାର ଦୃଶ୍ୟ special effect ଦ୍ୱାରା ଦିଆହୋଇଥିଲେ ବହୁପରିମାଣରେ ଦର୍ଶକମାନେ କେବଳ ମେଲୋଡ୍ରାମା ଦେଖିବା ପାଇଁ ଭିଡ଼ ଜମାଉଥାଆନ୍ତେ ।

କଲିକତାର 'ବିଶ୍ୱରୂପା' ରଙ୍ଗମଞ୍ଚରେ 'ସେତୁ' ନାଟକରେ ପ୍ରଥମକରି ଚଳନ୍ତା ରେଳଗାଡ଼ିର ଦୃଶ୍ୟ ଏବଂ 'ଲିଟଲ ଥିଏଟର ଗ୍ରୁପ୍'ର ଅଙ୍ଗାର' ନାଟକରେ କୋଇଲାଖଣି ଓ ତା ମଧ୍ୟରେ ପାଣି ପଶିଯିବାର special effect ଉକ୍ତ ନାଟକ ଦୁଇଟିକୁ box-office hit ହେବାରେ କେତେଦୂର ସାହାଯ୍ୟ କରିଛି ତାହା ଯେଉଁମାନେ ଦେଖିଛନ୍ତି ସେମାନେ ନିଶ୍ଚିତ ରୂପେ ଅନୁଭବ କରିଥିବେ ।

ଏହି ଧରଣର ଉନ୍ନତ ମଞ୍ଚକଳାର ଅଭାବ ଓଡ଼ିଶାର ରଙ୍ଗମଞ୍ଚମାନଙ୍କରେ ଏବେ ଅନୁଭବ କରାଯାଉଛି ଏବଂ ଏହାର ପ୍ରଯୋଜକ ନାଟ୍ୟକାର, ନିର୍ଦ୍ଦେଶକ, ମଞ୍ଚ-ପ୍ରଯୋଜକ ଏବଂ ଶିଳ୍ପୀ ସମସ୍ତେ ଏକାଧାରରେ ଅନୁଭବ କରୁଛନ୍ତି ।

ଯେକୌଣସି ପେଶାଦାର ମଞ୍ଚକୁ ପୁନର୍ଜୀବନ ଦେବାକୁ ହେଲେ ଉଚ୍ଚକୋଟୀର ନାଟ୍ୟ ସାହିତ୍ୟ, ଉନ୍ନତ ନିର୍ଦ୍ଦେଶନା ଓ ସୁପ୍ରଯୋଜନା ସହିତ ଉନ୍ନତ ମଞ୍ଚକଳାର ସମନ୍ୱୟ ହେବା ଏକାନ୍ତ ପ୍ରୟୋଜନ ।

(୩) ନାଟକରେ ଟିକେଟ ବିକ୍ରି ନେଇ ଆଲୋଚନା କଲେ ଦେଖାଯାଏ ଯେ ଅଧିକାଂଶ ପେଶାଦାର ସଂସ୍ଥା ନାଟକ ମଞ୍ଚସ୍ଥ କଲାବେଳେ push sell ବା ଜୋର କରି ଟିକେଟ ବିକ୍ରିର ଆଶ୍ରୟ ନେଇଥାଆନ୍ତି । ତାହାର କାରଣ ହେଉଛି, ନାଟକଟିଏ ପ୍ରଯୋଜନା କରିବା ପାଇଁ ଯେତିକି ଅର୍ଥର ଆବଶ୍ୟକ ହୁଏ gate sellରୁ ସେତିକି ପରିମାଣର ଅର୍ଥ ମିଳେ ନାହିଁ ।

ସ୍ୱେଚ୍ଛାରେ ଆସି ଟିକେଟ କିଣି ନାଟକ ଦେଖିବା ଦର୍ଶକଙ୍କ ସଂଖ୍ୟା ବହୁତ କମ୍ । ଅନେକ ସମୟରେ ନାଟକ ପ୍ରଯୋଜକମାନେ ସରକାରୀ ଓ ଅନ୍ୟାନ୍ୟ

Source: Author, Digitized by PPRACHIN, SOA

ଯୋଗାଡ଼ଯନ୍ତ୍ରରେ ବ୍ୟସ୍ତରହୁ ପ୍ରସ୍ତୁତ ଦୃଶ୍ୟକୁ ଅବହେଳା। ବହୁଆକାଂକ୍ଷା କମ୍ପା ଇଚ୍ଛା ଥିଲେ ମଧ୍ୟ ଆର୍ଥିକ ଦୁରବସ୍ଥା ଯୋଗୁ ପ୍ରସ୍ତୁତ ଦିଗରେ ଯଥେଷ୍ଟ ଅର୍ଥ ଖର୍ଚ୍ଚଯୋଗ କରିପାରି ନ ଥାନ୍ତି।

ଏହାବ୍ୟତୀତ ଯେତେ ପ୍ରଚାର କଲେ ମଧ୍ୟ ସିନେମା ଜଗତର ରଙ୍ଗୀନ ପୋଷ୍ଟର ଓ ବ୍ୟାନାର (Banner) ଛଡ଼ଟରେ ନାଟକରେ ସାମାନ୍ୟ ପ୍ରଚାର ଦ୍ୱାର ମାଡ଼ିଯିବାର ଦେଖାଯାଏ। ତେଣୁ gate sellରୁ ଏକତୃତୀୟାଂଶ ବା ଏକଚତୁର୍ଥାଂଶ ଅର୍ଥ ଆଣି କରି ବାକି ଦୁଇତୃତୀୟ ବା ତିନିଭାଗ ଜୋର ଜବରଦସ୍ତି ଟିକେଟ୍ ବିକ୍ରିକରି ଆଦାୟ କରାହୁଏ।

Push sellର ଫଳାଫଳ :

ପରୀକ୍ଷାରେ ଜଣିଜଣ ପାଇ କଲେ ସୁଫଳ ଭବିଷ୍ୟତ ଯାହା ହୁଏ Push sell ଟିକେଟ ବିକ୍ରି କରି ନାଟକ ମଞ୍ଚସ୍ଥ କରି କୌଣସି ସୌଖୀନ ସଂସ୍ଥା ନାଟକ ସାର୍ଥକ ହୋଇଛି ବୋଲି ଗର୍ବ କଲେ ଠିକ୍ ସେଇ ପରିଣତି ହୁଏ। ନାଟକଟି ଲୋକଙ୍କ ମନକୁ ପାଇଛି କି ନାହିଁ ତାହା ଆଦୌ ଜଣାପଡ଼େ ନାହିଁ। ଦ୍ୱିତୀୟତଃ, ଟିକେଟ କିଣିଥିବା ଲୋକେ ଜଣେ ନାଟକ ଦେଖିବାକୁ ନ ଯାଇ ନିଜର ପୁତ୍ରକନ୍ୟା ବା ବନ୍ଧୁବାନ୍ଧବଙ୍କୁ ନିଜର ଟିକେଟଟିଏ ଅବହେଳାରେ ଧରାଇଦେଇଥାଆନ୍ତି। କ୍ୱଚିତ ମଞ୍ଚର Push sell ହୋଇଥିବା ଟିକେଟର ସ୍ଥାନ ଖାଲିପଡ଼େ କିମ୍ବା ଦଳେ ଲୋକ ନାଟକ ଦେଖିବାକୁ ଆସି କରୁ ବୃତ୍ତି ନ ପାଇ ଆଗରେ ବସି ପାଟିତୁଣ୍ଡ କରି ଅନ୍ୟ ଦର୍ଶକମାନଙ୍କୁ ବିରକ୍ତ କରନ୍ତି।

ତେଣୁ ମୋର କହିବାରକଥା ହେଉଛି, ସୌଖୀନ ବା ପେଶାଦାର ନାଟ୍ୟ ସଂସ୍ଥାମାନ ଅନୁଷ୍ଠାନ ଗଢ଼ିତୋଳିବା ପାଇଁ ଲୋକଙ୍କଠାରୁ ଚାନ୍ଦା ନିଅନ୍ତୁ; କିନ୍ତୁ ନାଟକ ଦେଖିବା ପାଇଁ ନୁହେଁ। ନାଟକ ଯେପରି ଉନ୍ନତ, ଉଚ୍ଚକୋଟୀର ହୋଇ ଆପେ ଆପେ ବହୁ ପରିମାଣରେ ଦର୍ଶକ ଆକର୍ଷଣ କରିବ ସେ ଦିଗରେ ସେମାନେ ଆଲୋଚନା, ଗବେଷଣା କରି ନୂଆ ଫର୍ମୁଲା ବାହାର କରନ୍ତୁ। ଏ ଦାୟିତ୍ୱ କାହାର ଏକା ନୁହେଁ; ନାଟ୍ୟକାର, ଶିଳ୍ପୀ, ପ୍ରଯୋଜକ, ନିର୍ଦ୍ଦେଶକ ସମସ୍ତଙ୍କର।

କେତେକ ପେଶାଦାର ମଞ୍ଚର କର୍ମକର୍ତ୍ତାମାନଙ୍କଠାରୁ ମୁଁ ଶୁଣିଛି ଯେ ଓଡ଼ିଆ ଦର୍ଶକ ସଂଖ୍ୟା କ୍ରମେ କମିଯାଉଛି। ମୁଁ ଏ ଦିଗରେ ଏକମତ ନ ହେଲେ

Source: Author, Digitized by PPRACHIN, SOA

ସୁଦ୍ଧ ଏଭଳି କଳ୍ପନାରେ ଯେ ଆମର ସୌଖୀନ ବା ପେଶାଦାର ମଞ୍ଚ ସେଭଳି ଓଡ଼ିଆ ଦର୍ଶକଙ୍କ ଭିତରେ ସୀମାବଦ୍ଧ ହେବା ବା ଉର୍ଭର ଉଧିବା ଉଚିତ ନୁହେଁ ।

ନାଟକ ଏମନ୍ତ ହେବା ଉଚିତ ଯେପରି ପ୍ରାଦେଶିକ ଭାଷା ବୁଝିପାରୁ ନ ଥିବା ଲୋକେ ମଧ୍ୟ ତାହା ଦେଖି ବୁଝିପାରିବେ ଏବଂ ଉପଭୋଗ କରିପାରିବେ ।

ଅଭିନୟ, ମଞ୍ଚସଜ୍ଜା, ଆଲୋକ ସମ୍ପାତ ସଙ୍ଗୀତ ଓ ସାଜସଜ୍ଜା ଇତ୍ୟାଦି କଳ୍ପନା ଉପରୁ ଅନ୍ୟ ଭାଷାଭାଷୀଙ୍କ ମନ ଜିଣିନେବାର ଶକ୍ତି ରହିଛି କେବଳ ନାଟକର, କାରଣ ନାଟକ ହେଉଛି ଦୃଶ୍ୟକାବ୍ୟ ।

ହଦ ହଦଣ ସ୍ତୂପ, ଓଡ଼ିଶାର ରଙ୍ଗମଞ୍ଚରେ କୋଣାର୍କ, ଜଳାପାହାଡ଼ ଅଭିଯାନ, କବିସୂର୍ଯ୍ୟ, ପ୍ରତାପରୁଦ୍ର, ବକ୍ସି ଜଗବନ୍ଧୁ, ଜୟଦେବ, ରକ୍ତମାଟି, ଭାଇଭାଇ ମଣିକଯୋଡ଼ି, ପରଜନମ, ସାଧନା, ଝଞ୍ଜା, ମଲ୍ଲଜନ୍ମ, ଅଶାନ୍ତ ଗ୍ରହ ଇତ୍ୟାଦି ନାଟକ ଯେକୌଣସି ଭାଷାର ଦର୍ଶକଙ୍କୁ ଆକର୍ଷଣ କରିପାରୁଛି ଏବଂ ଆର୍ଥିକ ଦୃଷ୍ଟିରୁ ମଞ୍ଚକୁ ବଞ୍ଚାଇପାରୁଛି ।

କଲିକତାରେ ନାଟକଗୁଡ଼ିକ ଏପରି ଭାବରେ ଲେଖାହେଉଛି ଏବଂ ସେଥିରେ ପ୍ରତୀକାତ୍ମକ ମଞ୍ଚସଜ୍ଜା ଓ ଆଲୋକ ସମ୍ପାତ ଇତ୍ୟାଦି ଏପରି ଭାବରେ ଦର୍ଶାଯାଇପାରୁଛି ଯାହା ଭାଷାର ପ୍ରାଚୀର ଲଙ୍ଘନ କରି ଯେକୌଣସି ଦର୍ଶକଙ୍କୁ ଆକର୍ଷଣ କରିପାରିବାରେ ସମର୍ଥ ।

'ସେତୁ' ନାଟକରେ ସନ୍ତାନହରା ଜନନୀର ଅଶ୍ରୁ ଆବେଗ ଏବଂ ଚଳନ୍ତା trainକୁ ବୁଝିବା ପାଇଁ ଭାଷାର ପ୍ରୟୋଜନ ନାହିଁ । ସେହିପରି 'ଅଙ୍ଗାର' ନାଟକରେ ଯେ ଉନ୍ନତିଶୀଳ ଶ୍ରମିକଙ୍କ ସମସ୍ୟା ଉପର ଶ୍ରମିକମାଲିକ ସଂଘର୍ଷ ଯୁଗରେ ବହୁ ଦର୍ଶକଙ୍କୁ ଆକର୍ଷଣ କରିବା ସ୍ୱାଭାବିକ । 'କଲ୍ଲୋଳ' ନାଟକରେ ଜାହାଜ ଉପରେ ଯୁଦ୍ଧର ଦୃଶ୍ୟ ଏବଂ ମୂଳରୁ ଶେଷଯାଏ ଉତ୍ତେଜନାପୂର୍ଣ୍ଣ ସଂଳାପ ବୁଝିବା ପାଇଁ ଭାଷାର ଆବଶ୍ୟକତା ନାହିଁ ।

ଶେଷରେ ମୋର ଏତିକି କହିବାର କଥା ଯେ ପେଶାଦାର ଓ ସୌଖୀନ ମଞ୍ଚମାନେ ଅନୁସ୍ଥାନ୍ତ ନ ହୋଇ ଉନ୍ନତ ନାଟକ, ଉନ୍ନତ ମଞ୍ଚଶୈଳୀ ଓ ଉନ୍ନତ ପ୍ରେମ ଲୀଳା ବ୍ୟବନାଟକଗୁଡ଼ିକୁ box-office hit କରନ୍ତୁ । କଳାକାର ଯଦି

Source: Author, Digitized by PPRACHIN, SOA

ତାହାର ଦୁଆରେ ଗୋଡ଼ଘଙ୍କି ଛୁଡ଼ାଇବ ତା'ହେଲେ ଚଉଦନ ପାଇଁ ଏ ଦେଶର କାଳକାର ଭିକ୍ଷୁକ ହୋଇ ରହିଯିବ ।

(୪) ସାଧାରଣତଃ ପେଶାଦାର ରଙ୍ଗମଞ୍ଚରେ ଅଗସିଟ୍‌ଗୁଡ଼ିକ ଖାଲି ପଡ଼ିବାର ଦେଖାଯାଏ କିମ୍ବା ସେଥିରେ ଯେଉଁମାନେ ଆସନ ଗ୍ରହଣ କରଥାନ୍ତି ସେଥିମଧ୍ୟରୁ ଅଧିକାଂଶ ମାହାଳିଆ ଦର୍ଶକ । ଏହି ମାହାଳିଆ ଦର୍ଶକମାନଙ୍କ ସଂଖ୍ୟା କ୍ରମେ ବଢ଼ିଚାଲିଥିବାର ଦେଖାଯାଉଛି । ବନ୍ଧୁବାନ୍ଧବ, ପ୍ରିୟାପ୍ରୀତି କିମ୍ବା ଉପକାରୀ ଲୋକଙ୍କୁ ଡାକିଆଣି ନାଟକ ଦେଖାଇବାରେ ଆନନ୍ଦ ଅଛି; କିନ୍ତୁ ଯେଉଁମାନେ ବିନାପଇସାରେ ନାଟକ ଦେଖିବାକୁ ଆସନ୍ତି, ମଞ୍ଚର ଦୁରବସ୍ଥା ବେଳେ ସେମାନେ କରିଛନ୍ତି ବା କରୁଛନ୍ତି କଣ ? କେବଳ ନୀରବ ଦର୍ଶକ ନ ସାଜି ମଞ୍ଚକୁ ବଞ୍ଚାଇ ରଖିବାପାଇଁ ମଞ୍ଚର କର୍ମକର୍ତ୍ତାମାନଙ୍କୁ ସେମାନେ ଆର୍ଥିକ ବା ଅନ୍ୟ ଯେକୌଣସି ଢଗରେ ସାହାଯ୍ୟ କରିବା ଉଚିତ; କିନ୍ତୁ ତାହା ସେମାନେ ପ୍ରାୟ କରନ୍ତି ନାହିଁ, ଅଥଚ ନାଟକ ଉପଭୋଗ କରିବାରେ ସେମାନଙ୍କର ସଉକ ଅଛି !!

"ମୂଠାଏ ମାଟି" ନାଟକ ମଞ୍ଚସ୍ଥ ହେଉଥିବାବେଳେ ତୃତୀୟ ସପ୍ତାହରେ ଗୋଟିଏଦିନ ଆମେ ବିନାମୂଲ୍ୟରେ ନାଟକ ପରିବେଷଣ କରିଥିଲୁ । କାରଣ ଭାରତୀୟ ନାଟ୍ୟସଙ୍ଘର ଓଡ଼ିଶା ଶାଖାର ସଭାପତି ଶ୍ରୀଯୁକ୍ତ ଉଦୟନାଥ ମିଶ୍ର ନାଟ୍ୟସଙ୍ଘର ଜଣେ ସର୍ବଭାରତୀୟ କର୍ମକର୍ତ୍ତାଙ୍କ ଆଗମନ ଉତ୍ସବ ପାଇଁ ଆମକୁ ବିନାମୂଲ୍ୟରେ ନାଟକ ପରିବେଷଣ କରିବାକୁ ଅନୁରୋଧ କରିଥିଲେ ।

ସେଦିନ ଦର୍ଶକଙ୍କ ସଂଖ୍ୟା ଭାରିରେ କଅଣ ! ହଲ ଭରପୁର, ନାଟକ ଶେଷରେ ସେମାନଙ୍କ ମୁହଁରେ ବହୁ ପ୍ରଶଂସା । ଏହି ଟିକେଟ ନ କିଣିବା ଦର୍ଶକମାନେ କ'ଣ କେବେ ବୁଝନ୍ତି ଯେ ସେମାନଙ୍କର ମୌଖିକ ପ୍ରଶଂସାରେ ମଞ୍ଚ ବଞ୍ଚିପାରିବ ନାହିଁ ।

ଶେଷରେ ମୋର ଅନୁରୋଧ ଯେ ମଞ୍ଚର କର୍ମକର୍ତ୍ତାମାନେ ସୌଖୀନ ହୁଅନ୍ତୁ ବା ପେଶାଦାର ହୁଅନ୍ତୁ ନାଟକ ମଞ୍ଚସ୍ଥ କଲାବେଳେ ବାହାରେ Pushsell ନ କରି ଆଗେ ନିଜର ବନ୍ଧୁବାନ୍ଧବ ଯେଉଁମାନେ କି ଆଗେ ପାସ୍‌ମାଗିବାକୁ ଆସନ୍ତି ସେମାନଙ୍କୁ ଟିକେଟ ବିକି କରିବେ ।

Source: Author, Digitized by PPRACHIN, SOA

ଏହି ସମସ୍ୟାର ସମାଧାନ :

ଅନେକେ ଚିନ୍ତା କରୁଛନ୍ତି ଯେ ଓଡ଼ିଶାର ରଙ୍ଗମଞ୍ଚକୁ ବଞ୍ଚାଇବା ପାଇଁ ସରକାରଙ୍କ ତରଫରୁ କିଛି କରିବାର ଅଛି । ଲୋକେ ଭାବନ୍ତି, ସରକାରଙ୍କ ତରଫରୁ ଏକ ମଞ୍ଚ ତିଆରି ହେଉ ଏବଂ ସରକାରୀ ଅଫିସ ଭଳି ସେଠି ଦରମା ଦିଆଯାଇ ଶିଳ୍ପୀ, ଲେଖକ, ନିର୍ଦ୍ଦେଶକ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତ ହୁଅନ୍ତୁ ।

ମୁଁ କିନ୍ତୁ ଏ ବ୍ୟବସ୍ଥାର ପକ୍ଷପାତୀ ନୁହେଁ । କାରଣ କଳା ସରକାରୀ ନିୟନ୍ତ୍ରିତ ହେବା କୌଣସି ଗଣତାନ୍ତ୍ରିକ ଦେଶ ପକ୍ଷରେ ଉଚିତ ନୁହେଁ । ଯଦି ସରକାରୀ ଅର୍ଥ ଓ ନିୟନ୍ତ୍ରଣରେ ଏପରି ଏକ ଅନୁଷ୍ଠାନ ଗଢ଼ିଉଠେ ଏବଂ ସେ ଅନୁଷ୍ଠାନ କେତେଜଣ ଦରମାଖିଆ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହୁଏ ତେବେ କଳାକାରଙ୍କର ଦରମା ଉପରେ ଲକ୍ଷ୍ୟ ରହିବ । ଉନ୍ନତ କଳା ସୃଷ୍ଟି ହୋଇପାରିବ ନାହିଁ । ଫଳରେ କଳା ସରକାରୀ ଫାଇଲ ତଳେ ଚାପିହୋଇ ରହିଯିବ, ଯେପରି ସରକାରୀ ଲଟାରୀ ହୋଇଛି ।

ସରକାରୀ ପ୍ରଚେଷ୍ଟାରେ କଳା ସୃଷ୍ଟି କରିବାର ପରିବେଶ ଆମ ଦେଶରେ ସୃଷ୍ଟି ହୋଇନାହିଁ କି ଆମ କଳାକାରମାନଙ୍କର ସେତେଦୂର ମାନସିକ ବିକାଶ ଘଟିନାହିଁ ।

ଦ୍ୱିତୀୟ କଥା ହେଲା, ରଙ୍ଗମଞ୍ଚରେ ସମାଜ, ସମସ୍ୟା, ଶାସନନୀତିକୁ ସମାଲୋଚନା କରିବାର ଯେଉଁ ନିରଙ୍କୁଶ ଓ ଦୁଃସାହସିକ ସ୍ୱାଧୀନତା ଗଣତାନ୍ତ୍ରିକ ଦେଶରେ ଏଯାଏଁ ରହିଆସିଛି ଆପେ ଆପେ ତାହାର କଣ୍ଠରୋଧ ହୋଇଯିବ ।

ସରକାରୀ ନିୟନ୍ତ୍ରଣାଧୀନ ବିଭିନ୍ନ ବିଭାଗରେ ଯେଉଁ ପ୍ରିୟାପ୍ରୀତି ଶୋଷଣ, ଦୁର୍ନୀତି, ଅର୍ଥ ଶୋଷଣପାତ ଓ ପରିଚାଳନାଗତ ବିଶୃଙ୍ଖଳାର କୁ-ପରମ୍ପରା ରହିଛି ତାହା ଉକ୍ତ ମଞ୍ଚ ଅନୁଷ୍ଠାନକୁ ଖୁବ୍ ଶୀଘ୍ର କଳୁଷିତ କରିବ । ତାକୁଇ କେନ୍ଦ୍ର କରି ଧର୍ମଘଟ, ଆନ୍ଦୋଳନ, ସ୍ଲୋଗାନ ଓ ଶେଷରେ ମଞ୍ଚରେ ତାଲା ପଡ଼ିବାଯାଏ ଯିବ ।

ତେଣୁ ସେ ଧରଣର ଅପଚେଷ୍ଟା ହେବା ଆଦୌ ଉଚିତ ନୁହେଁ; ବରଂ କଳାପ୍ରେମୀ ଦର୍ଶକ, ନିର୍ଦ୍ଦେଶକ, ନାଟ୍ୟକାର ଓ ଶିଳ୍ପୀ, ଏମାନଙ୍କ ତରଫରୁ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ କରି ସରକାରଙ୍କଠାରୁ କିଛି ପରିମାଣରେ ଆର୍ଥିକ ସାହାଯ୍ୟ ଅଣାଯାଇପାରେ ।

Source: Author, Digitized by PPRACHIN, SOA

ମୋର ବିଶ୍ୱାସ, ଭବିଷ୍ୟତରେ କେନ୍ଦ୍ର ହେଉଲ ଏପରି ଏକ ଯୋଜନାପାଇଁ ଆଗେଇ ଆସିବେ । ନାଚଗୀତ ନେଇ ଅନେକ ଅନୁଷ୍ଠାନ ଏ ଦେଶର ବିଭିନ୍ନ ପ୍ରାନ୍ତରେ ଗଢ଼ିଉଠିଥିବାର ମୁଁ ଶୁଣିଛି । ବ୍ୟକ୍ତିଗତ ଚେଷ୍ଟାରେ ଗଢ଼ିଉଠିଥିବା "କଳାବିକାଶ କେନ୍ଦ୍ର" ଓ ତାହାର କର୍ମକର୍ତ୍ତାମାନଙ୍କର ମହନୀୟ ଆଦର୍ଶ ଏ କ୍ଷେତ୍ରରେ ଅନୁକରଣୀୟ ବୋଲି ମୁଁ ମନେକରେ ।

ଆସନ୍ତୁ, ଆମେ ସମସ୍ତେ ମିଶି ନାଟକର ବିକାଶ ପାଇଁ ସେପରି ଏକ ଅନୁଷ୍ଠାନ ଗଢ଼ିତୋଳିବା । ମନଥିଲେ ଅର୍ଥ ଓ ଅନ୍ୟାନ୍ୟ କଥାର ଅଭାବ ହେବ ନାହିଁ ।

କଳା ଓ କଳାକାରର ଶୁଭକାମନା ଲଭି

ଲେଖକ

ଯେଉଁମାନଙ୍କ ଶୁଭେଚ୍ଛା, ସମାଲୋଚନା ଓ ଆଶୀର୍ବାଦ ଲାଭ କରି "ମୁଠାଏ ମାଟି" ନାଟକ ଧନ୍ୟ ହୋଇଛି, ସେମାନେ ହେଲେ—

୧ । କବି ଶ୍ରୀ ବୈକୁଣ୍ଠ ପଟ୍ଟନାୟକ
୨ । ନାଟ୍ୟକାର ଶ୍ରୀ ଉଦୟନାଥ ମିଶ୍ର
୩ । ନାଟ୍ୟକାର ଶ୍ରୀ କାର୍ତ୍ତିକ ଘୋଷ
୪ । ଅଧ୍ୟାପକ ଶ୍ରୀ ଜୟକୃଷ୍ଣ ମିଶ୍ର
୫ । ନାଟ୍ୟକାର ଶ୍ରୀ ରାମଚନ୍ଦ୍ର ମିଶ୍ର
୬ । ପଦ୍ମଶ୍ରୀ ସଚ୍ଚି ରାଉତରାୟ
୭ । କର୍ଣ୍ଣେଲ ଗୁପ୍ତ (Director, Song and Drama division, India)
୮ । ଲେଖିକା ଶ୍ରୀମତୀ ସୀତାଦେବୀ ଖାଡ଼ଙ୍ଗା
୯ । ଶିଳ୍ପୀ ଶ୍ରୀ କୃଷ୍ଣଚନ୍ଦ୍ର ପାଣ୍ଡେ
୧୦ । ଶ୍ରୀଯୁକ୍ତ ଶ୍ରୀହର୍ଷ ମିଶ୍ର
୧୧ । ଶ୍ରୀଯୁକ୍ତ ଗୋବର୍ଦ୍ଧନ ମିଶ୍ର
୧୨ । ନାଟ୍ୟକାର ଶ୍ରୀ ନରସିଂହ ମହାପାତ୍ର
୧୩ । ଶିଳ୍ପୀ ଶ୍ରୀ ଅକ୍ଷୟ ମହାନ୍ତି
୧୪ । ଶ୍ରୀ ଲୋକନାଥ ମିଶ୍ର, ଏମ୍. ପି.

Source: Author, Digitized by PPRACHIN, SOA

# ପ୍ରଥମ ଅଙ୍କ

## ପ୍ରଥମ ଦୃଶ୍ୟ

[ ମଞ୍ଚର ଶେଷ ଅଂଶରେ ଡାହାଣ ପାଖକୁ ଲାଗି ଗାଁ କୃଷୀ ଅରକ୍ଷିତର ଘର । ମାଟିପିଣ୍ଡା, ଗୋବରଲିପା ଚଟାଦିଆ କାନ୍ଥ, କୁଆରବନ୍ଧ, ପଟିକିଆ କବାଟ, ଚାଳରୁ ଓହଳିଛି କେତେ ଗୁଞ୍ଜିଏ ଧାନକେଣ୍ଡା ଓ ଶିକାରେ ଥିବା ହାଣ୍ଡି, ଠେକା ଇତ୍ୟାଦି । ଚାଳଘରଟି ମଞ୍ଚର ଗୋଟିଏ ଦିଗକୁ, ଦର୍ଶକମାନଙ୍କ ଆଡ଼ୁ ଦେଖିଲେ କବାଟଟି ପୁରାପୁରି ଅଟେଇ ରହିଛି । ଚାଳର ମଥାନ ଉପରେ ଓହଳିଛି ନଡ଼ିଆଗଛର ବହୁଙ୍ଗା ସବୁ ।

ମଞ୍ଚର ଅନ୍ୟ ଦିଗରେ ଘରପାଖରୁ ଲାଗି ଲମ୍ବିଯାଇଛି କଞ୍ଚା ବାଡ଼—ସିଜୁ, କିଆ ଓ ନାଗଫେଣୀର କଣ୍ଟାଝଟା । ସେଇ କଣ୍ଟା ବାଡ଼ ପଛରେ ଦେଖାଯାଉଛି ଗାଁର ଗୋହରୀ, ନଡ଼ିଆ ଓ ତାଳ ଗଛର ମଥାନ ସବୁ ଆକାଶକୁ ମଥା ଟେକିଛି ତା'ଭିତରୁ । ଆହୁରି ଦୂରକୁ ଦେଖାଯାଉଛି ଅଦୂରରେ ଥିବା ସମୁଦ୍ର ଓ ତା ସାଥିରେ ମିଶି ହଜିଯାଇଥିବା ଆକାଶ ।

ଚାଳଘରଟି ଦେଖିଲେ ବୁଝିହୁଏ ତାହା ଏକ ସ୍ୱଚ୍ଛଳ କୃଷୀ ପରିବାରର ଶାନ୍ତିମୟ ନୀଡ଼ । ସକାଳ ସେଠି ଆରମ୍ଭ ହୁଏ ଗୋରୁଗାଈର ହମ୍ବାରଡ଼ିରେ; ସଞ୍ଜ ନଇଁଆସେ ଚଉରାତଳର ଦୀପ ଓ କୃଷୀବୋହୂର ଶଙ୍ଖଧ୍ୱନିରେ । ଚାଳଘର

Source: Author, Digitized by PPRACHIN, SOA

ଭଙ୍ଗାବାଡ଼ିର ଅଗକୁ ମଝିର ପାଦପ୍ରଦୀପଯାଏ ବସ୍ତୀଘରର ଅଗଣା । ଏହି ଅଗଣା ଭିତରେ କୋଉଠି ହଳଲଙ୍ଗଳ, କୋଉଠି ଜାଲ ଦଣ୍ଡ, ସ୍ତ ଇତ୍ୟାଦି ଯାବତୀୟ କୃଷି ଓ ମାଛଧରାର ସରଞ୍ଜାମ ରହିଛି । ଅପରାହ୍ଣର ଅନେକ ମଉଳିଆସିବାବେଳକୁ ଗାଁର ଅଭିଯାତ୍ରୀ ଝିଅ ଶାମୁକା ହାତରେ ଲେମ୍ବୁଟିଏ ଛଟେଇ ଛଟେଇ ବାହାରୁ ଅଗଣା ଭିତରକୁ ପଶିଆସିଛି । ]

ଶାମୁକା—ମାଉସୀ···ମାଉସୀ···!

ରେବ—(ରେବତୀ ଘରଭିତରେ ଥାଇ ଜବାବ ଦେଲା) କଣ କଲେ ? ଏମିତି ପାଟିକରି ସାଇ ଡକାଉଚ ଯେ—

[ ବାହାରକୁ ଆସି ଶାମୁକାକୁ ବୁଝିଲା ]

ଶାମୁକା—ଆମର ପରା ଲଙ୍କା ନାହିଁ । ସେଇଥିପାଇଁ ଚାଲିଆସିଲି ତୋ ପାଖକୁ । ଦେଲୁ, ଟ'ଟା ଲଙ୍କା ଦେଲୁ ।

ରେବ—କଲେ, ତମ ବାଡ଼ିରେ ପରା ଏତେ ଲଙ୍କା ହେଉଥିଲା···

ଶାମୁକା—ସେ ଆଉ ଅଛୁ !

ରେବ—ତୁ ଯେମିତି ଟ'ଣ ଖଟା ଲେମ୍ବୁ ଚକଟି ଖାଉଛୁ, ସାତ କଅଁଳଲଙ୍କା ପରା ତତେ ଅଣ୍ଟିବ ନାହିଁ !

ଶାମୁକା—ନ ଅଣ୍ଟିଲେ ନାହିଁ···ତୁ ଦେଲୁ ।

ରେବ—ଆଣୁଛି ରହ । (ରେବ ଭିତରକୁ ଗଲା)

ଶାମୁକା—ଲୁଣ ମେଞ୍ଚାଏ ଆଣିଥିବୁ, ଆଉ ପଥର ବାଟିଟା !

ରେବ—(ଭିତରୁ) ମୁଁ ଜାଣେପରା, ତୁ ଯେତେବେଳେ ଆସୁ ମତେ କଣ ଆଉ କୋଉ କାମ କରେଇଦଉ ! ଲଙ୍କା, ତା ପଛକୁ ଲୁଣ, ପଥରବାଟି—

[ ପଥର ବାଟି, ଲୁଣ, ଲଙ୍କା ହାତରେ ଧରି ବାହାରକୁ ଆସିଛି ]

ଶାମୁକା—ଦେ'ବା, ସେ ଲୁଣ ମରିଚକୁ ଟିକେ ଚକଟ ।

[ ଶାମୁକା ଛଟେଇଥିବା ଲେମ୍ବୁଟି ରେବତୀ ହାତକୁ ବଢ଼ାଇଦେଲା ]

Source: Author, Digitized by PPRACHIN, SOA

ରେବ—ତୋର କାମ କରୁ କରୁ ତ ମୋର ଜନ ଯିବ ।

[ ରେବତୀ ଲେମ୍ବୁ, ଲୁଣ, ଲଙ୍କା ପଥର ବାଟିରେ ଚକଟୁ ଚକଟୁ କହିଲା ]

ଶାମୁକା—ଯୋଉ ତ କାମ !

ରେବ—ଯୋଉ ତ କାମ ? ତମ ଘରେ ଯିନା ବାପଝିଅ ଦ'ଜଣ ଯେ, ଓଳିଏ ରାନ୍ଧିଲେ ଓଳିଏ ପଖାଳ କରିଦେଉଚ ।

[ ରେବତୀ ଶାମୁକା ହାତକୁ ପଥର ବାଟିଟା ବଢ଼ାଇ ଦେଉଛି ]

ଶାମୁକା—ତମେ ଏବେ ସେମିତି କରିଦେଉନ । ପଖାଳ ଶୁଖୁଆ ଅଛି ଏଇଥିରୁ ଟିକିଏ, ଅଉ କଣ ଦରକାର ?

[ ଶାମୁକା ଲେମ୍ବୁ ଚକଟା ଖାଇବାକୁ ଆରମ୍ଭ କରୁଛି ଏବଂ ଲଙ୍କା ଯୋଗୁ ସୁ'-ସା' ହେଉଛି ]

ରେବ—ଜନେ, ଅମ ଘରେ ପଖାଳ ଖାଇବ କିଏ ? ଅମେ ବୁଢ଼ା-ବୁଢ଼ୀ ଦ'ଟା ଯିନା ପଖାଳ ଖାଉଦବୁ । ହେଲେ ସେ ଟୋକା ଦଇଟା…

ଶାମୁକା—କାହିଁକି ? ତାଙ୍କୁ ବି ପଖାଳ ଦଉନ ।

ରେବ—ସେ ପଖାଳ ଖାଇବେ ! ଜନେ, ମଧୁଅଟା ହବ ଯଉ ଗୁଣ୍ଡାଏ କି ଦ'ଗୁଣ୍ଡା ମୁହଁରେ ଦବ, ହେଲେ ସବୁଟା ସବୁବେଳେ ତଳକୁ ।

ଶାମୁକା—ତୋର ଯୋଗୁ ନା ! ଖାତପୁଅ, ଭୋଡ଼ପୋଛୁ ଗେନ୍ଦ୍ରାକନ୍ଦନ, ଓଃ, ସ୍ୱର ତ ! ପଖାଳ ପାଇବେନି ! ହଉ, ଦେଖିବା ଦେଖି, କେମିତି ନ ଖାଇବେ !

ରେବ—ରୁ ଜୋର କରି ଖୋଇଦବୁ ନା କଣ ?

ଶାମୁକା—ହଁ, ଜୋରକରି । କଥା ରହିଲା, ମୁଁ ଥରେ ବାଢ଼ିକି ଦେବି, ଦେଖିବା କେମିତି ସେ ନ ଖାଇବେ ! ମାଉସୀ, ଅଉ ଦ'ଟା ଲଙ୍କା, ଅଉ ଧନଅପତ୍ର ଦ'ଟା ଆଣିଥିବୁ ।

ରେବ—ଜନେ, ଅଜି କ'ଣ ତୋର ଅଉ ଘରକୁ ଯିବାକୁ ମନହେଉନି ?

Source: Author, Digitized by PPRACHIN, SOA

ଶାମୁକା—ନାହିଁ ।

ରେବ—ନାହିଁ ?

ଶାମୁକା—ବା’ ଯାଉଛି ଦଣ୍ଡଆଡ଼କୁ ।

ରେବ—ବା’ ଗଲେ କ’ଣ ହେଲା ? ସାଇର ଯଦି କେବେ ଦେଖିଥିବ ତୁ ଆମ ଘରକୁ ଆସୁଚୁ, ତା’ହେଲେ ମାରିଦେବ ଯେ…

ଶାମୁକା—ମାରିଲେ ମାରିବ ।

ରେବ—ତୋ ବା’ ଯୋଉ ଲୋକ, ଆମ ଘରକୁ ଆଇଚୁ ଶୁଣିଲେ ତୋ’ ଗୋଡ଼ ଚଣ୍ଡି ଚେଷ୍ଟା କରିଦେବ ।

ଶାମୁକା—ହଁ, ଜାଣିଲେ ତ’ଟା ମାରିବ । ଏମିତି ତ କେତେଥର ମାଡ଼ଖାଇଲିଣି, କୋଉ ଏବେ…

ରେବ—ତୁ କାହିଁକି ଆଇଚୁ ଏଠିକି ?

ଶାମୁକା—ମୋ ମନ, ମୋ ଖୁସି ।

ରେବ—ଆଲୋ, ତୋ’ ବାପ ତ ଖବୁଚ ଆମେ ତା’ର ବଇରୀ । କ’ଣ ଯେ ଆମେ ତା’ର ନେଇଯାଇଚୁ ନା ଖାଇଯାଇଚୁ କେଜାଣି ?

ଶାମୁକା—କେଜାଣି ତା କଥା ସେ ଜାଣିଥିବ ।

ରେବ—କେତେଦିନ କଏ ଖାଇବ, ଗଲାବେଳେ କଏ କ’ଣ ନେଇଯିବ, ଏକା ଗାଁରେ ରହି ସାଇପଡ଼ିଶା ହେଇ କ’ଣପାଇଁ ଏତେ ଅହଙ୍କା ?

ଶାମୁକା—ହୁଏନ ! ଆଜିକାଲି ଏ ଇଲାକାରେ ସମସ୍ତେ ଭଲରେ ମନ୍ଦରେ ଅରକ୍ଷିତ ମଉସା ପାଖକୁ ଦଉଡ଼ି ଆସୁଚନ୍ତି । ଏଇ ଅରକ୍ଷିତ ମଉସା ବି ହେଇମିତ: ଆପଦ ବିପଦବେଳେ ସଭିଙ୍କ ଦୁଆରେ ଯାଇ ଠିଆହଉଚି । ମୋ ବା’ର ଜମିଜମା, ଗହଣାଗାଣ୍ଠି ବନ୍ଧକ କାରବାରପରି ଅଚଳ ହେଲାଣି । ତେବେ କ’ଣ ଆଉ ତା ପାଖକୁ ଆସୁଚି ?

[ ବାହାରୁ ଓ କହାଣ ଆସିଚୁ ଅରକ୍ଷିତର ବଡ଼ପୁଅ ମଧୁ । ଫୁଲଫାଙ୍କିଆ ଫେସନ୍‌ବାଜ ଟୋକାଟାଏ ]

ମଧୁ—ବୋଉ…ଆଲୋ ବୋଉ…!

ଶାମୁକା—ମୁଁ ଯାଉଚି, ମାଉସୀ ! (ଯିବ କୁ ଉଦ୍ୟତ)

Source: Author, Digitized by PPRACHIN, SOA

ମଧୁ—କାହିଁକି, ତୋ ନେମ୍ବୁଚଟଣୀ ସରିଗଲାଣି କି ?

ଶାମୁକା—ନା, ତୁ କାଲେ ପେଟରେ ପଶିଯିବୁ !

ମଧ—ହଁ, ତୋ ପେଟରେ ତ ଖାଲି ସମସ୍ତେ ପଶିଯାଉଛନ୍ତି, ସେଇଥିପାଇଁ ଲୁଚି ଲୁଚି ଆସି ଏଇଠି ଖାଉଛୁ ।

ଶାମୁକା—ମୁଁ ଯାଉଛି, ମାଉସୀ, ତୋ ବାଟିଟା ଆଣି ପରେ ଦେଇଯିବି । (ପ୍ରସ୍ଥାନ)

ମଧୁ—ହଁ, ଭଲକଥା ଘଣ୍ଟିଚୁଡ଼ି ହଟାକର ଆଣିଦେଇଯିବୁ । ଏ ବୋଉ, ଦେଲୁ ଚଞ୍ଚଳ ।

ରେବ—କଣରେ ଭଅଣ ?

ମଧୁ—ସୁଙ୍ଗେ ଜଡ଼ିଆ ।

ରେବ—ଭଅଣ ହବ ?

ମଧୁ—ରଘୁଆକୁ ଦେବି ।

ରେବ—ନାହିଁକି ? ତାକୁ କାହିଁକି ଦବୁ ?

ମଧୁ—ତାକୁ କହିଥିଲି ଯେ, ସେ ପରା ହାଟରୁ ଏସବୁ ମୋପାଇଁ ଆଣିଛି । (ସୁନ୍ଦର ଗୋଟାଏ ସେଣ୍ଟ୍ ଡାମିଶା ଆଇନା ପାଉଡ଼ର କାଢ଼ି ବୋଉକୁ ଆଗ୍ରହରେ ଦେଖାଇଛି ।)

ରେବ—ହେଗୁଡ଼ାକ ଆମର କଣ ହବ ? କଣରେ ଘରେ ପରା ଏରୁଟା ଅଛି ।

ମଧୁ—ଅଛି ଯେ ହେଲେ ମେଣ୍ଟରେ କ'ଣ ମୁହଁ ଦେଖା ଯାଉଛି !

ରେବ—ତୁ ବିଲକୁ ନ ଯାଇ ଏବେ ଏଇଆ କରୁଚୁ, ନା ?

ମଧୁ—ବିଲକୁ ତ ଯାଇଥିଲି, ବାଟରେ ରଘୁଆ ଦେଖା ହେଲା । ତା ସାଙ୍ଗେ ତା ଘରକୁ ଯାଇ ଏଇ ତ ଆସୁଚି ।

ରେବ—ବିଲରୁଣ୍ଡି ତୁ ଯାଇ ରଘୁଆ ଘରେ ଉଠିଲୁଣି ! ତୋ ବାପ ଜାଣିଲେ ରଖିବ ?

ମଧୁ—ବିଲକାମ କୁଆଡ଼େ କଣ ପଳେଇଯାଉଛି ? ଆଜି ନ ହେଲେ କାଲି ହବ । ହେଲେ ରଘୁଆଠୁ ଆଜ ଏବୁ ନ ଆଣିଥାଆନ୍ତି ନା, ସେ ପରା ସେ ନାଚ ପାର୍ଟିର ଓସ୍ତାଦ୍କୁ ଦେଇ ଦେଇଥାଆନ୍ତା; ତୁ ଦେଲୁ, ନଡ଼ିଆ ଦେଲୁ ।

Source: Author, Digitized by PPRACHIN, SOA

ରେବ—କଣ୍ଡଆ ଚାହିଁ ?

ମଧୁ—କାହିଁ ! ହଉ, ଘରେ ସିନା ନାହିଁ, ବାଗରେ କ'ଣ ନାହିଁ ? ମୁଁ ଚାଳିଃ
ନେଇପାରିବ ସେ । (ପ୍ରସ୍ଥାନ)

ରେବ—ଆରେ, ଶୁଣିଯା ! ଯା, ତୋ ଇଚ୍ଛା ଯାହା ସେଇଆ କର; ହେଲେ
ତୋ ବା' ଆଇଲେ କହିବ । ପିଠିରୁ ଛାଲ ଉତାରିଦେବ, ଜାଣିଥା…!

[ ଅରକ୍ଷିତ ସାଧାରଣ ସ୍ତ୍ରୀର ଅଣ୍ଟୁଲୁବ୍ଧ ଲୁଗା ଓ ଠେକା
ଇତ୍ୟାଦି ବାନ୍ଧି ପ୍ରବେଶ କରୁଛି ]

ଅକ୍ଷିତ—କାହାକୁ ଡାକୁଥିଲୁ ?

ରେବ—ଏଁ ?

ଅରକ୍ଷିତ—ଏତେକଣ ତତେ କଇକର ଯାଇଥିଲି ମଧୁଆକୁ ବୋଲକୁ ପଠାଇବୁ ।
ଉନଜଣ ହେଇଥିଲେ ଆଜ୍ଞ ଦୁଇଟା ଜଅର ସଉଯାଇଥାଆନ୍ତା । ସେ ଗଲା
ବୁଝତେ ?

ରେବ—ସେ ପରା ମତେ ଡଇକରଲା, ବୋଲକୁ ଯାଉନ । ବାଟରେ କୁଆଡେ଼ଯିବ,
ମୁଁ କ'ଣ କରିବ ?

ଅରକ୍ଷିତ—ନା, ସେଇଟା ମଣିଷ ହେଲାନ । ଘରର ବଡ଼ପୁଅ; ହେଲେ ଟୋହ
କାମ ମୁଣ୍ଡକୁ ନଛନ; ତା ଦେଇ କହୁ ହବନ ।

ରେବ—ସିଏ ଏବେ କ'ଣ କରିବ ? ଉପ୍ରଅଟା ତ ତାକୁ ଦନସତ ଶିକେଇଲ ।

ଅରକ୍ଷିତ—ହୁଁ, ତା'ର ସ୍ୱଭାବପନ୍ତ ସେଇଟା ନକମା ହେଇଗଲା । ଆମକୁ ସେ
ସାଥିରୁ କ'ଣ ମିଳିବ ? ତାସ, ପଶା, ପାଣ୍ଡିରୁ ଟୋହ ପେଟ ପୁରିବ ?
ମାଟି ସାଙ୍ଗରେ ସିନା ମାଟି ହେଲେ ହବ । ତନେ ହେଲେ ସେ ମନକୁ
ମନ ବୋଲକୁ ଗଲ ନାହିଁ, କ ଜାଲ ନେଇ ଦରିଆକୁ ଗଲ ନାହିଁ ।
ଛୁ… ଛୁ… ଛୁ…! ତୁଇ ତା'କୁ ଟେହ୍ମା କର…

ରେବ—ମୁଁ ତାକୁ ଟେହ୍ମା କରିଦେଲି ! ବଡ଼ପୁଅ ବୋଲି ତୁମେ ତ ତାକୁ
ମୁଣ୍ଡରେ ବସେଇଚ !

ଅରକ୍ଷିତ—ମୁଁ ମୁଣ୍ଡରେ ବସେଇଚ ।

Source: Author, Digitized by PPRACHIN, SOA

ରେବ— ଅଚ୍ଛ କ'ଣ ମୁଁ ମୁଣ୍ଡରେ ବସେଇଚ ?

[ ସଦା ବାହାରୁ ଆସିଲ—ମୁଣ୍ଡରେ ସାରୁ ଟୋକେଇ, ଦେହରୁ ମୁହଁରୁ ଝାଳ ]

ସଦା— ମୋ ମୁଣ୍ଡରୁ ଟିକେ ଟୋକେଇଟା ଧରଲୁ, ବୋଉ !

[ ସଦା ମୁଣ୍ଡରୁ ଟୋକେଇ ଧରଲ ରେବ ]

ଅରକ୍ଷିତ—ନେ, ସେ ସାରୁ ଟୋକେଇକୁ ନେଇ ଯା କାଲି ମାଟି ଛଡ଼େଇ ଅମାର ତଳେ ଢାଳିଦେବୁ ।

[ ସଦା ମୁଣ୍ଡରୁ ଟୋକେଇ ନେଇ ରେବ ଘରଭିତରକୁ ଗଲ ]

(ସଦାକୁ ଚାହିଁ) ସଦା ! ଗୁହାଳକୁ ଯା, ବଳଦଗୁଡ଼ାକୁ ଖାଇବାକୁ ଦେଇଦେ; ମୁଁ ଯାଉଚ ଗାଈଟାକୁ ଦୁହିଁଦେବ, ଆଲୋ ! କୁଆଡ଼େ ଗଲୁ, ଠେକଟା ଦେ ।

ସଦା—ମୁଁ ନେଇଆଉଚ । (ସଦା ଘରଭିତରକୁ ଗଲ)

[ ହଠାତ୍ ଦୂର ଆକାଶରେ ଝଡ଼ ଓ ସମୁଦ୍ର ଢେଉର ଗର୍ଜନ ସହିତ ସମୁଦ୍ରରୁ କେଉଟମାନଙ୍କର ଚତ୍କାର ଶୁଭେ ]

[ ଭିତରୁ ଠେକ ନେଇ ସଦା ଆସିଛୁ । ମୁହଁରୁ ଅନାଇଛୁ ]

ଅରକ୍ଷିତ—ଆରେ, ଅନେଇଚୁ କ'ଣ ? ପୁବେଇଟା ମାଡ଼ିଆଉଚ ।

ସଦା—ଦରଆରୁ କେତେ ଫେର ନାହାନ୍ତି ନା କ'ଣ ?

ଅରକ୍ଷିତ—ସେଇଆ ହୋଇଥିବ; ତୁ ଧାଇଁଗଲୁ ବୁଝିଆସିବୁ ।

[ ସମୁଦ୍ରଆଡ଼ୁ ଦଉଡ଼ି ଦଉଡ଼ି ଆସିଛୁ ରଘୁ ]

ରଘୁ—ମଉସା·· ମଉସ···!

ଅରକ୍ଷିତ—କଅଣ ହେଉଚ, ରଘୁ ?

ରଘୁ—ପୁବେଇଟା ମାଡ଼ିଆଉଚ । ଦରଆରୁ ଏଯାଏ କେହି ଲେଉଟି ନାହାଁନ୍ତି; ତମେ ନ ବାହାରିଲେ···

Source: Author, Digitized by PPRACHIN, SOA

ଅରକ୍ଷିତ—ହଁହଁ, ମୁଁ ବାହାରୁଚ; ସାଇରେ ଯିଏ ଅଛନ୍ତି ତାଙ୍କ ପା—ଝିଅଙ୍କ ପା ।
ହଁ, ଶୁଣ, ସୁଦାମନନାଙ୍କୁ ଡାକ, ଠାକୁରାଣୀ ଗଛରେ, ଆକାଶ ବାଉଁଶରେ ନେତ ବାନ୍ଧ ।

(ପଦାକୁ ଯାଇ) ସଦା ! ଦ'ଟା ବଡ଼ ଆମ୍ବକୁ କାଢ଼ିଲି ।

(ଘରଭିତରୁ ରେବ ଆସିଛି)

ରେବ—କୁଆଡ଼େ ବାହାରିଲ ?

ଅରକ୍ଷିତ—ଡାଲଅରୁ ଜେଜେ ଲେଉଟି ନାହାନ୍ତି । ଦେଖୁନୁ, ସୁଦେଇଟା କେମିତି ମାଡ଼ିଆସୁଚ, ସାଇରେ ଯିଏ ଅଛନ୍ତି, ତାଙ୍କୁ ନେଇ ମୁଁ ବାହାରିଲି ।

ରେବ—ତମେ ନ ଗଲେ କଣ ହବନି ?

ଅରକ୍ଷିତ—ପିଲାମାନେ ଥିବେ । ସେମାନେ କଣ ଜାଣିଚନ୍ତି, ସୁଦେଇରେ ପଡ଼ ଉପର ଜାହାଜୀ ହେଇଥିବ ନା, ମଙ୍ଗମୋଡ଼ବା କାଠିକର ପାଠ ! ପିଲାଗୁଡ଼ାକ କଣ ପାରିବେ ? ହାତ ତ ଠଉରେଇ ପାରିବେନି···

ରେବ—ସଦା'ଟାକୁ ସଙ୍ଗରେ କାହିଁକି ନବ ?

ଅରକ୍ଷିତ—କଣ ହେଲା ! ସାଇସ ଛଅ ପିଲା ଦଳଙ୍କ ଭିତରେ, ତୋ ପିଲା କଣ ବଡ଼ ହେଇଗଲା ।

ରେବ—ନା, ତମେ ଯିବ ଯାଅ, ତାକୁ ନିଅନା ।

[ ବୋଉ କଥାକୁ ବେଖାତିର କରି ସଦା ଅରକ୍ଷିତଙ୍କୁ ଡାକିଲା ]

ସଦା— ଆ, ବା, ତୁ କାହିଁକି ଶୁଣୁଚ, ତା କଥାକୁ ।
ରେବ—ସଦା ! ତୁ ଘରକୁ ଆ ତୁ ଯିବା ଦରକାର ନାହିଁ !
ସଦା—କାହିଁକି ଯିବନି ? ସମସ୍ତେ ଯାଉଚନ୍ତି; ମୁଁ ଯିବନି ?
ରେବ—ନା, ଯିବୁନି; ମୁଁ ପରା ମନାକରୁଚ ।
ସଦା—ନା, ବା, ଯାଉଚ ମୁଁ ଯିବ ।

Source: Author, Digitized by PPRACHIN, SOA

[ ସଦା ଓ ଅରକ୍ଷିତ ଚାଲିଯାଉଛନ୍ତି । ଶେବ ଠିଆ ହୋଇ ପଛରୁ ଡାକୁଛି—ସଦା···ଏ···ସଦା ! ଅସ୍ତେ ଅସ୍ତେ ଝଡ଼ ତୋଫାନର ବେଗ ବଢ଼ୁଛି । ଆକାଶରେ ବିଜୁଳି ମାରୁଛି । ସମୁଦ୍ରର ଗର୍ଜ୍ଜନ ଶୁଭୁଛି; ଢେଉଟ-ମାନଙ୍କର କୋଳାହଳ ଭସି ଆସୁଛି । ତାର ଭିତରେ ରେବତୀ ଠିଆ ହୋଇ ଅସହାୟ ଭାବରେ ଚିତ୍କାର କରୁଛି—ସଦା···ସଦା···ସଦା···ରୁ ଫେଡଅ ]

—*—

Source: Author, Digitized by PPRACHIN, SOA

# ଦ୍ୱିତୀୟ ଦୃଶ୍ୟ

[ ଗାଁ ଶେଷସ୍ଥ ନିକଟ ଏକ ଅମ୍ବତୋଟା । ତୋଟା ଗହଳ ଭିତରୁ ଦୂରକୁ ଚାହିଁଲେ ଦେଖାଯାଏ ଦିଗନ୍ତଛୁଇଁ ମଣିଷନ୍ଧହାତ ଛଅଣ ଧାନକ୍ଷେତ । ସେ କ୍ଷେତ ବିଭିନ୍ନ ଋତୁ ପର୍ଯ୍ୟାୟରେ କେତେବେଳେ ସବୁଜ, କେତେବେଳେ ଶ୍ୟାମଳ, କେତେବେଳେ ବା ସ୍ୱର୍ଣ୍ଣବର୍ଣ୍ଣ । ଧାନକ୍ଷେତରେ କାମ କରୁଥିବା ଚାଷୀ ଭାଇର ମନଫୁଲୁଣିଆ ଗୀତ ଭାସିଆସେ ତୋଟା ଭିତରକୁ । ସମସ୍ତ ମଧ୍ୟାହ୍ନ; ତୋଟା ନିକଟସ୍ଥ ପଥଦେଇ ଜନସମାଗମ ଅତି ବିରଳ । ସେହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ବାହାରି ପଡ଼ିଛନ୍ତି ଗାଁର ନିଶାଖୋର ଯୁବକ କୃଷ୍ଣ ଓ ମାଧ । ମାଧ ତଳେ ବସି ଗଞ୍ଜେଇ ଚିଲମ ଧରି ଗଞ୍ଜେଇ ଟାଣିଚାଲିଛି; କୃଷ୍ଣ ପାଖରେ ଠିଆହୋଇ ଚୋର ପରି ଚାରିଆଡ଼କୁ ଚାହୁଁଛି ଓ ମାଧକୁ ଉତ୍ସାହିତ କରୁଛି ]

କୃଷ୍ଣ—ଟାଣ୍, ଟାଣ୍. ଆହୁରି ଜୋରରେ ଟାଣ ।

ମାଧିଆ—ଆରେ, ମାଲଟା କିଛି ଭଲ ଜଣାପଡ଼ୁନି ।

କୃଷ୍ଣ—କଏ କହୁଛି ? ମୁଁ ନିଜେ ତୋ ପାଇଁ ଡାକୁଭଣ ଆଣିଚି ! ତୁ ଥିଲା ଘରର ପିଲା, ତୋତେ ଆଉ ନାକରା ମାଲ୍ ଦେଇହେବ ?

ମାଧିଆ—ନାଇଁ, ନିଶା ତ କିଛି ଧରିଲା ଭଳି ଲାଗୁନି ।

[ କୃଷ୍ଣ ହାତକୁ ଚିଲମଟା ବଢ଼ାଇଦେଇଛି ]

କୃଷ୍ଣ—(ମାଧ ଆଖିକୁ ଚାହିଁ) ଆରେ, ତୋ ଆଖି ଦଇଟା ତ ମନ୍ଦାରଫୁଲ ଭଳି ହେଲାଣି । କହୁଚୁ କ'ଣ ନା ଧରିଲାନି ? ବୁଝିଲୁ, ତୋତେ ପୁରା ନିଶା ଧରିନେଇଚି !

ମାଧିଆ—ଦମେ ଦେଲୁ, ଆଉ ଦମେ ଦେଲୁ !

Source: Author, Digitized by PPRACHIN, SOA

କୃଷ୍ଣ—ନା, ଆଉ ବେଶୀ ଖାଆନା । ବୁଝିଲୁ, ଉଠିକି ଘରକୁ ଯାଇପାରୁନ, ଏଇଠି ଶୋଇଯିବୁ ।

ମାଧିଆ—ହଁ, ଏଇଠି ଶୋଇବି ।

[ ନିଶାଖୋଳରେ ଶୋଇବା ନିମନ୍ତେ ଉପକ୍ରମ କରେ ]

କୃଷ୍ଣ—ଆରେ, ଆ···ରେ ! ଏ ଜେ ହୁଣ୍ଟା ଭିତରେ ସାପ କି ଗୋଧି ଯେବେ ବାହାରେ ?

ମାଧିଆ—ଆବେ, ଯା···ସାପ ମତେ ଦଂଶିବ ? ଆସୁ ଦେଖିବା, ହେଟ୍ ମାରୁ··· ନିଶା ଜୋରରେ ପୁଅ ଏଇଠି ନିଜେ ଢୁଲି ଢୁଲି ଶୋଇଯିବ । ମୋର କିଛି ହେବନି, ଯା, ଘରେ କହିଦବୁ, ମୁଁ ଏଇଠି ଶୋଇଲି ।

କୃଷ୍ଣ—ତୁ ଏଇଠି ଶୋଇବୁ, ଆଉ ମୁଁ ଘରେ ଯାଇ କହିଦେବି । ତୋ ବୋଉ ଯୋଉ ଭଣ୍ଡଚଣ୍ଡୀ, ମତେ ଆଉ ରଖିବ ?

ମାଧିଆ—ବୋଉ ଆଜିକାଲି ମୋ କଥାରେ ଆଉ ମୁଣ୍ଡ ଖେଳଉ ନାହିଁ । ତା'ର ଟଙ୍କା, ସୁଧ କାରବାର ତ ବଳେଇ ପଡୁଛି । ମୋ କଥା ଶୁଣିବାକୁ ବେଳ କାହିଁ ? ମୋର ଆଜିକାଲି ଯୋଉଠି ମନହେଉଛି ସେଇଠି ଶୋଇପଡୁଛି ।

କୃଷ୍ଣ—ଆଜି ଯିନା ଏତା ଏକା ହେଉଛୁ, ଏଠିସେଠି ଶୋଇପଡୁଛୁ ; କାଲି ଯେତେବେଳେ ହାତକୁ ଦ'ହତା ହବୁ···

ମାଧିଆ—ହାତକୁ ଦ'ହାତ କଥା କହୁଛୁ ? ଜଉତିଷ ମୋ ହାତଦେଖି କହୁଥିଲା, ମୋ ରାଶିଟା ଭାରି ଟାଣ; ମୋର କୁଆଡେ ସ୍ବରଟା ଦା'ଘର ହବ ।

କୃଷ୍ଣ—ଚୁପ୍ ରେ ! ବୋଉ ତୋ ବା'ଘର ଖଣ୍ଡବ ? ମୋତେ କୁହେଁ, ତୁ ନିଜ ସୁଦାମ ନନାଙ୍କୁ ଭଳି ଗୋଟେ କିଛି ବ୍ୟବସ୍ଥାରେ ଲାଗିପଡ଼ ।

[ ଦୂରରୁ ସୁଦାମ ନନାର ପାଟି ଶୁଭିଲା ]

ହେଇଟି, ମନ କଲାବେଳକୁ ସୁଦାମ ନନା ଆସି ହାଜର— ଦେଖିଲୁଣି ! ତା'ହେଲେ ଆଜି କଥାଟା ପକେଇଦବା ।

Source: Author, Digitized by PPRACHIN, SOA

[ ସୁଦାମ ନନା ପ୍ରବେଶକଲେ ହୁକ୍କା ଉପରେ ପାଟି ଭରି କରି ]

କୃଷ୍ଣ—ଓଳକ, ସୁଦାମ ନନା, ଓଳକ ! (ମାଧିଆକୁ ହଲେଇଦେଇ) ଆବେ ହଠ୍, ନନା ଆଇଚ; ମୁଣ୍ଡିଆ ମାର ।

ମାଧିଆ—(ନଶାଖୋଲରେ) ନନା ଆଇଚ ! କାହିଁ ? (ବିପରୀତ ଦିଗକୁ ଚାହିଁ) ନନା, ଜୁହାର !

ସୁଦାମ— କରେ ବାପ ମାଧ…? କରେ, ଦୁନଆଟା ସିଆଡ଼େ ଉଚ୍ଛନ୍ନ ହେଇଗଲାଣି । ତମେ ଦ'ଟା ଏଠି ?

କୃଷ୍ଣ—ନାହିଁ, କଛି ନୁହେଁ; ଏମିତ ଗୋଟାଏ କଥା ପଡ଼ିଥିଲା ।

ମାଧିଆ—ନାହିଁମ, ନନା ! ଏ କୁଞ୍ଜିଆ ମାଲ ଆଣିଥିଲା ଯେ, କହୁଛି ଏକଦମ୍‌ଖସ । ହେଲେ ମୁଁ କହୁଚ, ବିଲ୍‌କୁଲ…

[ କୃଷ୍ଣ ମାଧିଆର ପାଟିଟାକୁ ଚିପି ଧରନ୍ତି ]

ସୁଦାମ—ବୁଝିଲି; ତା'ହେଲେ ନଶାପାଣି ଚାଲିଥିଲା ! ହଇରେ, ଝଡ଼ତୋଫାନ ବହିଗଲା ଯେ କାହାର କେତେ ସତ୍ୟାନାଶ ହେଇଗଲା । ଘରେ ଘରେ କାନ୍ଦବୋବାଳି । ତମେ ଦଇଟା ଇମିତ ନଶାପାଣି ନେଇ…ବାପ, କେତେ ଚଲମ ହେଲଣି ?

କୃଷ୍ଣ—ନାହିଁମ, ନନା, ଏଇ ମାଧିଆ ପଗ ଜୋର୍‌କରି ଘେଣ ନସ୍ପମ ଦେଲାରୁ—

ମାଧିଆ—(ନଶାଖୋଲରେ) ହଇରେ କୁଞ୍ଜିଆ, ତୁ କ'ଣ ମୋ ନାଁରେ ସତମିଛ କହୁଚୁ ? ଜାଣିଚୁ, ମୋତେ ପୁରା ନଶା ହେଇନ !

ସୁଦାମ—ହଇରେ କୁଞ୍ଜ, କେତୋଟି ଲୋକଙ୍କୁ ଏମିତ ନିଆଁ ଗିଳା ଅମଲ ଧରେଇ ତୁ ତୋ ଫାଇଦା ଉପରେ ଅଛୁ ?

କୃଷ୍ଣ—ମିଛକଥା; ମୁଁ କାହିଁକ କାହାକୁ ନଶାପାଣି ଧରେଇବ !

ସୁଦାମ—ଚୁପ୍ ! ଯେତେ ସବୁ ନାଟ ଢୋଗ ।

କୃଷ୍ଣ—ତମେ କଛି ଜାଣିନ, ନନା ! କଏ କ'ଣ ଜନ ଖୁସିରେ ଆସି ନଶାପାଣି କରୁଚ ? ଯାହାର ମନଖରାପ ସେ ଆସି ମୋ ପାଖରେ ବସେ । ଆଉ ମୁଁ ସେମାନଙ୍କ ଦୁଃଖ ସହ ନ ପାରି ଟିକେ ଟିକେ…

Source: Author, Digitized by PPRACHIN, SOA

ସୁଦାମ—ହଁ...ଟିକଏ ଟିକଏ ମୃତସଞ୍ଜୀବନୀ ଢାଳି ତାଙ୍କୁ ପୁନର୍ଜନ୍ମ ଦେଉଚନ୍ତି ।

କୃଷ୍ଣ—ନନା, ତମେ ଭିତର କଥା ନ ବୁଝି କାହିଁକି ଶୋଧୁଚ କହୁନ ?

ସୁଦାମ—ଭିତର କଥା ?

କୃଷ୍ଣ—ହଁ, ଏଇ ମାଧିଆଟା ତା ବୟସ ବଳେଇପଡ଼ିଲାଣି । ହେଲେ, ତା ବୋଉ ତା'ପାଇଁ ଏଯାଏ କନ୍ଥ ଠିକଣା କରିନି । ତମେ ହେଲେ ତା'ଦୁଃଖ ଟିକେ ଜାଣନ୍ତ ନଥ; ତାକୁ କେମିତି ପାରୁଚ ତାର କର ।

ମାଧିଆ—(ଝଣାଗୋଳରେ ସୁଦାମ ନନାକୁ ଧରିପକାଇ) ନନା, ମୁଁ ଆଉ ତମକୁ ଛାଡ଼ନି ।

ସୁଦାମ—(ବ୍ୟସ୍ତ ହୋଇ) ଆରେ, ରହୁ ରହୁ...ଏମିତି କାହିଁକି କରୁଚୁ ?

ମାଧିଆ—(ତରଳ ହୋଇ) ନନା, ଜନଅ.. (କାନ୍ଦୁଚି)

ସୁଦାମ—ହଇରେ, ଏଇଥିପାଇଁ କାନ୍ଦ ? ଖୋଜିବସିଲେ ଜନଥାନ୍ତି ଢେର... ହେଲେ ତୋ ବୋଉ ଭଳି ହେଲେ ତ !

କୃଷ୍ଣ—କାହିଁକି ଭଳି ହେବନି ? ତମେ କଥାଟା ପକାଅ ।

ସୁଦାମ—ପକେଇଥିଲି । ଦେହେରଣା ଶାଧନରୁ ଗୋଟେ ଭଲ ସମ୍ବନ୍ଧ ଆସିଥିଲା, ବୁଢ଼ୀ କ'ଣ କହିଲା, ଜାଣିଚୁ ?

କୃଷ୍ଣ—କ'ଣ କହିଲା ? (ମାଧିଆକୁ ଠେଲେଇ ଦେଇ) ଆଚ୍ଛା ଶୁଣ, ତୋ ବୋଉ କ'ଣ କହିଲା ।

ସୁଦାମ—କହିଲା, "ପୁଅଟା ତ ନରମା; ଏ ବୁଢ଼ୀବାଳେ ମୁଁ ତାକୁ ପୋଷୁଚ । କେବେ ପରଝିଅଟାକୁ ଆଣି ଦେବାରେ ବାନ୍ଧିବ ! ତାଙ୍କୁ ବି ମତେଇ ଚଳେଇବାକୁ ହବ । ନାଇନାତୁଣୀ ହେଲେ ତାଙ୍କୁ ବି ଚଳେଇବାକୁ ହବ; ମୋର କି ଦରକାର ଏତେ ଜଞ୍ଜାଳ !"

ମାଧିଆ—ଏଁ, ସତେ ? ହଉ, ହେଲା । ଯିଏ ମୋତେ ବାହା ନ କରୁ, ମୁଁ ମନକୁ ବାହା ହେଇଯିବି । ନନା, ଆଜଠୁ ମୋ ବାପା-ବୋଉ ତମେ, ତମେ ମତେ ଯୋଉଠି ହେଲେ ବାହା କରେଇଦିଅ ।

ସୁଦାମ—ଆରେ ବାପ ! ମେଇଟା ତ ଏତେ ସହଜିଆ କାମ ନୁହେଁ ! ତୋ ଗୁଣଗ୍ରାମ ଥାଇ, ସେଥିରେ ତତେ କନିଆ ଦେବ କିଏ ? ଯିଏ ଦିଅନ୍ତା,

Source: Author, Digitized by PPRACHIN, SOA

ତୋ ବୋଉ ମୁହଁକୁ ଚାହିଁ; ମାନେ, ତୋ ବୋଉର ଅନ୍ନପୂର୍ଣ୍ଣମୂର୍ତ୍ତିକୁ ଚାହିଁ ! ସେ ଯେତେବେଳେ ଗଳ୍ପ କହନ୍ତି…

କୃଷ୍ଣ—କାହିଁକି ଗଳ୍ପ କହନ୍ତି ? ତାଙ୍କ ତ ଆଉ ବେଳ ନାହିଁ, ଏକାଇର ବନା ଚକ୍ରିଦିନଶେଷ ଏଇ ମାଧୁଆ । ପୋଷିଏ ବୋଲି ପୁଅ, ବାହାହେବ; ବୋହୂ ଘରକୁ ଆସିବ । ବୁଢ଼ୀ ନାତିନାତୁଣୀ ଖେଳେଇବ; ପିତୃପୁରୁଷ ପାଣି ପାଇବେ, ତମେ ବୁଝ, ନନା !

ମାଧୁଆ—ହଁ ନନା, ବୁଝ । ନଇଲେ ଜୀବନ ହାରଦେବ, ବୋଉର କୁଳ ବୁଡ଼ିଯିବ · (କାନ୍ଦିବାକୁ ବସିଲା)

ସୁଦାମ—ଆରେ… ରେ… କାନ୍ଦିଲୁ ତ ବୁଝିବୁ । ହେଲେ ଧୀରେସୁସ୍ଥେ, ଆଚ୍ଛା, (ଟିକିଏ ଭାବି) କୃଷ୍ଣ, ମାଧ, ଗୋଟାଏ କାମ କରିପାରିବ ?

କୃଷ୍ଣ—କ'ଣ କହୁନା, ମୋର କଥାଟା କୃଷ୍ଣିଆ ହାତରେ ହେଇ ନ ପାରିବ ? ହେଲେ ମାଧୁଆ ପାଇଁ କ'ଣ ଟଙ୍କା…

ସୁଦାମ—ଆରେ, ଟଙ୍କା ତ ଯାହା ଦରକାର ଜନ୍ମିବ । ତା ଛଡ଼ା ଗୋଟେ ଝିଅ ପାଇଁ ଫ ଣ ବସେଇବାକୁ ହବ ।

କୃଷ୍ଣ—ଭୋଜ ଝିଅ, କହୁନ ?

ସୁଦାମ—ଏଇ…ପଧାନ ଘରର 'ଶାମୁକା' ।

କୃଷ୍ଣ—କଏ, ଶାମୁକା ? ଦୁଶା ମହୁସା ଝିଅ ?

ମାଧୁଆ—ନନା, ସେଇଟା ଭୁଚ୍ଛା ଅଣ୍ଡିରି ଚଣ୍ଡି ଟାଏ । ସବୁବେଳେ ଗଛରେ ଚଢ଼ି କଞ୍ଚାଖାଇ ଆମ୍ବ କି ତେନ୍ତୁଳି ଖାଉଥାଏ—ହଁ, ମୁଁ ଦେଖିଚ ।

ସୁଦାମ—ଆରେ. ଝିଅଟିଏ ସେମିତି ବାପଘରେ ଉଦଣ୍ଡୀ ହେଇଥାଆନ୍ତି । ହାତକଣ୍ଟା ପଡ଼ିଗଲେ, ସିନ୍ଦୂର ପିନ୍ଧି ଓଢ଼ଣା ଟାଣି ଏକବାରେ ମହନାବଣି । ତମେ ଦୁ'ଜଣ ଲାଗିପଡ଼; ମୁଁ ଭିତରେ ରହି ମଙ୍ଗ ମୋଡ଼ିଚ ।

କୃଷ୍ଣ—ହେଇଟି, ନନା । ଠିକଣା କରି ମଙ୍ଗ ମୋଡ଼ିବଟି, ଯେମିତି କୂଳରେ ଲାଗିବ ।

Source: Author, Digitized by PPRACHIN, SOA

ସୁଦାମ—ଆରେ, ସେକଥା ମତେ ବୁଝଉଛ ? ମତେ ଅଂଶଗ୍ର ଜଣ ନେନ୍ଧ ମଝିକଣରେ ରଖୁଚନ୍ତି ? ମୁଁ ଭବେଁ କୂଳରେ ଲାଗିଚନ୍ତି । ହେଇଟି ବାପ, ମୋର ତ ପିଲାଛୁଆ ଅଛନ୍ତି, ପେଟପାଟଣା କଥା ବୁଝୁଥିବ ତ…

ମାଧୁଆ—କୁଞ୍ଜିଆ, ନନାଙ୍କୁ ଟଙ୍କା ଦେଇଦେ ।

କୁଞ୍ଜ—ସେ ଆଉ ଅଛୁ ? କେତେଥର ଧୂଆଁ ଗ୍ରୁଡ଼ୁଚ, ଜଦ୍ୱଲ୍ ବାବା ?

ସୁଦାମ— ବାପ, ଧୂଆଁ ଗ୍ରୁଡ଼ୁ ଗ୍ରୁଡ଼ୁ ଦଶଟଙ୍କା ସାରିଦେଲଣି ! ନୂଆ ନେଣ୍ ନେଣ୍…

କୁଞ୍ଜ—ତମେ ଯାଅ, ନନା ! ଆଜି ସଞ୍ଜବୁ ମୁଁ ତା'ଠୁ ନେଇ ଦେଇଆସିବ ।

ସୁଦାମ—ହଉ ହେଲା, ଯାଉଚ । ଗଞ୍ଜେଇ ନିଶାରେ ତ'ଜଣଯାକ ତ ଏଇନେ ଚଉଦ ଭୁବନ ଦେଖୁଚ । ତମକଥା ସତ କି ମିଛ ତମେ ଜାଣିଥିବ ?

ମାଧୁଆ—ନାହିଁ, ନନା ! ମତେ ପୁରା ନିଶା ହେଇନ, ମୁଁ ହୋସ୍‌ରେ ଅଛୁ ।

[ ସୁଦାମ ନନା ବାହାରିଲେ ]

—*—

Source: Author, Digitized by PPRACHIN, SOA

## ତୃତୀୟ ଦୃଶ୍ୟ

[ ଗାଁର ଜୁଟକଟୀ ମହାଜନ ଦୁଃଶାସନର ଘର । ବୟସ ଅଶୀଠିତ ପାଖରେ ପ୍ରାୟ ସମାନ ହେବ; କିନ୍ତୁ ଅଶୀଠିଁଠୁ ତାହାର ପ୍ରକୃତ ପ୍ରାୟ ସମ୍ପୂର୍ଣ୍ଣ ବିପରୀତ । ଗତ ଝଡ଼ଝଞ୍ଜାରେ ସମୁଦ୍ରରେ ନାହା ବାହୁଥିବାବେଳେ ଅରକ୍ଷିତ ଶାଂଟନକୁ ପାଣି ଛଡ଼ାଇ ତାକୁ ଅକାଳ ମୃତ୍ୟୁମୁଖରୁ ଉଦ୍ଧାର କରି ଆଣିଛୁ । ଆଜକୁ ଛଅଦିନ ହେଲା ତା'ର ଚେତା ନ ଥିଲା । ଚେତା ଆସିଲା ପରେ ସେ ଶେଯରେ ଶୋଇ ଘରଆଡ଼କୁ ଚାହିଁଛି ଏବଂ ଖାଉଛି, ସବୁଦିନ ପରି ତାକୁ ଗାଁର ଲୋକମାନେ ଆସି ଖୋଜୁଛନ୍ତି । କିନ୍ତୁ ପ୍ରକୃତରେ ବାହାରେ କେହି ଡାକୁନାହାନ୍ତି । କେବଳ ଲୁହ ଛଳଛଳ ଆଖିରେ ଶାମୁକା ବାପ ପାଖରେ ବସି ତାହାର ସେବା କରୁଛି । ଘରଭିତରର ବାୟୁମଣ୍ଡଳ ଉଦାସ, କ୍ରନ୍ଦନମୁଖର ]

ଦୁଃଶାସନ—ହଁ...ହଁ...କିଏ ? କିଏ ଡାକୁଛି ? ଜଗା ? ଅଶୀଠୁ ? ସାଧୁଆ ?
ଶାମୁକା...ମା, ଦେଖିଆଇଲୁ କିଏ ଡାକୁଛି ।

ଶାମୁକା—ନା, କେଇ ନାହିଁ ।

ଦୁଃଶାସନ—ନା, ତୁ ଦେଖ୍; କିଏ ଡାକୁଥିଲା ।

[ ଶାମୁକା ଯାଇ ଦେଖିଛି...ଫେରିଆସି ]

ଶାମୁକା—ନା, ବା' କେଇ ନାହିଁ । କିଏ ନାହିଁ ଏତେବେଳେ ତୋ ପାଖକୁ ଆସିବ ?

ଦୁଃଶାସନ—(ବିଚଳିତ ହୋଇ) କଣ କହିଲୁ ? ଆସିବେନି ! ଅଲବତ୍ତ ଆସିବେ, ତାଙ୍କ ବୋପା ଯିଏ ସିଏ ଆସିବେ ।

ଶାମୁକା—ତୋ ପାଖକୁ ନ ଆଇଲେ ସେମାନଙ୍କର ଚଳିବ କୋଉଠୁ ?

Source: Author, Digitized by PPRACHIN, SOA

ଦୁଃଶାସନ—ଖଇଖାଇରେ କଳଲାଗିବାପାଇଁ ଯୋଉମଞ୍ଜି ଦରକାର ସେ ମଞ୍ଜି ମୋ ପାଖରେ । ଘରେ ଘରେ ତ ମଞ୍ଜି ମୁଁ ଯେ ଛଡ଼େଇଛି, ତା'ପରେ ସେମାନେ ଯିବେ କୁଆଡ଼େ ? କଳଲାଗିବାପାଇଁ ମୋ ପାଖକୁ ଆଜ୍ଞ ନଷ୍ଟତ୍ରି ତଶବ କୁ ଦ ମୋର ପାଖକୁ ଆସିବେ ।

ଶାମୁକା—ହେଲେ...ବା', କାଇଁକି ତୁ ଏସବୁ ନାଟ କରୁଛୁ ? କ'ଣ ଲାଭ ପାଉଛୁ ? ଆଜି ତୋ ଗୋଡ଼ ତ ଅଚଳ, କିଏ ଆସୁଛି ତୋ ପାଖକୁ ?

ଦୁଃଶାସନ—ଆସିବେ ମା, ଆସିବେ, ନ ଆସି ଯିବେ କାହିଁ ।

ଶାମୁକା—(ଦୁଃଖରେ) ନା, କେହି ଆସିବେନି । ତୁ ଖାଲି ସପନ ଦେଖୁଛୁ, ନିଦରେ ମତେ ଦଶଥର ଡାକ କରୁଛୁ, କିଏ ଡାକୁଛି, ହେଲେ କେହି ନାହିଁ ।

ଦୁଃଶାସନ—ଏଁ.. କେହି ଆସିନାହାନ୍ତି ? ଆର ପାଡ଼ାର ଜଗା ?

ଶାମୁକା—ନା ।

ଦୁଃଶାସନ—ଉପର ସାହିର ଶାମ ?

ଶାମୁକା—ନା ।

ଦୁଃଶାସନ—ବନ୍ଧମୂଳର ହରି ପଧାନ ?

ଶାମୁକା—ନା ! ନା ! ନା !

ଦୁଃଶାସନ—ଯେଉଁମାନେ ମୋ ପାଖକୁ ଲଇଡ଼ି ଆସି, ମୋ ପକେଇଲା ଝୋପକୁ ହାତ ପତେଇଥାଆନ୍ତି, ମୋ ଦେହଟା ଆଜି ଖରାପ ହେଲା ବୋଲି ସେମାନେ କେହି ଆସିନାହାନ୍ତି ?

ଶାମୁକା—ନା, କେହି ଆସିନାହାନ୍ତି ।

ଦୁଃଶାସନ—ବେଇମାନଗୁଡ଼ାକ । ମୋ ଦେହ ଟିକେ ଭଲ ହଉ, ସେମାନଙ୍କୁ ଦେଖିଦଉଛି ।

ଶାମୁକା—ତୁ ଆଉ ସେମାନଙ୍କର କିଛି କରିପାରିବୁ ନାହିଁ, ବା'—

ଦୁଃଶାସନ—ପାରିବି ନାହିଁ ? ଉଁ ? କ'ଣ ଭାବିଛନ୍ତି ସେମାନେ ?

ଶାମୁକା—(କାନ୍ଦି କାନ୍ଦି ହୋଇ) ସେମାନଙ୍କ କଥା ଛାଡ଼ିଦେ ବା', ଏଥର ତୋ ନିଜକଥା ଭାବ ।

Source: Author, Digitized by PPRACHIN, SOA

ଦୁଃଶାସନ—ଭାର୍ଗିକ ?

ଶାମ୍ଭୁକା—(ଅଶ୍ରୁ କମ୍ପିତ ଗଳାରେ) ତୁ ଜାଣିନୁ ବା', ତୋ ଗୋଡ ସବୁଦିନପାଇଁ ଅଚଳ ହୋଇଯାଇଚି ।

ଦୁଃଶାସନ—(ଅସ୍ଫୁଟ ସ୍ୱରେ) ଅଚଳ ହୋଇଯାଇଚି ? କଣ କହୁଛୁ ?

ଶାମ୍ଭୁକା—(ଟିକିଏ ରହି) କବିରାଜେ କହୁଚନ୍ତି ।

ଦୁଃଶାସନ—(ଉତ୍ତେଜିତ ସ୍ୱରେ) କ'ଣ କହୁଛୁ ?

[ ଜୋରେ ଉଠିବାକୁ ଚେଷ୍ଟା କରନ୍ତି । ସଫଳ ନ ହୋଇ ଦ୍ୟଅ'ରେ ଚିତ୍କାର କରିଉଠନ୍ତି; ଦୁଃଖରେ ଭୁଙ୍ଗି ପଡ଼ନ୍ତି ]

ନା, ମୁଁ ଆଉ ଚାଲିପାରିବ ନାହିଁ ! ଆଉ ଠିଆ ହେଇ ପାରିବନି !! ତା ହେଲେ ମୁଁ କିପରି ବଞ୍ଚିବି ??

ଶାମ୍ଭୁକା—ବା'…ଏଥିରେ ଦୁଃଖ କରି ଲାଭ କଅଣ ? କେତେ ଲୋକଙ୍କ ଘର ତୁ ଧ୍ୱଂସ କରିଚୁ । କେତେ ଲୋକଙ୍କ ସଂସାର ତୁ ଭଙ୍ଗ କରିଦେଇଚୁ; ସେମାନଙ୍କର ଅଭିଶାପ କ'ଣ ତୋ ଉପରେ ପଡ଼ିନି କି ?

ଦୁଃଶାସନ—ସେମାନଙ୍କର ଅଭିଶାପ ? ତା'ହେଲେ ମୁଁ ସେଥିରେ ଅଚଳ ହୋଇଯାଇଚି ? ଓ… ସେଇଥିପାଇଁ ସେମାନେ ମୋତେ ମୋ ପାଖକୁ ଆସୁନାହାନ୍ତି, ନା ? ହଉ, ନ ଆସନ୍ତୁ … କାହାରି ମୋର ଦରକାର ନାହିଁ; ଯିଏ ଆସିବ, ତୁ ତାକୁ ମନା କରିଦେବୁ ।

[ ଆସିଲେ ଅରକ୍ଷିତ । ସବୁଦିନ ପରି ଉଦାର, ଅବିଚଳ, ନିର୍ବିକାର । ଆଜି ପର୍ଯ୍ୟନ୍ତ ଦୁଃଶାସନର ସେବା କରିବାକୁ ସେ ତତ୍ପର ]

ଅରକ୍ଷିତ—ତୁ ମନା କରିଦେଲେ ହୁଏତ ଆଉ ସମସ୍ତେ ଫେରିଯିବେ । ହେଲେ ଅରକ୍ଷିତ ନିଶ୍ଚୟ ଆସିବ ।

ଦୁଃଶାସନ—ଅରକ୍ଷିତକୁ ଦେଖି ଗଳାରେ ଜଳ ପଡ଼ିଯାଉଚି; ଅରକ୍ଷିତ ? ତୁ ଆସିଚୁ ? ଭାର୍ଗିକ ଆସିଚୁ ? ବାହାର ଯା…ଏଠୁ !

[ ଶାମ୍ଭୁକା ଅରକ୍ଷିତକୁ ନେଇଯାଉଛି ]

Source: Author, Digitized by PPRACHIN, SOA

ଶାମ୍ବୁକା—ମଉସା, ତୁ ଗୁନ୍ଦୁଯା ମଉସା, ବା'ର ମୁଣ୍ଡ ଠିକ୍ ନାହିଁ ।

ଅରକ୍ଷିତ—କ'ଣ କହୁଚୁ ମା ! ସାତଦିନ ହେଲା ତୋ ବା' କାଠ ପଥର ଭଳିଆ ପଡ଼ିଥିଲା । ଆଜି ତା ତୁଣ୍ଡ ଖୋଲିଚି; ଆଜି ମୁଁ ଫେରିଯିବି ? ନା, ମୁଁ ଆଜି ଏଇଠି ବସି ଖାଲି ତୋ ବା'ର କଥା ଶୁଣିବି ।

[ ଆହୁରି ଗରଜିଉଠିଲା ଦୁଃଶାସନ ]

ଦୁଃଶାସନ—କ'ଣ କହିଲୁ ତୁ ମୋ କଥା ଶୁଣିବାକୁ ଅଇଚୁ ? ଓ, ତା ହେଲେ ତୁ ଶୁଣିଚୁ ମୋ ଗୋଡ଼ ଅଚଳ ହେଇଯାଇଚି । ଆଉ ତୁ ସେଇଥିପାଇଁ ଥଟ୍ଟା କରିବାକୁ ଅଇଚୁ ?

ଶାମ୍ବୁକା—ଦେଖିଲୁ ! ଏଇନେ ତତେ ଦେଖି କ'ଣ ନାଇଁ କ'ଣ କହୁଚି । ତୁ ଏଠୁ ଗୁନ୍ଦୁଯା, ମଉସା !

ଅରକ୍ଷିତ—ମଉ, ତୁ ଆଗ କହିଲୁ, କବିରାଜ ଦେଇଥିବା ଔଷଧ ସବୁ ଠିକ୍ ଠିକ୍ ଦଉଚୁ କି ନାହିଁ ?

ଶାମ୍ବୁକା—ହଁ, ଯାହା ଯେମିତି କହିଥିଲୁ, ଦଉଚି ।

ଅରକ୍ଷିତ—ମଉ, ଏ ପୁରୁଣା ମହୁ ଆଉ ଘିଅ ତୋ ମାଉସୀ ଦେଇଚି, ନେ । ଔଷଧ ସାଙ୍ଗରେ ଦବୁ, ଆଉ ଗୋଡ଼ରେ ଘିଅଟା ମାଲିସ କରିବୁ ।

ଦୁଃଶାସନ—ଶାମ୍ବୁକା, ଇଏ ସବୁ କ'ଣ ଶୁଣୁଚି ? ତୁ ଜାଣିନୁ, ଅରକ୍ଷିତ ସାଙ୍ଗରେ ମୋର ସମ୍ବନ୍ଧ କ'ଣ ?

ଶାମ୍ବୁକା—ହଁ, ଜାଣେ, କାଠ ସାଙ୍ଗରେ କୁରାଢ଼ିର ଯୋଉ ସମ୍ବନ୍ଧ ତୋର ମଉସା ସାଙ୍ଗେ ସେଇ ସମ୍ବନ୍ଧ ।

ଦୁଃଶାସନ—ସବୁ ଜାଣିଶୁଣି ତୁ ତା' ହାତରୁ ଘିଅ, ମହୁ ରଖୁଚୁ ? ତୁ ଜାଣୁନାଇଁ ମା, ସେଥିରେ ସେ ବିଷ ମିଶେଇଥିବ ।

ଶାମ୍ବୁକା—(ତାଚ୍ଛଲ୍ୟରେ) ବିଷ ମିଶେଇ ଦେଇଥିଲେ ତୁ ଆଜି ଏଠି ବସି କଥା କହୁ ନ ଥାନ୍ତୁ, ବା—

ଦୁଃଶାସନ—(ଚିତ୍କାର କରି) ଶାମ୍ବୁକା !!!

Source: Author, Digitized by PPRACHIN, SOA

ଶାମ୍ଭୁକା—(ବାପାର ଚକ୍ରାଘାତକୁ ଭୁଲାଇଦେଇ ଅଧିକ କ୍ରୋଧରେ ଚିତ୍କାର କରି) ମନୁଷ୍ୟ ନ ଥିଲେ ଦେବତା ମନ୍ଦିରରେ ସେ ତୋମାନଙ୍କୁ ତୁ ଜୀବନ ନେଇ ନେଉଛି ନ ଥାନ୍ତୁ, ବା' ! ଯାତନାର ଯାତଘାତ ହେଲା ତୁ ଏଠି ଅଚେତ ହୋଇପଡ଼ିଲୁ . ଗାଁଲୋକ ଲୋଡ଼ା ହେଲେ ଅସୁନାହାନ୍ତି । କଏ ତୋ ମୃତ୍ୟୁରେ ପାଣିଦେଉଛ ? କଏ ହେଉଦରଥାରେ ନଇ ଯେପରିକୁ ଭଗବାନ ଡାକଆଣିଛ ? ଜାଣିଚୁ ତୋପାଇଁ ପଥ ଗଢ଼ିଦେଇଛି କଏ ? ଏଇ ମନୁଷ୍ୟ…

ଦୁଃଶାସନ—(ଜୀବନରେ ସବୁଠୁ ବେଶୀ ଅଭିମୁଖ ହୋଇ) ଶାମ୍ଭୁକା !!!

ଶାମ୍ଭୁକା—(ଅଗଭଳ ଦମ୍ଭନେଇ ଉତ୍ତର) ଆଜ ରୋଡ଼ ହେତା ଆଦିମ୍ମଦେଲକୁ ତୁ ଖୋଜୁଚୁ, ଜଗା'କୁ, ମ ଧର୍ମ, କଣ ମାଧ୍ୟାନକୁ ! ହେଲେ ସିଏ ତୋପାଇଁ ଜୀବନକୁ ପାଣିଛଡ଼େଇ ମନ୍ଦିରମ୍ନେର ବାଅଡ଼ଭାଙ୍ଗ ସଙ୍ଗେ ଲଢ଼ି ଛତେ ବନ୍ଦୋଇଲା, ସିଏ ରୋଗ ଆବରେ ଠିଆ ହେଉଛି । ତୁ ତା'ଣ ଆଉର ଡାକ ଦେଉଚୁ ?

ଦୁଃଶାସନ—(ଅନୁତାପରେ ଆଖି ଛଳ ଛଳ କରି) ତୁ କଅଣ କହୁଚୁ, ମ'... ଅରକ୍ଷିତ ମତେ ଦଣ୍ଡୋଇଛ ? ଅରକ୍ଷିତ ଯାଇଁ ମୋ ପାଇଁ ଦେବତାକ ଡାକଆଣିଛ ? ଗଡ ଗଡ ନ ଶୋଇ ସିଏ ମତେ ଜଗିଛ ?

ଅରକ୍ଷିତ—(ଶାମ୍ଭୁକାକୁ ଶାନ୍ତକରି ଏତକଦେଲେ) ଏସବୁ କଥା କାହିଁ ନ ଥିଲେ ହେଇ ନ ଥାନ୍ତା ? କଅଣ ଦରକାର ଥିଲା ? ତା'ଠରୁ ଭଲ ହୋଇଗଲେ, ସିଏ ସବୁ ଜାଣିଥାନ୍ତା ।

ଦୁଃଶାସନ—ମୋର ଆଉ କିଛି ଜାଣିବାକୁ ବାକି ନାହିଁରେ ଅରକ୍ଷିତ । ଆଜ ମୁଁ ଦୁନିଆଟାକୁ ଆଉ ଥରେ ନୂଆକରି ଦେଖୁଚି ।

( ଦୁଃଶାସନ ଶୁଙ୍ଗି ପଡ଼ିଲା )

ଅରକ୍ଷିତ—(ଦୁଃଶାସନକୁ ଆଉଁସିଦେଇ) କ ଭିକ ସେହିକୁ ଖବୁଚ, ଅଉ ମନଟାକୁ ହନ୍ତସନ୍ତ କରୁଚୁ ? ଦେଖିବୁ ଆଗ ଭଲ ହୋଇଯାଅ…

Source: Author, Digitized by PPRACHIN, SOA

ଦୁଃଶାସନ—ମୋ ବନ୍ଧୁ ଆଜି ଭଲ ହେବନାହିଁ ଅରକ୍ଷିତ !

ଅରକ୍ଷିତ—କଏ କହିଲା ?

ଦୁଃଶାସନ—ଭଗବାନ କହୁଛି, ମୋ ଗୋଡ଼ କୁଆଡ଼େ ଅଚଳ ହୋଇଯାଇଛି ।

ଅରକ୍ଷିତ—(ବୁଦ୍ଧି ପାଇ) ଶାମୁକା, ତତେ ମୁଁ ମନା କରିଥିଲି ନା ! କାହିଁକି ଏସବୁ କଥା ତାଙ୍କୁ କହିଲୁ ?

ଶାମୁକା—ହଁ, ମୁଁ କହୁଛି, ଭଲ କରୁଛି । ଜାଣିଶୁଣି ମୁଁ କହୁଛି, ସୁଖବେଳେ ସିଏ ତ ମଣିଷ ଚହ୍ନିଲେନି, ଆଜି ଦୁଃଖରେ ଜାଣୁ କଏ କ'ଣ ।

ଅରକ୍ଷିତ—ଏତେକ ସ୍ୱଗଅଭ୍ୟନ୍ତର ମନରେ ସାଇତି ରଖିଥିଲୁ ? ସବୁ ଏତେକବେଳକୁ ବାହାରିଲା ! ତୋ ପେଟ ଅଛି ମନ୍ତ୍ରସେବା ହୋଇପାରିବନି, ମୁଁ ଯାଏ ତୋ ମ ହସୀକୁ ପଠେଇଦଏ । (ପ୍ରସ୍ଥାନ)

ଦୁଃଶାସନ—ଅରକ୍ଷିତ···! (ଶାମୁକାକୁ) ମା ଶାମୁକା, ତାଙ୍କୁ ଟିକେ ଡାକେ ମୋ ପାଖରେ ଟିକେ ବସୁ । (ସ୍ୱଗତରେ) ଆଉ କଏ ଅଛୁ ?

[ ମାଧିଆ ଓ କୃଷ୍ଣିଆ ହାତରେ ଗୁଅଘିଅ ଓ ମହୁ ଧରି ପ୍ରବେଶ ]

ମାଧିଆ—କ'ଣ ହେଲା ? କଏ ଅଛୁ ? ଗାଁସାରା ଲୋକେ କ'ଣ ଶୋଇପଡ଼ିଲେଣି ?

କୃଷ୍ଣ—କେଜାଣି ନ ଥିଲାବେଳକୁ ଏ କୃଷ୍ଣ ଓ ମାଧିଆ ତ'ଟା କ'ଣ ମରିଗଲେଣି କି ?

ଶାମୁକା—ମରିଯାଇଥିଲେ ଭଲ ହୋଇଥାନ୍ତା ।

କୃଷ୍ଣ—ଆଲୋ ଶାମୁକା, କାହିଁକି ଇମିତି ରାଗୁଚୁ ? ଓ–ହୋ ବୁଝିଲି । ହେଲେ ଆମେ କରିବୁ କଅଣ ? ଆମେ ତ'ଟା କ'ଣ ଗାଁରେ ଥିଲୁ ?

ଶାମୁକା—ଆଉ କୋଉ ଗାଁତଚୁଲିକି ଯାଇଥିଲ ?

ମାଧିଆ—ବାଲ୍ୟରୂଠରେ ପର୍ବ ତାମସା ହେଉଥିଲା ଲୋ ! ସେଇଠିକି ଯାଇଥିଲୁ, ସେଠୁ ସିମିତି ଫେରୁଚୁ, ସିଧା ଏଇଠି । ସାଙ୍ଗରେ ପୁରୁଣା ଘିଅ ଆଉ ମହୁ ନେଇଆସିଚୁ—ଦେଖୁନୁ ।

ଦୁଃଶାସନ—(ତରକ୍ତ ହୋଇ) ଅଲୋ ଝିଅ, ତୁ କ'ଣ ଏମାନଙ୍କୁ ମହୁଘିଅ ଆଣିବାକୁ କହିଥିଲୁ ?

Source: Author, Digitized by PPRACHIN, SOA

ଶାମୁକା—ନା, ବା', ମୁଁ କାହିଁ ଏଗୁଡ଼ାକୁ କହିବି ?

କୃଷ୍ଣ—ହଉ, ସୁଦାମ କକା ଆସୁ, ମୁଁ ପଚାରିବି ଯେ···

ମାଧିଆ—ଆମେ କ'ଣ ମିଛ କହୁଚୁ ? ଘିଅ, ମହୁ ସବୁ ଏଠି ରହିଲା । କଥାଟା ସୁଦାମ କକା ପାଖରେ ମୁହାଁମୁହିଁ ହେଇଗଲେ ଅଡ଼ୁଆ ଛୁଟିଯିବ ।

[ ଦୁହେଁ ଘିଅମହୁ ରଖି ଚାଲିଯାଉଥିଲେ··· ପଛରୁ ଶାମୁକା ଚଅଁ କେଇ ଅଠା କଲାପରି ଡାକିଲା ]

ଶାମୁକା—(ହଟହୋଇ) ତୁମେ ସତରେ ଚାଲିଯାଉଚ ନା କ'ଣ ?

କୃଷ୍ଣ—(ମାଧିଆକୁ ଉତ୍ସାହିତ କରି ଚୁପା ଗଳାରେ) ଆବେ ମାଧିଆ, ଚାଲିଯାଉଚୁ କ'ଣ ? ଘିଅଟା ନେଇ ନଜଗା ଗୁଡ଼କେ ମାଲିସ କରିଦେ ।

[ ମାଧିଆ ଚୁପି ଚୁପି ଆଗେଇଯାଉଥିଲା ]

ଦୁଃଶାସନ—(ରାଗରେ) ନା, ଚାଲିଯାଅ ଏଠୁ ଦରକାର ନାହିଁ ।

[ କୃଷ୍ଣ, ମାଧିଆ ଦୁହେଁ ଚମକପଡ଼ି ପଳାଇବାକୁ ଉଦ୍ୟତ ହେଲାବେଳେ ]

ଶାମୁକା—(ଧମକ୍ ଦେଇ) ରୁହ !

[ ଶାମୁକା ଧୀରେ ଧୀରେ କୃଷ୍ଣ ଓ ମାଧିଆ ପାଖକୁ ଆଗେଇ ଆସିଛି । ମହୁ ଓ ଘିଅକୁ ତାଙ୍କ ହାତରେ ଧରେଇ ଦେଇଛି; ମାଧିଆ ଏବଂ କୃଷ୍ଣ କାଠହୋଇ ରହିଗଲେ ]

ଶାମୁକା—(ରୁକ୍ଷ ଗଳାରେ) ଯାଅ···ବାହାରିଯାଅ ଏଠୁ···

[ ହାତ ଦେଖାଇଦେଲା ବାହାରକୁ । ମାଧିଆ ଓ କୃଷ୍ଣିଆ ତରବର ଚାଲିଗଲେ ]

—*—

Source: Author, Digitized by PPRACHIN, SOA

# ଚତୁର୍ଥ ଦୃଶ୍ୟ

[ ଖଳ ଗୋହିରୀ ନିକଟସ୍ଥ ଡୋଟା । ହିଡ଼ୁହିଡ଼ିଆ ଖରାବେଳେ; ହଳ ଫିଟାଇଦେଇ ମଧୁ ଆସିଛି । ଦେହମୁହଁରୁ ଝାଳ ବୋହି ପଡ଼ୁଛି । ତଳେ ଅଲଗା ହୋଇ ବସିପଡ଼ିଛି ମଧୁ । ତା'ପରେ ପାଖିକର ଅନ୍ୟ ବିଲରେ କାମ କରୁଥିବା ସଦାକୁ ଡାକିଛି ଜୋରରେ ]

ମଧୁ—ଅରେ ହେ ସଦା···!

ସଦା—(ଭିତରୁ) କ'ଣ କି ମଧୁଆ'ଇ ?

ମଧୁ—ଆରେ ସେ ବଳଦଗୁଡ଼ା ଅକମିଗିବେରେ ! ସେଇଠିକି ଆଉ; ଇଆଡ଼େ ଆଇଲୁ ।

ସଦା—(ପ୍ରବେଶ କରି) ମଧୁଆ'ଇ ! ତୋର ସେପଟ ବିଲ ମଇରାଅ ସରିଗଲା ? (ଦୂରକୁ ଅନେଇ) ଆରେ, ସେଠି ଟ୍ଁ ମୁଣ୍ଡି କସରା ଡ'ଟା କିଏ ଖଛଡଲେ ବନ୍ଧା ହେଇଛନ୍ତି, ଆଉ ତୁ ଏଠି···ବଇଚୁ ?

ମଧୁ—ଏ ଯୋଉ ଖରାତାତି, ମୁଣ୍ଡଦହି ତରଳିଯିବ । ମୁଁ ତ ଅକଥାହୋଇଛି; ଆଉ ସେ ବଳଦ ଦ'ଟା···ତା' ଗଳବେକୁ ଫିଟେଇ ଦେଇଛି ··

ସଦା—ମୁଁ କହୁଛି, ତୁ ମୁଣ୍ଡରେ ଠେକାଟା ବାନ୍ଧ···ତୁ ତ ଶୁଣିବୁନି ।

ମଧୁ—(ସହାନୁଭୂତି ଦେଖାଇ) ଠେକା ବାନ୍ଧିବି ? (ଅଣ୍ଟାରୁ ଅଇନା, ପାନିଆ କାଢ଼ି ମୁହଁ ଦେଖିଛି) ଦେଖୁଛୁ, ମୁହଁଟା ଦେଖୁଛୁଟି ? ଗୋଟେ ବାଳ ଏପାଖ ସେପାଖ ହବାକୁ ଦେଉନି । ଇଲିକଟି ଅଇନା, ତା ସାଙ୍ଗକୁ କଟକି ପାନିଆ, ଇଆ ଉପରେ ଆଉ ଠେକା ଭିଡ଼ିଲେ ହବ ?

ସଦା—ମଧୁଆ'ଇ ! ସେ ବଦୁଆଟା ସାଙ୍ଗରେ ପଡ଼ି ତୁ ଅଧା କଲିକତିଆ ହେଇଗଲୁଣି । ସେଇଟା ଚଟକଳରେ କୁଲିକାମ କରେ କି କେଉଁଠି

Source: Author, Digitized by PPRACHIN, SOA

କ ତ୍ୱାର ଅଙ୍ଗଠା ବାଉନ ମାନେ, ତାଙ୍କୁଇ ଜଣା । ଖେଳେ ତୁ ଜାଣିକ
ତା'ର ସାଥିରେ ମାରିଚୁ, କହିଲୁ ? ଓଧ ସାଙ୍ଗେ ବଢେଇଛୁ ଆ...

ମଧୁ—ତୁ'ଟା କ'ଣ ବୁଝିବୁ ? ଶୁଣ, ବା'ଡ ଗଳାଣି । ତୁ ବଦଲୁ; ଆଉ ଜେଇଟା ଟଳ ଯେ, ତ ମଇ ବୁଲେଇ ଦବୁଣ ? ସାହା ଅଛୁ ମୁଣ୍ଡ ନଗେଇଦେ—

ସଦା—ନା'ଣିକ ? ତୁ କୁଆଡେ ଯିବୁ କି ?

ମଧୁ—କୁଆଡେ ଯିବ !!! ତତେ ଜଡ ଜହୁଥିବ ନା କ'ଣ ?

ସଦ—ଅ'ଚ୍ଛା, ଭାଇ ? ବନନେ ନ ଗଲେ ଚଳିବନି ?

ମଧୁ—ଆରେ, ତ'ସଖେଳ ମଜା ତୁ କ'ଣ ବୁଝିବୁ ? ଟିକା କ'ଣ ଜାଣିଚୁ ? ଯେ କ୍ଷମ ଜ ଣିଚୁ ? ଆଉ ସାଇବ, ଚଢ...(ପୋଖତ ଖେଳାଲି ଭଳି ମଧ୍ଆ ଭଢ ବୁଲିଥାଏ ଏବଂ ସଦା ଏସବୁ ବୋକା ଭଳି ଶୁଣୁଥାଏ ଓ ଜ ଣିକ ଚୋଲି ମୁଣ୍ଡ ହଲଉଥାଏ)

ସଦା—ହ · ବି ··

ମଧୁ—କହୁ ତ ଜାଣିବୁ ତୁ ଖାଲି ଜାଣିଚୁ ହଳ, ଲଙ୍ଗଳ, ଲଙ୍ଗଳ, ଖୋଡ଼, ଦାଆ, ବଳଦ, ବହୁନ...ଆ ଯ, ମୁଁ ଯାଉଚି । ସିଆଡେ ସମେତ ମତେ ଅନେଇ ବଇଥିବେ । [ ଗ୍ଲକଯାଉଥିଲି ]

ସଦା—(ପଛରୁ ଡାକ) ତୁ ଖାଇବୁବ ଭାଇ ?

ମଧୁ—ଅରେ ଯା, ପରେ ଖାଇବ । ଯେଠି ଅଡ୍ଡା ଉପରେ ବସିଗଲେ ନା ଖେଳ ନା ଶେଷ...

[ ମଧୁ ଚ୍ଲଲିଯାଇଛୁ ଓ ଅପର ପାଖରୁ ଆସିଛୁ ରେବତୀ—
ମଧୁ ଓ ସଦାଙ୍କୁ ଡାକ ଡାକ । ରେବତୀ ହାତରେ ଖତବେଳି ]

ରେବ—ମଧୁଆ...ସଦା...!

ସଦା—ବୋଉ !

ରେବ—ତୁ ଏକା ଏଠି ଠିଆହେଇଚୁ ? ମଧୁଆଟା କୁଆଡ଼େଗଲା କି ?

ସଦା—(କଥାଟା ଲୁଚ୍ଚଇବାକୁ ଚେଷ୍ଟା କରି) ଚୋଟା ଅରପଟ ଜମିଟା ମଇ ଦବାକୁ ସେ ଯାଇଚ ।

ରେବ—ହଇ, ତୁ ନେ ଖା ।

Source: Author, Digitized by PPRACHIN, SOA

ସଦା—ବା’ ଖାଇଲଣି ?

ରେବ – ତା’ର କୋଉ ଖାଇବାପିଇବା ଠିକ୍ ଅଛି ? ଗୋଟେ ନିଶା ତ ଲାଗିଛି…
ସେଇ ଦୁଃଶା ମହୁସା…

ସଦା—ସତରେ ବୋଉ, ଗଲାସନ ଧାନ ଅମଳବେଳେ ଯେଉଁ ଲୋକ ଆମ ବିଲରୁ
ରାତ ରାତି ଧାନ କାଟିନେଇ, ସକାଳୁ ମିଛ ସାକ୍ଷୀ ଠିଆକରି ମାଲିମକଦ୍ଦମା
କରିଥିଲା ଆଜି ତାକୁଇ ବସେଇବାକୁ ବା’ର ଏତେ ଗରଜ…

ରେବ—ହଁ, ଗରଜ !!! ଦେଖୁନୁ, ପଥିପାଚନ ସବୁ ମୁଁ ନିଜେ କରୁଛି ।
ରାତିରେ ନ ଶୋଇ ତା’ର ପାଖରେ ଜଗିବସୁଛନ୍ତି । ସେଥିରେ ଫେରେ
କହିଲେଣି ତା’ଜମିକୁ ଏଣିକି ଆମେ ଅଡ଼େ ଉଠିଆ କରିବା ।

ସଦା—ଆମେ କରିବା ?

ରେବ—ହଁ, ଦୁଃଶା ମହୁସା ଗୋଡ଼ ତ ଅଚଳ ହୋଇଗଲା; ସିଏ କ’ଣ ଆଉ ନିଜ
ଜମି ଚଷିପାରିବ, ନା ତାର ଆଉ କେ ଅଛି ଯେ, ବାପପାଇଁ ଯାଇ
ବିଲରେ ଠିଆ ହବ । ସେସବୁ ଜମି ଆବାଦ କରିବା ଏଣିକି ତମ
ବା’ଜଣଙ୍କ ଉପରେ ।

ସଦା—ଜମି ଜାମକୁ ତ ଆମକୁ ବେଳ ଅଣ୍ଟୁନି; ସେଥିରେ ପୁଣି ତା’ଜମି…

ରେବ—ସେକଥା କହିଲେ ସିଏ କ’ଣ ଶୁଣିବେ ନା ବୁଝିବେ ? ଯା’ଙ୍କୁ ବଳେ
ଯୋଉଆ କରିବେ ସେଥିକି ମୁଁ କଅଣ କରିବି ? ହଉ, ବେଳହେଲା ଭୁ
ଲେଇଯିବୁ, ମୁଁ ଯାଉଛି ସିଆଡ଼େ ଶାମୁକାକୁ ପଗ ଘରେ ବସେଇ ଦେଇ
ଆସିଛି ।

ସଦା—(ପରିହାସ କରି) ତାକୁ ବସେଇ ଦେଇ ଆସିଛ ?

ରେବ—ହଁ, ମୁଁ ଗଲେ ସିଏ ତା’ବାପର ପଥି ନେଇଯିବ ପରା ।

ସଦା—ହଁ, ଯିବ ଯେ, ହେଲେ ଆମ କରମଙ୍ଗା ଘରଟାକୁ ନଣ୍ଡାକରି ଦେଇଯିବ ।
ସେଇଟା ଗୋଟେ ଅଲକ୍ଷଣୀ ।

ରେବ—ଛି, ସିଏ କାହିଁକି ଅଲକ୍ଷଣୀ ହବ ? ତୁ ତାକୁ ଛିମିଛ କହୁଛୁ ।

ସଦା—ସତରେ କେ ବୋଉ, ତା ମୁହଁଖୁହଁ ଯୋଉଦିନ ଡାଲଧରି ବାହାରିଲି ନା,
ସେଦିନ କାହିଁକି ଗୋଟେ ବଡ଼ମାଛ ପଳେଇଲା ! (ଅଭିମାନ କରି) ଖାଲି ତ
ଗୁଣ୍ଡି ମାଛ…

Source: Author, Digitized by PPRACHIN, SOA

ରେବ  ତତେ ଜାଲ ପଡେଇ ଅସୁ ନ ଥିବ; ତୁ ତା ଦୋଷ କାହିଁକି ଦେଉଚୁ ?
ହଉ, ତୁ ଖାଇଦେ; ଭାଇ ଆସିଲେ ପଛେ ପରେ ଖାଇବ, ମୁଁ ଯାଉଚି ।

[ ରେବତୀ ଚାଲିଯାଇଛି । ସଦା ଖାଇ ବସିଛି, ଦୂରରୁ "ରାମ ଯେ ଲକ୍ଷ୍ମଣ" ଗୀତର ସ୍ୱର ଭାସିଆସିଛି । ସଦା, ଭାଇ ଖାଇ ନ ଥିବା ମନେ ପକାଇ, ନ ଖାଇ ରଖିଦେଉଛି । ଏତିକିବେଳେ ପ୍ରବେଶ କରୁଛି ସୁଦାମ ନନା—ନାସ ଟିକେ ହାତରେ ଦଳି ଦଳି କଥା କହୁଛି ]

ସୁଦାମ—କିରେ, ଆଜି କ'ଣ ଏକା ଏକା

ସଦା—ଭାଇ ତେଣେ ସେପାଖ ଜମିକି ଯାଇଚି ।

ସୁଦାମ—(ଟିକିଏ ଚକ୍ରାକରି) ଗୁଡ଼, ଗୋଟେ କଥା ପଚାରିବି ବୋଲି ଆସିଥିଲି ଯେ ମଧୁଆ ଥିଲେ ସିନା ପଚାରନ୍ତି । ତୁ ଟା'ତ ଟୋକା ଭୁଲର ନୋଦ୍ଧୁ—ପଚାରି ଆଉ ଲାଭ କ'ଣ ?

ସଦା—କ'ଣ କହୁନ ?

ସୁଦାମ—ତୁ କ'ଣ ବାପ ସେହିରୁ ଗହନ କଥାର ମରମ ବୁଝିବୁ ?

ସଦା—ଗହନ କଥା ?

ସୁଦାମ—ଆଚ୍ଛା, କହୁଲୁ, ଏଇ ଯେ ଦୁଃଶାସନ, ତା'ଜମିସବୁ କୁଆଡ଼େ ତୋ ବା' ନାଁରେ ଲେଖିଦେଇଚି ?

ସଦା—ନା, ଲେଖିଦେବ କାହିଁକି ? ସିଏ ତ ଆଉ ପାରିବନି, ସେଇଥିପାଇଁ ବା' କହିଚି ସେହିରୁ ଜମି ଏସନ ଆମେ କରିବୁ—

ସୁଦାମ—ତା'ହେଲେ ମୁଁ ଯାହାସବୁ ଶୁଣିଥିଲି ସବୁ—ସତ, ଆଉ···

ସଦା—କ'ଣ ଶୁଣିଥିଲ ?

ସୁଦାମ—ଏଇ, ଲୋକମାନେ କହୁଚନ୍ତି, ତାହାଙ୍କ ଭିତରେ ଏତେ ଦିନର ଅହିନକୁଳ ସମ୍ବନ୍ଧ ପଡ଼ିକେ କୁଆଡ଼େ ତୁଟିଗଲା ! ଏଇନା "ଅରକ୍ଷିତ" "ଦୁଃଶାସନ" ଭାଇ, ଭାଇ ଭିତର କଥା ହେଉଚି, "ଜମି" ।

ସଦା—ଆଉ କିଏ ବୁଝନ୍ତୁ ନ ବୁଝନ୍ତୁ, ତମେ ଠିକ୍ ଏଇକଥା କହୁଥିବ ।

Source: Author, Digitized by PPRACHIN, SOA

ସୁଦାମ—କଅଣ କହିଲୁ ? ମୁଁ କହିବୁଲୁଚ ! ଛରେ, ମୋର ଯୋଷ୍ଟରେ କ'ଣ ଯାଏ ଆସେ ? ମୁଁ ତ ତାକୁ ଜମିଗୁଡ଼ାକ ମୋ ନାଁରେ ଲେଖିଦବାକୁ କହୁ ନ ଥିଲି; କହୁଥିଲି ଏ ସବୁଟା ଠାକୁରଙ୍କ ନାଆଁରେ ଭୋଗରେ ଦେଇଦେ, ଠାକୁର କିଛି ପାଇବେ·· ତୁ ବି କିଛି ପାଇବୁ—

ସଦା—ନନା, ବୁଢ଼ାଆରେ ସମସ୍ତେ ଓଷା ଅଧିକେ ପରଠୁ ମାଂସ ଖାଆନ୍ତି । ହେଲେ ତମେ ସମସ୍ତଙ୍କଠୁ ଖାଇ ଖାଇ ଏବେ ଠାକୁରଙ୍କ ନାଁରେ ବି ଖାଇବା ଆରମ୍ଭ କଲଣି, ବେଶି ଖାଅନି ନନା!, ପେଟ ଫାଟିଯିବ ।

[ ସଦା ଚାଲିଯାଇଛି । ପରେ ପରେ ପ୍ରବେଶ କରନ୍ତି ଅଲକ୍ଷ୍ୟରେ କୃଷ୍ଣ ଓ ମାଧିଆ ]

ସୁଦାମ—(ସଦାର ଯିବାବାଟକୁ ଚାହିଁ) କରେ ! ତୁ କେଣ ବଡ ବଡ କଥା ତ କହିଲୁଣି ! ହୁଁ, କହିବୁନି କାହିଁକି ? ମୁଦ୍ଦିପାଠଚ୍ଛ, ଦିହରେ ପୁଅ, ବେଳ ଆସୁ, ଦେଖିବା । [ ସଦାର ଯିବାବାଟକୁ ଚାହିଁ କହୁଥିଲି ]

କୃଷ୍ଣ—ଯାଉ ସିଆଡ଼େ ଦେଖନ୍ତୁ ନନା, ଇଆଡ଼କୁ ଟିକିଏ ଦେଖ ।

[ ସୁଦାମ ଓଲଟି ଚାହାଁନ୍ତି ହୋଇ ]

ସୁଦାମ—କରେ ବାପ କୃଷ୍ଣ, (ମାଧିକୁ ଦେଖି) ମାଧି, ତୁ ବି···

ମାଧିଆ—ଯା' ବାବୁ, ଛୁଟି ପାଇଲ ! ମୁଁ ତ ଭାବିଥିଲି ଛୁଟି ପାଉନ ବୋଲି···

ସୁଦାମ —କରେ, କ'ଣ ଇମିତି ବଙ୍କା ବଙ୍କା କଥା କହୁଚୁ ? କ'ଣ, ଜଣାପାଣି ହେଉଚି ?

ମାଧିଆ—ନାହିଁ ନନା, ସେଦିନ ଜଣାଖାଇ ଅଧା ହୋଇଥିଲେ । ହେଲେ ଆଜି ପୁରା ହୋଇଛନ୍ତି ।

ସୁଦାମ—କରେ, କଅଣ କ'ଣ ? କଣେ ବେ ଚଲ କଣେ ଠେକଧର···କଥା କ'ଣ ?

କୃଷ୍ଣ—କିଛି ନୁହେଁ । ଏଇଟା ଘିଅ, ଆଉ ଏଇଟା ମହୁ !!!

ସୁଦାମ—ଓ-ହୋ···ବୁଝିଲି·· ବୁଝିଲି ।

କୃଷ୍ଣ—ନନା ! ଶାମୁକା ବାପା ନାଆଁ କହ ପୁରୁଣା ଅରୁଆ ଚାଉଳ ମଗେଇ ଖାଇଲ । ଭିଅ ବାଇଗଣ ମଗେଇଲ; ତାକୁ ଖାଇଲ, ଏ ଘିଅ ଆଉ

Source: Author, Digitized by PPRACHIN, SOA

ମନ୍ତ୍ର ତ'ଟା ଜାଣିଲ ବାକି ରହିବ ? ଦେ'ରେ ମାଧିଆ, ଘିଅଟା ଗ୍ଲାସରେ ମାଲିସ୍ କରଦେ ମୁଁ ମନ୍ତ୍ରଟା ପାଟିରେ ଢାଳିଦଉଚି ।

[ ବୁଢ଼େଇ ଉଦ୍ୟତ ହେଲେ ]

ସୁଦାମ—ଆରେ · ରେ, ଏଇଁ କଣ ? ହଇରେ, ମୋ ସାଙ୍ଗରେ ଥଟ୍ଟା !

ମାଧିଆ—ଥଟ୍ଟା ନୁହେଁ ଜନା, ଟିକଏ ଖଟା । ପୁରୁଣା ଗୁଆଘିଅ ମାଲିସ୍ କଲେ ମଜାଗ ଛୁଟିଯିବ ।

କୃଷ୍ଣ—ଆଉ···ଇଏ ଖାଣ୍ଟି ପଦ୍ମମନ୍ତ୍ର ! ପିଇଲେ କଫ ଛୁଟିଯିବ; ଅଁ ଜନ ଜନା, ଧ'ଆରେ ମାଧିଆ !

[ ସୁଦାମ ଏମାନଙ୍କ ଚଟାଣରେ ବଂଶବ ତ୍ରି ହୋଇ ବଉଡ଼ି ପଳେଇଚ୍ଛ, ପଛରୁ ଡାକୁଥାନ୍ତି କୃଷ୍ଣ ଓ ମାଧିଆ ]

ମାଧିଆ—ଜନା, ପୁରୁଣା ଗୁଅଘିଅ···

କୃଷ୍ଣ—ଜନା ! ଖାଣ୍ଟି ମନ୍ତ୍ର···

—*—

Source: Author, Digitized by PPRACHIN, SOA

## ପଞ୍ଚମ ଦୃଶ୍ୟ

[ ଦୃଶ୍ୟ ଆନେକତ ଚେଙ୍ଗବେଲକୁ ଦେଖାଗଲ ଅରକ୍ଷିତର ସେଇ ଘରଟି । ଶାମୁକା ଦନ୍ତ ଦ୍ୱାଣ୍ଡି ଟା ଇଷି ଦନ୍ତ ମୋହୁଁ ଟ ଅଗଣାରେ । ଦୂରରେ ବାଜଚ୍ଛ ଗୀତରସୁର ଅଜଣା ବଇଁଶୀରେ "ତୋ ଲାଗି ଗୋପ ଦାଣ୍ଡ ମନ'ରେ କାଲିଆ ସୁନା" । ପ୍ରବେଶ କରନ୍ତି ସଦା ବାହାରୁ ]

ସଦା—(ବାହାରୁ ଡାକି ଡାକି ପ୍ରବେଶ କରନ୍ତି) ବୋଉ, ବୋଉ କାହିଁ ! ଧାନ ଟୋକେଇ ଡ'ଇଷ୍ଟା ଦେଲୁ (ଶ ମୁକାକୁ ଦେଖି) କହିଲେ ! ରୁ ?

ଶାମୁକା—(ଦନ୍ତ ମୋହୁଁ ମୋହୁଁ ଜବାବ ଦେଲା) ମା:ଛୁଟୀ ଯାଇଚ ଆମ ଘରକୁ ।

ସଦା—ଏତେବେଳେ ତମ ଘରକୁ ··

ଶାମୁକା—ଆଜି ପରା ଅକ୍ଷୟତୃତୀୟା; କ'ଣ ସବୁ ପିଠାପଣା ବା' ପାଇଁ ନେଇ ଯାଇଚ ।

ସଦା—ଓ, ତେବେ ତା 'ହେଲେ ଘର ଜଗେଇ ଦେଇଯାଇଚ ! ସକାଳୁ ସବୁ ସଇଲ···

ଶାମୁକା— କ'ଣ ସଇଲ ?

ସଦା—ଘରେ କ'ଣ ଆଉ କରୁଥିବ ? ଅଗର, ଚେମ୍ଚୁଲ, ଅମୂଲ, ଲଙ୍କା ସବୁ ସ୍କୃଟିଚ୍ରୁଟି ସଙ୍ଗ କଣଦେଇଥିବୁ !

ଶାମୁକା—(ଖୁବ୍ ତେଜ'ର) କ'ଣ ଏମିତ ଡାହାଣୀ କଣ ପାଇଲୁ କି ?

ସଦା—(ଶଭେଇ ହୋଇ) ଖାଲି କ'ଣ ଡାହାଣୀ, ଜଣା ଡ ଅଛି ।

Source: Author, Digitized by PPRACHIN, SOA

ଶାମୁକା—କ'ଣ କହିଲୁ ?

ସଦା—ମଲ୍, ଏକଥା କଣ ମୁଁ ଏକା କହୁଛି ? ଗାଁସାରା, ଯେ ଶୁଣିବ ସମସ୍ତେ ସିଏ କହୁଛ ।

ଶାମୁକା— ତାକୁ ମୁହଁ ! ଝାଣ୍ଟିରୁ ଦଣ୍ଡଟା ଉଠେଇ) କଏ କହେ ? ଆସୁ ତ, ମୋ ଆଗରେ କହିବ !

ସଦା—ଆରେ, ତୋ ଆଗରେ ପୁଣି କଏ କହିବ ? ଏତେ ବଡ଼ ସାହସ କାହାର ଅଛି ? ତୁ ଯେ ଭଙ୍ଗା ଡାଆଣୀ, ଝିଙ୍କିପକେଇବୁ, ସାତଘର କଜିଆ ଲଗେଇଦେବୁ ।

ଶାମୁକା—ତୁ ବାହାର ହୋଇ କହିବାକୁ ଆସିଛୁ, ନା ମୋ' ସାଙ୍ଗରେ କଳି କରିବାକୁ ଆସିଛୁ ?

ସଦା—ଉଁ, ମୋର ଆଉ କିଛି କାମ ନାହିଁ ଯେ, ଝଗଡ଼ାପଣ୍ଡି ତୋ ସାଙ୍ଗରେ କଳି କରିବାକୁ ଆସିଥିଲି ?

ଶାମୁକା—କ'ଣ, ଦେଖ କେଉ ମୁଁ ଆଣିଦେବି ? (ଚୋଟହେଲା)

ସଦା—(ହସୁଥିଲା) ନା, ମୁଁ ଉଠେଇ ଆଣିପାରିବି ।

[ ଘରେଇ ଦେଉଛୁ ]

ଶାମୁକା—ମୁଁ ସବୁ ଜାଣିଛି, ମୋ ପାଇଁ ଏ ଘରେ କାଳମନ୍ଥି ପୋଡ଼ା ହେଉଛି । ମୋର ଏଠିଘର ଜଗିବ କେଉଁ ଦରକାର ପାଇଁ । ଯେ ଉଚ ମାଉସୀକୁ ଡାକିଦେବ, ସିଏ ତାକୁ ବସୁ । କଏ ମୋର ସ୍ୱାମୀଙ୍କରେ ମୁହଁକୁ ମୁହଁ ଯୋଡ଼ି କଳି କରିବ ?

[ ଶାମୁକା ଗଡ଼ଗଡ଼ ତଳକୁ ହୋଇ ଚାଲିଯାଇଛି । ସଦା ତା ଯିବା ବାଟକୁ ଲକ୍ଷ୍ୟକରି କହୁଛି ]

ସଦା—ଅଲୋ ଏ ଶାମୁକା ପଳେଇଲୁ ନା କ'ଣ ? ନା, ଗଛରେ ଯାଇ ଚଢ଼ିଲୁଣି ? (ଉପରକୁ ଚାହିଁ ଖୋଜିଲା) ଅଲୋ, କୋଉଠି ତୁ ... ?

(ଉପରକୁ ଚାହିଁଥିବାବେଳେ ମଧୁର ପ୍ରବେଶ )

ମଧୁ—(ବାହାରୁ ବ୍ୟସ୍ତହୋଇ ମଧ ଅଇନା ପାଣିଆ ଧରି ଆସିଛୁ) ହଇରେ, ସମସ୍ତେ ଯାଉଛନ୍ତି, ତୁ ଯିବୁନି ?

Source: Author, Digitized by PPRACHIN, SOA

ସଦା—ହେଉଛି ସବୁ ବାହାଘର ।

ମଧୁ—କ'ଣ ଏମିତି ଶବ୍ଦ ସବୁ ଧରି ?

[ ମଥା କୁଣ୍ଡାଇ କୁଣ୍ଡାଇ ଉଠିଲା ମଧୁ ]

ସଦା—ଭାଉଜି, କ'ଣ ହେଲା କି ?

ମଧୁ—ହଇରେ, ତୁ ବୁଝୁନୁ ବାହାଘର ଭଳିଆ ?

ସଦା—ଚାଲକୁ ।

ମଧୁ—(ତାଳୁଲି ବଜାଇ) ତୋ ପେଟର ଅଛି କହେ ।

ସଦା—ହଉଛି ?

ମଧୁ—ହଇରେ, ଏବେଠୁ ଭଲକା ସାଙ୍ଗ ଦୁଲମୁଲ ଏଠି ଗୋଟେ 'ବନ୍ଦର' ହେବ । ବଡ଼ ବଡ଼ ଜାହାଜ ଆସିବ । ସେ ଦିନ ବନ୍ଦିପିଲାଙ୍କର ସାଇବ ଯାହା କହୁଥିଲେ କ'ଣ ବୁଝିଲୁ ?

ସଦା—ହଁ, ସେଥିରେ ଆମର କ'ଣ ଅଛି ?

ମଧୁ—ଆମର କ'ଣ ଅଛି ! ହଇରେ, ଆମର ଜାଗା ଉପରେ ଏତେବଡ଼ କଥା ହେଉଛି । ସେଇଥିପାଇଁ ମୁହାଣ ପାଖରେ ବାଡ଼ିରେ କ'ଣ ଲେଖାହେଲା, ଗାଁର ମଟର ସବୁ ଆସି ଭାଙ୍ଗିଛନ୍ତି ବଡ଼ ବଡ଼ ଘର । ସୁନ୍ଦର ଟଣା ହେଉଛି । ସଭା ହବ, ମନ୍ତ୍ରୀ ଆସିବେ, ଆଉ ବାହାରେ କ'ଣ ସବୁ ନ ଚଳିବ ହବ ରୁ ଦେଖିବାକୁ ମିଳୁନି ?

ସଦା—ଯାଉଆନ୍ତୁ ଯେ, ହେଲେ ଆଜି ସବୁ ଅଭିନୟରୁ । ବଳକୁ ଅଶ୍ରୁପୂର୍ଣ୍ଣ ଦିବା କଥା । ଅଙ୍କ ସନ୍ଧ ଚଳରେ ଅଶ୍ରୁମୁଠି ନ ପଡ଼ିବ—

ମଧୁ—ଅରେ, କି ସବୁ ତ ଅଭିନୟ ପାଳୁଚୁ । ହେଲା, ଏବେ ବାସି ଭୁଣା ହବ । କ'ଣ ହେଲା ସେଇଠୁ ? ଗୁଲ୍ ଗୁଲ୍, ବାହାଘରପଡ଼, ଭଲ ଜାମାଟେ ପିନ୍ଧିପକା ! (ଅଇନା ପାଖଆରେ ମୁଣ୍ଡ କୁଣ୍ଡାଇ କୁଣ୍ଡାଇ) ମୁଁ ସବୁ ସଭାକୁ ଟେଶନ ଯାଉଛି ଯେ ଏତେବେଳଯାଏ ଗୋଟେ ମନକୁ ପାଇଲା ପରି ହଉନି ।

Source: Author, Digitized by PPRACHIN, SOA

ସଦା — ନା, ବା' ପାଣ୍ଡୁଆ ପଦ୍ମକୁ ବାହାରିଗଲେଣି, ବାଟରେ ମତେ ଅନେଇଥିବ ।
ମୁଁ ଭଡ଼ନ ନେଇ ନ ଗଲେ…

ମଧୁ — ନ ଗଲେ ସେ ଏକା କ'ଣ ପାରିବ ? ଖାଲି ଆମ ଜଅସ୍ତ ତ ନୁହେଁ, ଦୁଃଶା ମହୁଆ ଜଅସ୍ତ ବି ଜୁଟାଇବ । ତୁ ତ ସିଆଡ଼େ ଯାଉଚୁ, ମୁଁ ନ ଗଲେ ବା' ହଇରାଣ ହବ ।

[ ସଦା ଯାଇ ଘର ସଜ କରୁଚୁ । ବାହାରୁ ରଘୁ ଡାକ ଡା'କ ପ୍ରବେଶ କରୁଚୁ । ସେ ମଧ୍ୟ ବେଶଭୂଷା ହୋଇ ଆସିଚୁ ]

ରଘୁ — ମଧୁଆ ମଧୁଆ ! (ପ୍ରବେଶ କରି) ମୁଁ ଠିକ୍ ଜାଣିଚୁ ତୋ'ର ଡେରି ହବ । ହଇରେ, ମାଧୁଆ, କୃଷ୍ଣିଆ ହେରିକା ସବୁ ବାହାରିଗଲେଣି । ଗାଁରେ ଲୋକେ ବଳେଇଲୁଅ ବି ଦେଖାଯାଉନ । ତୁ ଏତେବେଳଯାଏ ବା'ହାରନୁ ? ତୋର ତ ମୁଣ୍ଡବୁଣ୍ଡା ସରିବ ନାହିଁ !

ମଧୁ — ଆରେ ଯା, ମୋ ମୁଣ୍ଡବୁଣ୍ଡା ପାଇଁ କ'ଣ ଏତେ ଡେରି ହଉଚି ? ଏଇ ସଦାଟା ପାଇଁ ଦେଖୁନୁ କେମିତି ବାହାରେଟ ବଳକୁ; କ'ଣ ନା' ଆଜ ଅକ୍ଷତୃତୀୟା…ହଇରେ ସଦା, ଶୁଣିଲୁଟି, ଗାଁସାରା ସମସ୍ତେ ଯାଇଁ ମୁହାଣ ପାଖରେ; ଆଉ କା'ର ଅକ୍ଷତୃତୀୟା ଅଛୁ ନା ଏକା ତୋର ?

ରଘୁ — ସେଇଟା ମାଟି 'ସାଙ୍ଗରେ ପଡ଼ ମୁଁ ଟି ହେଇଗଲାଣି । ତାକୁ ଚାହିଁକ ଡାକୁଚୁ ? ତୁ ଜଲଦି ବାହାରିପଡ଼ । ଆଜ ସେଠି ଦୋକାନ ପାଇଁ ଜାଗା ଝଗଡ଼ ହବ; ମୁଁ ଭାବୁଚି ଶୀଘ୍ର ଯାଇ ଦୋକାନ ପକେଇବ । ଡେରି କଲେ ଏସବୁ କାମ କରୁ ହବନ ।

ମଧୁ — (ସଦାକୁ) ହଉ ତୁ ନ ଯା, ମୁଁ ଯାଉଚି । [ ଉଭୟ ଘରଭିତରକୁ ଗଲେ ]
ସଦା — ତୁ କେତେବେଳେ ଫେରିବୁ ? ? [ ଭିତରକୁ ଚାହିଁ ସଦା ପଚାରିଲା ]
ରଘୁ — ଆଜ ଆଉ ଫେରିବା କଥା ନୁହଁ । ସଞ୍ଜକୁ ସେଠି ନାଟ, ତାମସା, ପାଲା, ଦାସକାଠିଆ କେତେ କ'ଣ ହବ; ସେସବୁ ଛାଡ଼ି କ'ଣ ଆସିହବ ?

Source: Author, Digitized by PPRACHIN, SOA

ସଦା—(ଘରଭିତରକୁ ମଧୁ ଅଡ଼କୁ ଦୃଷ୍ଟି) ତା' ସମ୍ପର୍କରେ କ'ଣ କହିବ ?

ରଘୁ—କଣରେ, ଓଷଧାଳ ଭ'ଣ ଅଛି ? ମନ୍ଦସା ସନ୍ତୁଶଳେ କହୁଥିବୁ, ଯାଇସାଗ ଲୋକେ ଯାଉଛନ୍ତି । ଇଏ ତୋର ଅସଗ୍ରୟ କଥା ଯେ—(ବାହାରୁ ତୋପ ଫୁଟିବାର ଶବ୍ଦ ଓ ପରେ ପରେ ବ୍ୟାଣ୍ଡ ପାର୍ଟିର ଅର୍କେଷ୍ଟ୍ରା ଶୁଭିଉଠିଲା) ଅରେ ମଧୁଆ ! ସିଂଗଡ଼େ ବାଜାବାଜନା ତୋପଫୁଟିଲା—ଯଇଜ୍ଞ—ସବୁ ସଇନ୍ଭ—ତୋ ସାଙ୍ଗରେ ପଡ଼ । (ମଧୁ ନୂଆ ଜାମାପିନ୍ଧି ଘରଭିତରୁ ବାହାରିଲା ଓ ରଘୁଆ ହାତଧରି ମୁହାଁଣ ଅଡ଼କୁ ଚାଲିଲା)

[ ବାହାରୁ ପ୍ରବେଶ କରିଛି ରେବତୀ ]

ରେବ—ଟିକିଏ ଘରୁ ଯାଇଚ କି ନାହିଁ, ଶାମୁକା ସାଙ୍ଗରେ କଳି ଲଗେଇଦେଲୁ ?

ସଦା—କିଏ କହିଲା ?

ରେବ—ଶାମୁକା ।

ସଦା—ଓହୋ, ଶାମୁକା କହିଲା, ଆଉ ତୁ ତା କଥାକୁ ସତ ମଣିଲୁ !

ରେବ—ପିଲାଟା ଘରେ ଅଛି; ତୁ ତାକୁ କ'ଣ କହିଲୁ ଯେ, ସେତ ଗୁଲଗୁଲ; ମୁଁ ଏବେ ଏକା ମଣିଷ, ଆଜି କେତେ ତାଗ କରିବ, କହିଲୁ ? ପୁଣି କାଲି, ପିଠା ହବ ଯେ, ତେବେଲେ ଗାଁରେ ବଣ୍ଟାଯିବ ।

ସଦା—ମୁଁ ସବୁ ଜାଣିଛି, ବୋଉ, ତା ମୁହଁଁରୁ ଦୃଷ୍ଟି ଟଳେ କିଛି ଭାସ ହବନି ! ଆଜି ଅନୁକୂଳ ଚଳନ୍ତା ! ତୁ ତାକୁ ବେଶୀ ଦେଇଚୁ ! ତା'ର ମୁଁହ ଦୃଷ୍ଟି ମୁଁ ଅନୁକୂଳ କରିଥାନ୍ତି ?

ରେବ—ଚୁପ୍ ! ପରିସ୍ଥିତି କାହିଁକି ଏମିତି ହେଉଛି ? ତା'ଭଳି କେଇଟା ଝିଅ ଏ ଗାଁରେ ଅଛନ୍ତି, କହିଲୁ ?

ସଦା—ଏ ଗାଁରେ ବହୁତ ଅଛନ୍ତି । ହେଲେ ତା ଭଳିଆ ଚଞ୍ଚଳା ଝିଅ ଏ ମଣ୍ଡଳମଣ୍ଡଳରେ ନ ଥିବେ ।

ରେବ—ହୁଁ, ଏମିତି କହୁଛୁ ?

[ ବାହାରୁ ପ୍ରବେଶ କରିଛି ଅରକ୍ଷିତ ଖୁଣ୍ଟି ମନରେ ]

Source: Author, Digitized by PPRACHIN, SOA

ରେବ—ତମେ ବୁଝିଥିଲ ?

ଅରକ୍ଷିତ—(ଭଙ୍ଗା ଗଳାରେ ମୃଣ୍ଡ ତଳକୁ କରି) ଗାଁସାରା ଲୋକ ବିଲକୁ ମୁଠି ନେଉନାହାନ୍ତି ।

ରେବ—ଅକ୍ଷିତୃତୀୟା ଭଲ ଦିନଟାରେ···

ଅରକ୍ଷିତ—ହଁ, ଆଜ ସମସ୍ତେ ବିଲକୁ ପଛରେ ପକାଇଦେଇ ଯାଉଛନ୍ତି ମୁହାଣକୁ ।

ରେବ—କାହିଁକି ?

ଅରକ୍ଷିତ—ସେଠି ବନ୍ଦର ହେବ । ବଡ଼ ବଡ଼ ଜାହାଜ ଆସିବ; ବଡ଼ ବଡ଼ କୋଠା ତିଆରି ହେବ । ବନ୍ଦରଘାଟର ରୋଶଣି ଜଳିବ, ବଣିକବେପାର ଚାଲିବ । ଟଙ୍କା ପଇସା ଆସିବ । ଆମେ ଅଣ୍ଟୁ ପାଣି କାଦୁଅ, ଖରାବର୍ଷାରେ ହନ୍ତସନ୍ତ ହୋଇ ମାଟି ଚଷିବା କାହିଁକି ?

ରେବ—ଏମିତି ସବୁ କ'ଣ କହୁଚ ?

ଅରକ୍ଷିତ—ହଁ, ନୋ ରେବ, ଗାଁଟାସାରା ସଭିଏଁ ମୁହାଣ ପାଖକୁ ଯାଉଚନ୍ତି । ଆମେ କାହିଁକି ନ ଯିବା ? ଚାଲ ସଦା, ତୁ ମୁଁ ସମସ୍ତେ ସେଠିକି ଯିବା ।

ରେବ—ଗାଁସାରା ଲୋକ ମାତିଗଲେ ବୋଲି ତମେ ବି ସଭିଙ୍କ ସାଥିରେ ବାୟା ହେବାକୁ ଯାଉଚ ? ଅଜ ଭଲ ଦିନଟାରେ ତମେ ବୁଣାବୁଣି ନ କରି ··

ଅରକ୍ଷିତ—ରେବ !!

ରେବ—ମୋ ରାଣ ତମକୁ; କେହି ନ ଗଲେ କାହିଁ, ତମେ ଯାଅ, ସଦା ଯାଉ । ତମେ ଦୁ'ଜଣ ବାପପୁଅ ମିଶି ଜମିରେ ଅନୁକୂଳ କରିବ ।

ଅରକ୍ଷିତ—ସଭିଙ୍କ ଜମିରେ ଯଦି ଆଜି ଭଲ ଦିନରେ ଅନୁକୂଳ ନ ହେଲା, ତା'ହେଲେ ଆମ ଜମିରେ ଅନୁକୂଳ କରି ଲାଭ କ'ଣ ?

ରେବ—ଦିନେ ତମ ଜମିକଥା ପଛରେ ପକାଇ ଶାମୁକା ବାପର ଜମିକଥା ଭାବୁଥିଲ ନା ? ଅଜ ତୁମକୁ ସାରା ମୂଲକଟା ପାଇଁ ଭାବିବାକୁ ପଡ଼ିବ । ସଭିଙ୍କ ଜମିକଥା ଭାବିବାକୁ ପଡ଼ିବ । ପର ଆପଣା ଭୁଲିଯିବାକୁ ପଡ଼ିବ;

Source: Author, Digitized by PPRACHIN, SOA

ଅରକ୍ଷିତ—ସତ୍ୟରେ ତ ଆମେ ଦି'ଜଣ କ'ଣ କରିପାରିବୁ ?

ରେବ—କାହିଁକି ? ଯାହାକ, ବଧ୍ୟ ରଖିବା ପାଇଁ ବାପପୁଅ ଦୁହେଁ ମିଶି ସଭିଙ୍କ ଜମିରେ ମୁଠେ ମୁଠେ ବୁଣି ଅନୁକୂଳ କରିଦେଇ ଆସିବ ।

ସଦା—(ଖୁସିରେ) ବୋଉ ଠିକ୍ କହୁଛି, ବା' ! ଆଜି ଆମ ଜମି ତୁଃଶା ମହୁସା ଜମି, ଆଉ ଗାଁସାରା ସଭିଙ୍କ ଜମି ଭିତରେ ହୁଡ଼ବାଡ଼ କିଛୁ ନାହିଁ । ସେମାନେ କେହି ନ ଆନ୍ତୁ । ଆମେ ତ ଅଛୁ; ସେମାନଙ୍କ ପାଇଁ ଆମେ ଅନୁକୂଳ କରିବା । ତୁ ଚାଲ୍, ବା' ! ଆଉ ଡେରି କରନା । ମୁଁ ବିହନଶସ୍ୟ ନେଇ ଚାଲିଲି । (ସଦା ଶସ୍ୟ ସଜାଡ଼ି କାନ୍ଧରେ ଧରିଛି) ବୋଉ, ତୁ ଶଙ୍ଖଟା ଟିକେ ଫୁଙ୍କିଦେ, ମୁଁ ଅନୁକୂଳ କରିବି ।

[ ରେବ ଘର ଛୁଇଁ ମୁଣ୍ଡିଆ ମାରିଛି, ସଦା ମଧ୍ୟ । ଅରକ୍ଷିତ ଠାକୁରଙ୍କୁ ସ୍ମରଣ କରି ଅନୁକୂଳ କରି ବାହାରିଛି । ରେବତୀ ଅଗଣାରେ ଶଙ୍ଖ ଫୁଙ୍କିଛି ଓ ଅରକ୍ଷିତ ଆଉ ସଦା ବାହାରକୁ ଯାଉଛନ୍ତି ]

—ଡ୍ରପ—

—*—

Source: Author, Digitized by PPRACHIN, SOA

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

[ ଅରକ୍ଷିତର ପୂର୍ବୋକ୍ତ ଘର । ସମୟ ସନ୍ଧ୍ୟା; ସମୁଦ୍ରଆଡ଼ୁ ଭାସିଆସୁଛି ମାଛଧରା କେଉଟମାନଙ୍କର ଗୀତରବ । ଅରକ୍ଷିତ ଫେରୁଛି ନଉକୁ ସମୁଦ୍ରଆଡ଼ୁ । ସ୍କନ୍ଧରେ ତାରମାଛଧରା ସରଞ୍ଜାମ ଓ ଟୋକେଇରେ ମାଛ । ଅରକ୍ଷିତ ଆସି ଟୋକେଇଟା ତଳେ ଥୋଇ ଗାମୁଛାରେ ଦେହ ପୋଛୁଛନ୍ତି । ତା'ପରେ କାନ୍ଥରେ ଟଙ୍ଗା ହୋଇଥିବା ଗୋଟିଏ ବାଉଁଶନଳୀରେ ଥିବା ତେଲ ଟିକିଏ ଆଣି ଗୋଡ ଓ ହାତର ଆଙ୍ଗୁଳି ସନ୍ଧିମାନଙ୍କରେ ବୋଳିହେଲେ । (ସମୁଦ୍ରର ଲୁଣି ପାଣିରେ ଗୋଡ଼ ଓ ହାତର ଆଙ୍ଗୁଳି ସନ୍ଧିସବୁ ଖଇଯାଉଥିବାରୁ କେଉଟମାନେ ସମୁଦ୍ରକୁ ଯିବାବେଳକୁ ଓ ସମୁଦ୍ରରୁ ଫେରିଲା ପରେ ଏପରି କରନ୍ତି) ଅରକ୍ଷିତ ଘରଭିତରେ କାମକରୁଥିବା ରେବତୀକୁ ଡାକିଲେ ]

[ ଅଗଣାରେ ଚକ ଥୁଆ ହୋଇଛି ]

ଅରକ୍ଷିତ —ମଧୁଆ ବୋଉ, ମଧୁଆ ବୋଉ ! (ରେବତୀ ଆସିଛି) ନେ ଝୁଡ଼ି ରଖ ।

( ମାଛ ଖାଲେଇ ବଢ଼େଇ ଦେଉଛି )

Source: Author, Digitized by PPRACHIN, SOA

ରେବ—(ରେବତୀ ଧାନେଇରେ ଅଳ୍ପ ମନ୍ଥ ଦେଖି ଅପସନ୍ନ ଭଳି) ମାନ୍ଥ ବୋଲ ଏତକ ! ସ୍ୱାକୁ ପୁଣି ମୁଁ···ଅଜ୍ଞ ଭ'ଣ ଦଣ୍ଡ ଅକୁ ସବୁ ବଳାଇଦେଲ କ ?

ଅରକ୍ଷିତ—ଆଜ୍ଞେ, ବଳବାକୁ ଦେଲ କୋଉଠୁ ? ଅକ୍ଷି ତ ଲେଗି ଉଠିଥିଲେ; ଗିମିତ ଅଣି କୂଳରେ ନାଆଟା ଲଗ୍ନ ଦେଇଚ, ଟାଁ ପିଲାଏ ତ ମଉସା ମଉସା କହି ଘେରଉଲେ !

ରେବ— ତମେ ତ ଦାତାକର୍ଣ୍ଣ ! ହେଉଠୁ ତମେ ସମିତ୍କର୍ଙ୍କ ଗୋଟେ ଗୋଟେ ବଢ଼ାଇଦେଇଥିବ । ଅଭି ଗତେ ଆଣି ଏଠି କୋଳାଇଲା ଦେଉଛନ୍ତି ! କାହିଁ ଡଉଟା ତ ଅଣିଥିଲେ—ମୁଁ ଭ'ଣ ବୁଝି ନ ଥାଆନ୍ତି ଯେ ତମେ ଡଳଦାସ ମାଛଧର ଯାଉଥିଲ ?? ଅଭ ଏ ଡଉଟା କାହିଁକି ଅଣିଲ ? ସ୍ୱକୁ ବ ନେଇଯଥ ।

ଅରକ୍ଷିତ—ଆଜ୍ଞେ, ଇମିତ ଖରପର କାହିଁକି ହଉଚ ନା ? ଆଉ କଅଣ ଆସିବ ନାହିଁ ! ତୋର ଭଉଣୀକ ଖବ ଅଣା, ମୁଁ ଜାଣେ, ତାଙ୍କ ତୋପାଇଁ ଟୋକେଇଏନ୍ନବ ଅଣି ଦେଇଦେବ । ଯେବେ ମନଖାଇବୁ, ଅଭୁ ଯାଉଥା ଦଲବ, ଶୁଖୁଆ ଭଜିବୁ; ନେ, ଧ—ଧ, ବା !

[ ରେବତୀ ଟୋକେଇଟା ଉଠେଇ ଉମଉମ ହୋଇ ଅଭିମାନରେ ଘରଭିତରକୁ ଚାଲିଗଲ । ଅରକ୍ଷିତ ଜାଲଟାକୁ ଖୋଲି ଶୁଖଉ ଶୁଖଉ ହସିବତୀକୁ ଡାକ ପକଉଚ ]

ଆଜ୍ଞେ, ମଧୁଆ ବୋଉ ! ଏ ସଡାଟା କ'ଣ ବାଲିରୁ ଫେଣ୍ଟ ନାହିଁ ?

ଶ୍ରେବ—(ଭିତରେ ଟୋକେଇ ଥୋଇଦେଇ ବାହାରକୁ ଆସି) ହଁ, ବାଲିରୁ ଫେର ଗୁହାଳରେ ଗୋରୁ ଖୋଉଚ ।

× × × ×

ମୁଁ ଭ'ଣ ଭବୁଥିଲି କ—ମଧୁଆଟା ଦେଇ ତ ବଳବାଡ଼ି କାମହେଲା ନାହିଁ । ସବୁବେଳେ ତ ଭାଗବତଗଦି ବାବୁ ଭାଗବତଗଦି ବାବୁ ହଉଚ, ଏବେ ତାକୁ ନେଇ କୋଉଠି ଗୋଟେ ଭାଗବତଗଦି ବାବୁ ପାଖରେ କାମରେ ପୁରେଇ ଦେଲେ ହୁଅନ୍ତାନ

Source: Author, Digitized by PPRACHIN, SOA

ଅରକ୍ଷିତ—କାଳତଗସ୍ତି ବାବୁ ପାଖରେ କାମ !!!

ନେହବଣ—ହଁ, ଏଇ ଇଲାକାର ଅଧେ ଲୋକ ତ ସେଇଠି । ଶୁଣୁଛି, କାଏ ପାନଦୋକାନ ଭଳିଆ ତ ଜଣେ ବୁଲୁ ସର୍ଦ୍ଦାର ହେଉଛି । ସେଇଠି ବନ୍ଦର ଭାଗରେ ମୂଲମଜୁର ଲାଗି ବି ଲୋକେ ଦୁ'ପଇସା କମଉଛନ୍ତି । ଇଏ ଏବେ ସେଇଠି ଯାଉଁ କାମକର…

ଅରକ୍ଷିତ—ଆମର ଯେତକ ଜମିଥିଲୁ, ସେତକ ଛଡ଼ିଆ ହେବାକୁ ଲୋକେ ନାହାନ୍ତି ଯେ ଆମେ ଧନସବୁ ଲାଗିଛୁ; ତେଣିକି ପୁଣି ଦୁଃଶାସନର ଜମିଗୁଡ଼ାକ ତ ଆମ ମୁଣ୍ଡକୁ ନେଇଛି । ଏସବୁ ଛାଡ଼ି ସେଠି କାଳତଗସ୍ତି ବାବୁ ପାଖରେ ଗୋଲାମି କରିବାକୁ ଯିବ ?

ରେବ—ସେଥିରେ କଅଣ ଅଛି ? ମଣିଷପୁଅ, ଯିମିତି ହେଲେ ଦୁ'ପଇସା କମେଇବା କଥା ।

ଅରକ୍ଷିତ—ଜମିପଡ଼ିଆ ପଡ଼ିଥିଲେ ମୁଠା ମୁଠା ପଇସାକୁ କଅଣ ମିଳିବ ? ଏସବୁ ବୁଝି ବି ତାକୁ ଦେଏନା ।

ରେବ—ନା, ମୁଁ ଜାଣିକି ଦେଉ ନ ! ସେ ଉପଯୁକ୍ତ ହେଲେ ଆଉଥରେ ଯେ— ଜାଣୁଥିଲା, ତାର ବୋଉ କ ନଡଗସ୍ତି ବାବୁ ସାଙ୍ଗରେ ଚାକିରୀ ଅଛି । ଯେତ କହୁଛ…

ଅରକ୍ଷିତ—ନା, ଏଇମିତି ଶିଖେଇ ଭୁଲେଇ ପାଞ୍ଚକଥା କହୁ ଏ ଗାଁର ବାରପଣ ଲୋକଙ୍କୁ ସେ ବାପଅଜାଙ୍କ ବୃତ୍ତିବାସ ଛଡ଼େଇ ଗୋଲାମି କରିବାକୁ ଡାକନେଲାଣି । ଜମିସବୁ ପଡ଼ିଆ ପଡ଼ୁଛି, ମାଟି ମାଆ କାନ୍ଦୁଛି । ଲୋକେ ଦଉଡ଼ୁଛନ୍ତି କଞ୍ଚା ପଇସା ପଛରେ । ସେଠି ଚଢ଼ା ମଜୁରି, ହେଉ ଟଙ୍କା, ବଜୁଳିବତି, ପାଣିକଳ ପକାଘର…

ନା, ନା ଆମର ସେସବୁ ଦରକାର ନାହିଁ । ବନ୍ଦର ଗଢ଼ିଲା ଲୋକ ବନ୍ଦର ଗଢ଼ନ୍ତୁ; ଆମେ ଏଇଠି ମାଟିର ମଣିଷ ହୋଇ ରହିବା ।

[ ବିଚଳିତ ହୋଇ ବାସ୍ନାଣୀ ପର ଶାମୁକାର ପ୍ରବେଶ ]

Source: Author, Digitized by PPRACHIN, SOA

ଶାମୁକା—ମଧୁଆ···ମଧୁଆ···!

ଅରକ୍ଷିତ—କ'ଣ ହେଉଚ କହେ ଶାମୁକା ?

ଶାମୁକା—ବା', ଶେଯରୁ ଉଠୁ ଉଠୁ ପଡ଼ିଗଲା, ଦେଖିଲାବେଳକୁ ଚେତା ନାହିଁ !

ଅରକ୍ଷିତ—(ଚକିତ ହୋଇ) ପଡ଼ିଗଲା ? ତାକୁ ଶେଯରୁ ଉଠିବାକୁ କହିଲା କିଏ ?

ଶାମୁକା—(କାନ୍ଦ କାନ୍ଦ ହୋଇ) ତୁ ଟିକିଏ ଆ, ମଧୁଆ, ହଁ ଅଛି ଯା ··

ଅରକ୍ଷିତ—ହଉ, ହଉ ମୁଁ ଯାଉଚି । (ରେବତୀକୁ) ମଧୁଆ ଆଇଲେ କହିବୁ ଘରେ ଥିବ (ଶାମୁକା ସାଥିରେ ବାହାରିଗଲେ) (ରେବତୀ ଯାଉଁ ଚଳ ଅଣିଛୁ । ଭାତ ପେଷିବାରେ ଲାଗିପଡ଼ିଛି ! ଏଇ ସମୟରେ ମଧୁଆ ଚୁପ୍ ଚୁପ୍ କରି ଘରଭିତରେ ପ୍ରବେଶ କରି ଧୀର ଗଳାରେ ବୋଉକୁ ଡାକିଲା—)

ମଧୁଆ—ଅଲେ ବୋଉ !

ରେବତୀ—ଚୁପ୍ ।

ମଧୁଆ—ବା' ଘରେ ଅଛି କି ?

ରେବତୀ—ଶାମୁକା ଘରକୁ ଯାଇଚି ।

ମଧୁଆ—(ଚମକି) ଏଁ, ଶାମୁକା ଘରକୁ ! ତା'ହେଲେ ତ କଥାଟା ଧରା ପଡ଼ିଯିବ ।

ରେବତୀ—ପଡ଼ୁ, ମୋର ପେଟରେ କଅଣ ଅଛି ?

ମଧୁଆ—ବା' ଯେତେବେଳେ ଜାଣିବ ମୁଁ ତାଙ୍କ ଘରେ ନ ଥିଲି, ସେଇଠୁ କ'ଣ ହେବ ? (ମଧୁଆ ବିଚଳିତ ହୋଇପଡ଼ିଲା । ତା'ପରେ ବୋଉକୁ ଅଳି କଲା) ତୁ ଟିକିଏ ବୁଝେଇ ବାଲେଇ କଅଣ କହିଦେ, ବୋଉ ! ନ ହେଲେ···

ରେବତୀ—(ରାଗରେ) ମୁଁ ତୋପାଇଁ ଅଉ ଏବେ ମିଛ କହିପାରିବିନି ।

Source: Author, Digitized by PPRACHIN, SOA

ମଧୁଆ—(ପୁଣି ଅଳ୍ପ ଚିନ୍ତା) ଆଚ୍ଛା, ଫୁଲସୋରା, ସମସ୍ତେ ଦେଖିବାକୁ ପାଉଛନ୍ତି, ଆଉ ମୁଁ କିଛିଏ ପଢ଼ିଲେ...

ଦେବଦତ୍ତ—ହିନ୍ଦୁ ଘର ତୋ ବା'କୁ ଜହ୍ନକ ଯାଉନୁ !

ମଧୁଆ—(ଅଭିମାନ ଭରା) ରାଜ୍ଞାଟାକୁ ତ ଦିଏ ମୋ ଉପରେ ସବୁବେଳେ ଚଢ଼ାଇବ; ମୁଁ କୁଆଡେ ଜନ୍ମ ଜରାପାଣ୍ଡବର—ମୋ ଦେଉ. କହୁ ଥିବନି—

ଦେବଦତ୍ତ—ତୋ ଗୁଣରୁ ତୁ ଯିମିତ ଶୁଣୁଚୁ । କାହିଁ ଯଦା ନାଁରେ ତ ଦେବୁ କହୁ କଷ୍ଟଦାୟକ ।

ମଧୁଆ—ଶୁଦା, ଦେ ଭ'ଣ ଗୋଟେ ମଣିଷ ? ପୁଝୁରାଟା । ଗାଈ, ଯାତ୍ରା, ଭଜନ, ମହୋତ୍ସବ, ପରବ, ମନବାଣି ଚାର କହୁ ନାହିଁ, ଖାଲି ଭାସ । ହକାଲେ ଉଠିଲ ଏ ବାହିଁ କୁଟିଲ୍ ବଳକୁ । ସେଇଟା ପାଇଁ ମୋ ଉପରେ ବେଶି ଶୋଧନ ଫୁଟୁଚି !

ଦେବଦତ୍ତ—ଆଜ ତ ଶୋଧା ଖାଉଚୁ, ମତେ ଆଉ ଗାଳି ଶୁଣେନା ! ବା' ଉଠୁଚି, ଆଜି ଗାଢ଼ଳେ ତା ପାଖରେ ବସି ଭାଗବତ ପଢ଼ିବୁ ।

ମଧୁଆ—(ମଧୁଆ ଭାଗବତ ପଢ଼ିବା କଥା ଶୁଣି ସେପରି ଆକାଶରୁ ଖସିପଡ଼ିଲା) ଭାଗବତ ! ଆଉ ଯିଆଜେ ତାମସା

ଦେବଦତ୍ତ—ଲୁଚି ଲୁଚି ଯାଇଁ ଦ'ଗଡ଼ ଦେଖିଆସିଲୁଣି । ତେବେବି ତୋ ମନ ଶାନ୍ତ ହେଲା ନାହିଁ ?

ମଧୁଆ—ତ'ଗଡ଼ ଜଣେ କହୁଚ, କିଏ ତୋତେ ? ସେ ଯୋଉ ନଳକଣ୍ଠ ତାମସା ନା, କାଲି ରାତି ଦେଖିଲେ ତ ମନ ଗୁଞ୍ଜରେ । ସେ ପଞ୍ଜାବୀ କାନ୍ତରାଣି ବାବୁ ତା'କୁ ଭଣ୍ଡାରୁ ମଗେଇଚି । ଗଡ଼କ ୮୦୦ ଟଙ୍କା, ଆଉ ତୁ ଦେଖିଲେ ନା, ବଡ଼ବୁ ୮୦୦ ଜଣ, ଅଠହଜାର ନବା ଭଥା ।

ଦେବଦତ୍ତ—ହଉ, ଥା'ଉ, ସେ ବାହାଦୁର ଥିଆ କଥାଗୁଡ଼ା ମତେ ଆଉ ଶୁଣାନା । ଖାଇପିଇ ତୁ ପ୍ରଜା ଘରକୁ ବ, ବା' ଆସିଲେ ଭାଗବତ ଶୁଣେଇବୁ ।

ମଧୁଆ—ନଳକଣ୍ଠ ତାମସା ଗୁଡ଼ିକ ଭାଗବତ ! (ବିକଳ ହେଇ) ମରିଗଲି, ବୋଉ !

Source: Author, Digitized by PPRACHIN, SOA

ରେବତୀ—ତା ହେଲେ ତୋ ମନକୁ ତୁ ଯା, ଯାଉନୁ—

ମଧୁଆ—(ପାଖରେ ପଇସା ନାହିଁ ବୋଲି କହିବାକୁ ଇତସ୍ତତଃ ହୋଇ) ଯିବ ଯେ ଏଣେ ପସ୍ତ ଅଣ୍ଟାରେ କିଛି ନାହିଁ ।

ରେବତୀ—ତାଙ୍କ ପସ୍ତ ତୋତେ ପାଞ୍ଚଟଙ୍କା ଦେଇଥିଲେ !

ମଧୁଆ—ତୁ ଯିନା ପାଞ୍ଚଟଙ୍କା ଦେଇଥିଲୁ; ମୁଁ ତତେ ନ କହି ଚୁପ୍‌କିନା ବ'ପେଣ୍ଡା ପଇଡ଼ ବନ୍ଧକଦେଇ ଆଉ ପାଞ୍ଚଟଙ୍କା ନେଇଥିଲି ।

ରେବତୀ—କ'ଣ କଲୁ ଏତେ ଟଙ୍କା ?

ମଧୁଆ—ସବୁ ଉଡ଼ିଯାଇଚ । (ସ୍ୱକଳ୍ପିତ ଠାଣିରେ ଗଦ୍‌ଗଦ ହୋଇ କହିଲା) ସେଠି ସବୁ ଯେଉଁ ଦୋକାନ ବଜାର ବସିଚ, ନାଲି, ନେଲିବତୀ ଜଳୁଚ, ଟେବୁଲ ଚୌକି ପଡ଼ିଚ, ସେଥିରେ ଥରେ ବସିଗଲେ ନା, ପଇସା କିମିତି ଉଡ଼ିଯାଏ ମାଲୁମ ପଡ଼େନା; ମନେହୁଏ, ସତେ ଯିମିତି ଇନ୍ଦ୍ରଭୁବନ !

ରେବତୀ—(ଭାବକୁ ମୋଡ଼ି) ହଉ, ବା' ଭାଗରେ ଥରେ ଭଆଟା ପଡ଼ିଯାଉ, ଇନ୍ଦ୍ରଭୁବନ ଦେଖେଇଦବ ଯେ···

[ରେବତୀ ଠକ୍‌ଠାର ହୋଇ ଘରଭିତରକୁ ଚାଲିଗଲା ]

ମଧୁଆ—ବୋଉ, ବୋ'ଉ ହେ ବୋ'ଉ, ଥରେ ଶୁଣିଯା ! [ ସଦା ଆସିଛି ]

ସଦା—କ'ଣ ହେଇଚ, ମଧୁଆ'ଇ ! ବୋ'ଉକୁ ଇମିତି ହୁରି ପକେଇଚୁ କାହିଁକି ?

ମଧୁଆ—(ହତଶ ହୋଇ ପିଣ୍ଡାରେ ବସିପଡ଼ି) ସବୁ ଗୋଳମାଳ ହେଇଯାଇଚ, ସଦା, ସବୁ ଗୋଳମାଳ ହେଇଯା'ଇଚ ।

ସଦା—କ'ଣ ଗୋଳମାଳ ହେଇଯାଇଚ ?

ମଧୁଆ—ମୁଁ କେଉଁଣେ ତାମସା ଦେଖିଯିବା କଥା, ବା' କହୁଲାଣି ଭାଗବତ ପଢ଼ିବାକୁ (ଜୋରରେ ଦୀର୍ଘନିଶ୍ୱାସ ଛାଡ଼ି ମୁଣ୍ଡରେ ହାତଦେଇ ବସିପଡ଼ିଲା)

ସଦା—ବୋଉ କହୁଥିଲା, ତୁ ନଇଡ଼ି ନଇଡ଼ି ଲୁଚି ଲୁଚି ତାମସା ଦେଖିବାକୁ ଯାଉଚୁ ।

ମଧୁଆ—ନଇଡ଼ି ନଇଡ଼ି କୋଉଠି, ମୋଟେ ତ ଦୁ'ଥର ହେଲା !

Source: Author, Digitized by PPRACHIN, SOA

ସଦା—ଆଜି ଭଜନଟା ନ ଗଲେ ହବନି ?

ମଧୁଆ—(ସଦାକୁ ପରିସ୍ଥିତିର ଗୁରୁତ୍ୱ ବୁଝାଇବାକୁ ଚେଷ୍ଟା କରି) ଉଃ ଆଜି ପଦ ଲଢ଼େଇ, ଦୁ'ଦଳ ଆଇଚନ୍ତି—ଦଳେ କଳିକତାରୁ ଆଉ ଦଳେ ବେଣୀଗ୍ରାମପୁରରୁ ! କଏ ଜିଣିବ, କଏ ହାରିବ, ଆଜି ନ ଗଲେ ନା, ଜୀବନଟା ମାଟି ହୋଇଯିବରେ ସଦା !

ସଦା—ହଉ, ଛଡ଼ାଉ ଯେବେ ଯିବୁ ତା'ହେଲେ ଯା'ହେଲେ ସଦାକୁ ପକେଇଆସିବୁ ।

ମଧୁଆ—(ଫୁର୍ତ୍ତିରେ ଦୀର୍ଘଶ୍ୱାସ ମାରି) ସ୍ନେହଭରରେ ସଦା, କହିଲେ, ତୁ ଯିବୁ ?

ସଦା—ମୋର ବେଳ କାହିଁ ? ମୋ କାମ ସରିଲେ ତ !

ମଧୁଆ—ଖାଲି କାମ-କାମ-କାମ ! କୁଆଡ଼େ ତ ଗଲୁନାହିଁ ଆଉ ଜାଣିବୁ କୋଉଠୁ ? ସେଠିକି ଗଲେ ଯିବା ଦେଖନ୍ତୁ, କେମିତି ମନ ଆନନ୍ଦ ଲାଗେ ! ମଞ୍ଚ ଉପରେ ମାନଙ୍କରେ ନେଇ ନମ ଗାନ ଚଳିଛି, ବାବୁ ସାଙ୍ଗେ ଇମିତି ହେଉଛନ୍ତି ନା, ଗାନ ଗଉଣ୍ଟି ବାବୁ ଭାଷାରେ ହୁ-ଟପକେଇ ଯାଗରେ ବସେଇ ଦେଲ ! (ଚେଳିଆରୁ ଭଙ୍ଗିରେ କାନ୍ଦୁଚଟି ବ ବୁର ବାଦଶାହୀ ମିଜାଜର ଅଭିନୟ କରି) ଗଲେ ଯିବା ଦେଖନ୍ତୁ !

ସଦା—(ସହଜ ସରଳ ସ୍ୱରରେ) ମୁଁ ଏସବୁ ତାମସା ଫାମସା ବୁଝେନି, ତୁ ଯାଅ ।

ମଧୁଆ—ନା' ସେବ ଭାଗବତ ପଢ଼ିବାକୁ ଦେଖୋଜବ କାଁଦ କହୁଚୁ ?

ସଦା—ତୋର ନୂଆକଥା ଯେ ? ବୋଉ କହୁଥିବ, ତା'ଠରୁ ଭଲ ନାହିଁ, ସେ ଶୋଇପଡ଼ୁଚି । [ ରେବତୀ ପଶିଆସୁଥିଲା ]

ମଧୁଆ—(ଆନନ୍ଦରେ ଓ ଚଞ୍ଚଳ ଗଦ୍‌ଗଦ ହୋଇ) ହଉ ତତେ ନ ଗିଲି । ଆମେ ବୋଉ, ଏ ସଦାଟା କେତେ ଡେଙ୍ଗୁଆ ପିଲ୍ଟେ ମ, ଯାହାକୁ କୁହନ୍ତି ଖାଇ—

ରେବତୀ—କାହିଁକରେ ?

ମଧୁଆ—ତାକୁ ଯିମିତି ତାମସା ଯିବା କଥା କହୁଚି ନା, ସାଙ୍ଗେ ସାଙ୍ଗେ ରାଜି ହୋଇଗଲା । ଭାଗବତ ପଢ଼ାକୁ ମୁଁ ବସିଗଲି, ଦେଲୁ ପାଞ୍ଚୁଟା ଟଙ୍କା, ମୁଁ ଯାଏ—

Source: Author, Digitized by PPRACHIN, SOA

ରେବତୀ—ଫେରନ୍ତ ମୋର ଟଙ୍କା—ତତେ ଦେଇ ମୁଁ ଏଠି ଗାଳି ଶୁଣୁଥିବି !
ସତା—ପାଞ୍ଚ ଟା ଦୋଳି ତ ଟଙ୍କା, ଦେଇଦେ ଲୋ ବୋଉ, ଦେଇଦେ ।

[ ସତା ଭାବରେ ବାହାରକୁ ଚାଲିଗଲା ]

ରେବତୀ—ବା' ଯଉ ଭାଙ୍ଗିବ ?
ମଧୁଆ—ତୁ ଟିକେ ଭୁଲେଇଦେବୁ ! ତ'ତନ ଗଲଣି, ଆଉ ଆଜି ତନଟା ଗଲେ ଗଲା; ଆଉ କ'ଣ କାଲିକି ମୁଁ ତତେ ଟଙ୍କା ମାଗିବି ?

ରେବତୀ—(ବିରକ୍ତ ହୋଇ) ତୁ ମୋ ଜୀବନ ଟୁଙ୍କି ଖାଇବୁ ।

[ ଜମଜମ ହୋଇ ଭିତରକୁ ଚାଲିଗଲା ]

ମଧୁଆ—(ତ'ଙ୍କୁ ତ ଉଠେଇ ମୁଣ୍ଡରେ ମାରି ହେ ମା ସରସ୍ୱତୀ ! ମୋ ବୋଉ କଣ୍ଠରେ ଇମିତି ସଦାବେଳେ ଟିକିଏ ବସନୁଥା ।

[ ନେପଥ୍ୟ ଯାତ୍ରା ପାର୍ଟିର କନସର୍ଟ ଅରମ୍ଭ ହୋଇଯିବାର ଶବ୍ଦ ଦୂରରୁ ଶୁଭିଲା ]

ମଧୁଆ—(ଅଧୀର ହୋଇ) ଆଲୋ ବୋଉ, ବେଇଗି ଆଣ ଲୋ ! ହେଇଟି କନସର୍ଟ ଆରମ୍ଭ ହେଇଗଲା ।

[ ମଧୁଆ ମନର ଆବେଗରେ ଯାତ୍ରା ପାର୍ଟିର କନସର୍ଟ ସହିତ ପଦ ମିଳାଇ ଯୁଦ୍ଧବାଜା ସହିତ ନାଚି ନାଚି ହାତରେ ଅସ୍ତ୍ର ଧରିବାର ଭଙ୍ଗି କରି ମଞ୍ଚପ ଗ୍ର ଡେଇଁବାକୁ ଲାଗିଲା । ପରେ ହଠାତ୍ ରହିଯାଇ ଯାତ୍ରା ନାଟକର ଆଳାପ କେଇପଦ ଅଭିନୟ ସହ ଆରମ୍ଭ କଲା ]

"ଆଜି ରଣେ ଶତ୍ରୁ ବା ଅର୍ଜ୍ଜୁନ
ହୋଇବ ନିଧନ !
ଏଭଗଟେ କଳିକାଳ

Source: Author, Digitized by PPRACHIN, SOA

ଅନ୍ୟପଟେ କଟକ
ହୋଇବ ନଢ଼ାଇ,
ତେବେ ସନ୍ଧି ହେବ
ଯାହାର ଶେଷ ।"

[ ଅଲକ୍ଷରେ ବାହାରୁ ଅରକ୍ଷିତ ଆସି ପଛରୁ ମଧୁଆର ଏ ଅଭିନୟ ଦେଖି କବାଟରେ ଲୁଚିଯାଇଛି ]

ମଧୁଆ—ବୋଉ, ପାନଖିଲେ ଆଣିଥିବୁ ନେ !

ରେବତୀ—(ବିରକ୍ତ ହୋଇ ଘରଭିତରୁ ଆସିଛି । ମଧୁଆ ହାତରେ ପାଞ୍ଚଟା ଟଙ୍କା ଓ ପାନଖିଲେ ଦେଇ କହୁଛି) ନେ, ତୋ'ହ ଗାତକୁ ଯିବୁ ଯା !

[ ମଧୁଆ ବୋଉ ପାଖରୁ ଉଠି ଆନନ୍ଦରେ ବାହାରିବାକୁ ଗୋଡ଼ ଛାଡ଼ିଲାବେଳକୁ ବାଡ଼ି ଖଣ୍ଡେ ହାତରେ ଧରି ଦେଖାଦେଇଛି ଅରକ୍ଷିତ । ସତେ ଯେପରି ତା ଆଗରେ ସେ ସ୍ୱୟଂ ଯମ ]

ମଧୁଆ—ବାପା ! (ହାଉଯାଉ ଥଙ୍ଗ ଥଙ୍ଗ ହୋଇ କହୁଛି) ଏଇ ବଳଦଟା ପଘା ଛିଡ଼େଇ କୁଆଡ଼େ ଚାଲିଯାଇଛି ନଯ, ବୋଉ କହିଲା ଖୋଜି ଆଣିବାକୁ...

ଅରକ୍ଷିତ—ହୁଁ ! (ଗମ୍ଭୀର ସ୍ୱରରେ) ବଳଦଟା ପଘା ଛିଡ଼େଇ କୁଆଡ଼େ ଯାଇଛି, ନା ?

[ ଜୋରରେ ଗୋଟାଏ ଚଟକଣା ମାରିଛି । ମଧୁଆ ହାତରୁ ପାନ ଓ ଟଙ୍କା ଖସିପଡ଼ିଛି । ଅରକ୍ଷିତ ମନଇଚ୍ଛା ମଧୁଆକୁ ପିଟିଯାଉଛି, ମଧୁଆ ବାପାଲୋ ବୋଉଲୋ ହୋଇ ବୋଉ ପାଖରେ ଆଶ୍ରୟ ନେବାକୁ ଚେଷ୍ଟା କରୁଛି । ଅରକ୍ଷିତ ରେବତୀକୁ ଠେଲିଦେଇ ମଧୁଆକୁ ଟାଣିଆଣି ଗୋରୁଘାଇ ଭଳିଆ ପିଟିଯାଉଛି ]

—*—

Source: Author, Digitized by PPRACHIN, SOA

## ଦ୍ୱିତୀୟ ଦୃଶ୍ୟ

[ ଗାଁ ଦାଣ୍ଡ । ସୁଦାମ ନନା ଅସ୍ତେ ଅସ୍ତେ ଉଦ୍‌ଭ୍ରାନ୍ତ ହୋଇ ଲୁଚି ଲୁଚି ଚାଲିଛନ୍ତି ! ଦେହରେ ଘୋଡ଼େଇ ହୋଇଥିବା ନାମାବଳୀ ଚଦର ତଳେ ଲୁଚେଇ ଧରିଚନ୍ତି ଗୋଟେ ବଡ଼ କୁକୁଡ଼ା । ବିପରୀତଦିଗରୁ ପ୍ରବେଶ କରିଚି ରଘୁଆ; ଗାଁର ରଘୁଆ ଆଜି ବେଶପୋଷାକରେ ଫିଟ୍‌ଫାଟ୍—ବନ୍ଦରରେ ଜଣେ ନାମଜାଦା ବ୍ୟବସାୟୀ ]

ରଘୁ—କିଏ ? ସୁଦାମ ନନା କି ?

ସୁଦାମ—(ଚମକିପଡ଼ି ଭୟରେ) କିଏରେ ବାପ ! (ଚିହ୍ନିପାରି) ଆରେ ବାପ, ରଘୁ !!

ରଘୁ—ଠିକ୍, ନନା ! ତମେ ସଞ୍ଜାକୁ ସଞ୍ଜାକୁ କୁଆଡ଼େ ?

ସୁଦାମ—(କୁକୁଡ଼ାଟାକୁ ଲୁଚେଇବାର ଚେଷ୍ଟା କରୁକରୁ) ଗୋଟେ କାମରେ ଆସିଥିଲି···

ରଘୁ—ଆଜିକାଲି ପୂଜାପାଠ, ଯଜମାନ କରୁନ କି ?

ସୁଦାମ—କରୁଚି ଯେ···ହେଲେ ଧର୍ମକର୍ମକୁ ଆଉ ଲୋକଙ୍କର ମତିଗତି ନାହିଁ । ଘଣ୍ଟାଏ ପୂଜାପାଠ ପରେ ଦକ୍ଷିଣା ଦେବେ ଦଶପଇସା । ଘୋର କଳି ଘୋଟିଗଲା !

ରଘୁ—(ହସିକରି) ହୁଁ, କଳି ଘୋଟି ନ ଥିଲେ ତୁମେ ଇମିତି କଲ୍କି ଅବତାର ହୁଅନ୍ତା କୋଉଠୁ ?

ସୁଦାମ—ଆରେ, କଳ୍କି ଅବତାର ?

ରଘୁ—ଏଇ ତମ ଚଦର ତଳେ ପାପୀଗୁଡ଼ାକ 'ଉଦ୍ଧାର କର' 'ଉଦ୍ଧାର କର' ଚିତ୍କାର କରୁଚନ୍ତି···

Source: Author, Digitized by PPRACHIN, SOA

ସୁଦାମ—(କ୍ଷଣକରେ ଅପ୍ରସ୍ତୁତ ହୋଇ) ରାମ ! ରାମ !!! (କଅଁଳେଇ) ବାପ, ତତେ ଆଉ ଲୁଚିଲା କଥା କ'ଣ ? ତୁ କ'ଣ ଯାଇ କୁଆଡ଼େ ଜନ୍ମଦବୁ ନା କ'ଣ, ମୋର ମାନଇଜ୍ଜତ ତଳେ ପକାଇଦବୁ ! ଯଜମାନି କରି ତ ପେଟ ପୂରୁନାହିଁ, କ'ଣ ଆଉ କରନ୍ତୁ --?

ରଘୁ—ହେଲେ ନନା, 'କୁକୁଡ଼ା' ଆଉ 'ତମେ' ?

ସୁଦାମ—ଆରେ ବାପ, ଦୁନିଆରେ ଯେତେକ ପକ୍ଷୀ ଅଛନ୍ତି ତହିଁ ମଧ୍ୟରେ ରାମପକ୍ଷୀ ହେଉଛି ଶ୍ରେଷ୍ଠ । ପ୍ରଭୁ ରାମଚନ୍ଦ୍ର ସେଥିପାଇଁ ତା ମୁଣ୍ଡରେ ମୁକୁଟଟି ଖଞ୍ଜି ଦେଇଥିଲେ । ଭଗବାନଙ୍କର ବଡ଼ଭକ୍ତ ସେ, ଭକ୍ତଟା ଏ ମର ଦୁନିଆରେ ମିଛଟାରେ ପଡ଼ି ଛଟପଟ ହେଉଥିଲା; ମୁଁ ଖାଲି ତାକୁ ଉଦ୍ଧାରକରି ସେଇ ପ୍ରଭୁଙ୍କ ଚରଣତଳକୁ ପଠେଇ ଦେଉଛି ।

ରଘୁ—ବାଃ, ବେଶ୍ କହୁଛ ! ଏଇ ଖବରଟି ତମର ଯଜମାନମାନେ ପାଇଲେଣି ତ ?

ସୁଦାମ—(ଚମକିଉଠି ହୋଇ) ନାହିଁ, ନାହିଁ ସେସବୁ ଖବର ମୁଁ କାହାରିକି କହୁନି । ଯେଉଁ ଗାଁକୁ ଯଜମାନ କରିବାକୁ ଯାଉଛି, ଫେରିଲାବେଳକୁ ସେଇ ଗାଁରୁ କିଛି ରାମପକ୍ଷୀ ଯୋଗାଡ଼ କରିଆଣୁଛି, ଅବଶ୍ୟ ଅନ୍ୟ ଲୋକ ହାତରେ; ମଝିରେ ମୋର ଖାଲି ଏପଟ ସେପଟ କରିଦେବା କଥା ।

ରଘୁ—ହେଲେ ଲୁଚି ରହିଲେ ତ···!

ସୁଦାମ—ଜାଣିଲେ ଲୋକେ ଏତେ ଭାବିବେ, ଏଁ ? କଥାରେ ଅଛି—'ପେଟ ପୋଷ, ନାହିଁ ଦୋଷ ।'

ରଘୁ—ଦୋଷ ଅଦୋଷ ସବୁ ତମେ ଶିଖେଇଛ, ନନା ! ଉପରସାହି ଲେଙ୍କେ କୁକୁଡ଼ା ପାଳିଥିଲେ ବୋଲି ତମେ ସାରାଗାଁଟାକୁ ବାରଣ କରିଦେଇଥିଲ ପରା !

ସୁଦାମ—ହଁ, କରିଥିଲି । ସେମାନେ ହେଲେ କ୍ଷତ୍ରିୟ, ଶୂଦ୍ର, ବୈଶ୍ୟ; ରାମପକ୍ଷୀ ପାଳିବାର ଅଧିକାର ସେମାନଙ୍କର ନାହିଁ, ମୁଁ ହେଉଛି ବ୍ରାହ୍ମଣ । କାନ୍ଧରେ ପଇତା, ମୁଣ୍ଡରେ ଚୂଳା, ଗାଧୋଇସାରି ଗାୟତ୍ରୀ ଜପୁଛି···

Source: Author, Digitized by PPRACHIN, SOA

(ଚେପଚୁଥା ହୋଇ) ହେଃ-ହେଃ, କ'ଣ କହୁଚୁ ? ବ୍ରହ୍ମତ୍ୱ କ'ଣ ଏମିତି ଶସ୍ତା ହୋଇଚି ଯେ କୁକୁଡ଼ା ଗବରେ ଛୁଞ୍ଚି ପଳେଇବ ?

ରଘୁ—ହଁ, ବୁଝିଲ ନନା ! ବ୍ରହ୍ମତ୍ୱ ଛୁଞ୍ଚି ପଳେଇଲେ ତ ବ୍ରାହ୍ମଣତ୍ୱ ଲୁଅଷ୍ଠେ ଯିବନି ।

ସୁଦାମ—ହେଲା: ତୁ କୁଆଡ଼େ ଆଇଥିଲୁ ଯେ ?

ରଘୁ—ବୁଝିଲ ନନା ! ତମେ ଯିମିତି ତମ ବେଢ଼ସାଟେ, ମୁଁ ସିମିତି ମୋ ଜ ମରେ…

ସୁଦାମ—ତୁ ସବୁ ଆଜିକାଲି ସେ ପଞ୍ଜାବୀ ଭାଗତନବଷ୍ଟି ପାଖରେ ନଉକରି କରୁଚୁ ?

ରଘୁ—ହଁ, ଯାନ ତୋରାକଟାଏ ତ ଖୋଲିଚି । ତା ସାଙ୍ଗକୁ ଗଞ୍ଜେଇ, ଭାଙ୍ଗ, ଅଫିମ…ହେଲେ, ଯେତେ ରୋଜଗାର କଲେ କଅଣ ହବ ଖରଚ ତ ବଢ଼ିଚାଲିଚି । ସେଇଥିପାଇଁ ଏବେ ଭାଗତବଷ୍ଟି ପାଖରେ ମୂଳିଆ ଲଗେଇବାକୁ ଠିକା ନେଇଚି ।

ସୁଦାମ—କଣେ, ମୂଳିଆ ନେଇ ଯୋଗାଉଚୁ କ'ଣ ? ଦିନକୁ ସାତଟଙ୍କା ମଜୁରି ! ସେଇଥିପାଇଁ ତ ଗାଁ ର ବାରପଣ ଲୋକ କୃଷିବାସନ୍ଧି ପଳେଇଲେଣି ।

ରଘୁ—ସମସ୍ତେ କ'ଣ ପଳେଇଲେଣି ? ଆହୁରି ଥୋଡ଼େ ଅଛନ୍ତି । (ଚାଲକୁ ଚାହିଁ) ଦେଖିଲ ଟିଣ୍ଡନ, ଗୋଟାଏ କେମିତି ପାଣିରେ ପଶି ଦୁବୁକ ଭଳିଆ ଭାସ କରୁଚି ?

ସୁଦାମ—କଏ ? (ଦୂରକୁ ଚାହିଁ) ହଦାଟି ! ହୁଁ ! ନିଜ ବଳକୁ ଛଠିଆ କରି ପୁଣି ଦୁଃଶାସନ ଚଳକୁ ଚଯୁଚି ।

ରଘୁ—ଟିକେ ବୁଝିଥିଲେ ଏଗୁଡ଼ାକ କେଉଁଠି କାମ କରିବକୁ ବାହାରନ୍ତେନି ? ମୋଟା ମଜୁରି ପାଆନ୍ତେ, ମୋ କମିଶନ ବି ମୋତେ ମିଳିଯାଆନ୍ତା ।

ସୁଦାମ—(ଯନ୍ତ୍ରଣା ହୋଇ) 'କମିଶନ'

ରଘୁ—'କମିଶନ' ବୁଝିପାରିଲନି ? (ଟିକେ ଭାବି ଭାବି) ମଝିଷ୍ଟି ପାଉଚି, ତୁମେ ଯିମିତି ବାହାଘରରେ ମଝିଷ୍ଟି ହୋଇ ପାଉଣା ପାଅ ।

Source: Author, Digitized by PPRACHIN, SOA

ସୁଦାମ —ଓ, ବୁଝିଲି ବୁଝିଲି । ଠାକୁର କହୁଚୁ 'କମିଶନ' ଅରେ ବାଃ, 'କମିଶନ' ହେଉ ମୁଁ ମୋ ନନ୍ଦାରେ ରଖିଲି । ଦେଖ୍ ବାପ ! ଏ ରାମପକ୍ଷୀ କାରବାରଟା ଯିମିତି କାନକୁ ଡ଼'ଳାନ ନ କରୁ—

ନନ୍ଦ — ଆମ ପୂର୍ବପୁରୁଷ ଉଚ୍ଚମ । ଭଗ ନାଁ ପଡ଼ିଲେ ଆମ ଇଲକାଟାକୁ କନ୍ଦା… ମୁଁ କହୁଚି !

ସୁଦାମ —(ହସି) ବୁଝିଲୁଁ ବାପ ! ହେଉ ବାପ; ଯାଉଚି, ସର୍ବଶ୍ରେଷ୍ଠ ଶାସ୍ତ୍ରମନ୍ତ୍ର ।

[ ସୁଦାମ ଚାଲି ଗଲେ । ରଘୁ ନନ୍ଦଙ୍କୁ ଚାହିଁଛି, ଏତିକିବେଳେ ଅତି ବ୍ୟସ୍ତ ଭାବରେ ଦୂରରୁ ଝାଳ ଝାଳ ପ୍ରବେଶ କରନ୍ତି ସଦା । ବିଲରେ କାମ କରୁଥିବାରୁ ତାର ଗୋଡ଼ହାତ ସବୁ କାଦୁଅ । ଦେହରେ ମୁହଁରେ କାଦୁଅର ଛିଟା ଲାଗିଛି ]

ସଦା —ରଘୁଆ'ଇ, ରଘୁଆ'ଇ ?
ରଘୁ —କ'ଣ ? କଣ, କହୁନୁ ?
ସଦା —(ଅଧୈର୍ଯ୍ୟ ହୋଇ) ଗାଁଗଡ଼ ହେଲା ମଧୁଆ'ର ଘରୁ ଚାଲିଯାଇଛି । କୁଆଁଡ଼େଯାଇଚି, କାଠ ଉଡ଼ିଯାଇଛି । ଦେଖି ଜେଜେ ମୁଣ୍ଡ କୋଡ଼ କୋଡ଼ି କାନ୍ଦୁଚି; ତୁ ତାର ସାଙ୍ଗ, ତାକୁ ଟିକେ ଖୋଜି ଆଣେ, ରଘୁଆ'ଇ !

ରଘୁ —ଜାଣିକି ଆଣିବି ? ତୋ ବାପ ହାତରେ ପଡ଼ିବେ ମାଡ଼ ଖୁଆଇବୁ ।
ସଦା —ତା ହେଲେ ତୁ ସବୁ ଶୁଣିଚୁ ?
ରଘୁ —(ଗମ୍ଭୀର ହୋଇ) ହଁ, ଶୁଣିଚି ।
ସଦା —ତତେ କଏ କହିଲା ?
ରଘୁ —ମଧୁଆ ନିଜେ ।
ସଦା —ନିଜେ ! ତା ହେଲେ ତୋ ସାଙ୍ଗେ ଦେଖା ହୋଇଥିଲା, ସେ କୋଉଠି ଅଛି, ରଘୁଆ'ଇ ?

ରଘୁ —(ରାଗରେ) ଯୋଉଠି ଅଛି, ଭଲରେ ଅଛି । ତୋର ସେସବୁ ଜାଣିବା କ'ଣ ଦରକାର ?

Source: Author, Digitized by PPRACHIN, SOA

ସଦା—ନା, କୁହ କୁହ ସେ କୋଉଠି ଅଛି ? ମୁଁ ଯାଇଁ ତାକୁ ଡାକିଆସିବି ।

ରଘୁ—ଆଉ ସେ ଘର ଫେରି ନ ଆସେ, ତା'ହେଲେ କ'ଣ ତାର ପାଦୁକା ଥୋଇ ଆଣି ପୂଜା କରିବୁ ? (ଟିକେ ହସି) ଭ୍ରାତୃଭକ୍ତ ଭରତ !

ସଦା—(ଭାବାକୁଳ ହୋଇ) ନା, ଏତକ ଇଚ୍ଛା ମୋର ନାହିଁ । ହେଲେ ବି ସେ ମୋର ବଡ଼ଭାଇ । ପିଲାବେଳେ ସ୍କୁଲରେ ଅବଧାନଙ୍କ ବେତ ଫୁଙ୍ଗି ଦଉଥିଲା ସିଏ, ଆଉ ତା ପାଇଁ ମାଡ଼ ଖାଉଥିଲି ମୁଁ; ବଡ଼ ହେଲାରୁ ବାପାଙ୍କୁ ଲୁଚେଇ ସିଏ ଘରୁ ଜିନିଷ ବନ୍ଧା ଦଉଥିଲା, ଗାଳି ସହୁଥିଲି ମୁଁ, ତାର ସବୁ ଦୋଷ ମୁଁ ଲୁଚେଇ ରଖିଚି ! ଆଜି ମୁଁ ଯାଇଁ ତା ଆଗରେ ଠିଆ ହେଲେ ସେ ସେଇଠୁ ଆଉ ଫେରିଆସିବ ।

ରଘୁ—ଆଉ, ଆଉ ମିଛରେ ସେ ମନବଳା କଥାଗୁଡ଼ା କହନା ! ସେ ଯଦି ଘର ଛାଡ଼ିଥାଏ, କେବଳ ତୋରି ପାଇଁ । ତୁ ବଦଳରେ ଜାମିନ କରିବୁ; ବାପର ସୁନାପୁଅ ହବୁ । ଆଉ ସିଏ କାହାକୁ ନ ପାରିଲାରୁ ହେଲା ଅଭାଗା; ଜାଣି ଜାଣି ତୁ ତାକୁ ମାଡ଼ ଖୁଆଇଚୁ; ତୁ ତାକୁ ଘରୁ କାଢ଼ିଦେଇଚୁ ।

ସଦା—(ଭାବାକୁଳିତ) ନା, ନା ମିଛ । ଏଇଥିପାଇଁ ଯଦି ସିଏ ଘରୁ ଚାଲିଯାଇଥାଏ ତା'ହେଲେ ମୁଁ ବି ତା' ଅଧା ଭାଗ ମାଡ଼ ଖାଇବି, ଗାଳି ଖାଇବି, ଆଉ ଏ ଘରୁ ବାହାରି ଚାଲିଯିବି । କହ ରଘୁଆ'ଇ, କହ, ଏତିକି କଲେ ସିଏ ଫେରିଆସିବ ତ ?

ରଘୁ—ସେ ଗୁଆଗୁଡ଼ାକ ଆଉ କହି ଦେଖାଉଛୁ, ଯା ! ଆଉ ମୋର ଏସବୁ ଶୁଣିବାକୁ ମନ ନାହିଁ କି ବେଳ ନାହିଁ ।

[ ରଘୁ ଚାଲିଯାଉଥିଲା ]

ସଦା—ରଘୁଆ'ଇ, ଚାଲିଦେଇଯା, ତୁ ଖାଲି କହ, ସେ କୋଉଠି ଅଛି ।

[ ରଘୁର ହାତ ଧରି ନେହୁରା ହୁଏ ସଦା ]

ରଘୁ—ଯା ରେ, କହିଲି କ'ଣ ନା ରଘୁଆ'ଇ ! ନିଜ ଭାଇଟାକୁ ଘରୁ ତଡ଼ିଦେଇ କ'ଣ ନା, ରଘୁଆ'ଇ !

Source: Author, Digitized by PPRACHIN, SOA

[ ରଘୁ ବୁଲିଯାଇଛି ନନାଙ୍କ ଘରକୁ । ସଦା କାନ୍ଦୁଛି, ପ୍ରବେଶ କରୁଛି ଶାମୁକା । ଖାଇବା ସାଙ୍ଗରେ ଆଣିଛି. ସଦାକୁ କାନ୍ଦୁଥିବାର ଦେଖି ଅଣ୍ଟାରେ ]

ଶାମୁକା—କ'ଣ, ଏତେ ବେଳକ ଭଲଣି ??

ସଦା—(ଅଦ୍ଭୁତ ହୋଇ) ଶାମୁକା !

ଶାମୁକା—ଇଏ କ'ଣ, ସତରେ ତୁ କାନ୍ଦୁଚୁ ? ବାଃ ବେଳକ ହେଲେ ଟୋଣ୍ଟ ପିଲାମାନେ ସିନା କାନ୍ଦନ୍ତି । ଆଉ ତୁ··· [ ହସି ହସି ଲୋଟିପଡ଼ନ୍ତି ]

ସଦା—ନା, ପେଟର ଭୋକ ମରିଯାଉଚି, ଶାମୁକା !

ଶାମୁକା—(ସନ୍ଦିଗ୍ଧ ଦୃଷ୍ଟିପାତ) ତ 'ହେଲେ ଆଉ କ'ଣ ହେଉଚି ?

ସଦା—(ଗମ୍ଭୀର ହୋଇ) ନା, କିଛି ହେଇନି ତୁ ଘର ଭିଡ଼ିଦେଇ ବୁଲିଯା ।

ଶାମୁକା—(ଶାସନ କରି) ସେ କଥା ହେବନି । ମାଉସୀ କହିଚି, ତା'ର ସାନପୁଅ ଘର ଜଗୁ, ତାକୁ ପାଖରେ ବସି ନ ଖୁଆଇଲେ ସେ ଖାଇବନି ।

ସଦା—(ରାଗରେ) ତୁ ଚାଲିଯା, କହୁଚି !

ଶାମୁକା—ମୋ ଉପରେ ରାଗିଚୁ ? ( ଟେରେଇକି ଚାହାନ୍ତି )

ସଦା—(ଉଦାସରେ ଆଖି ପୋଛି) ନାଃ ତୋ ଉପରେ ରାଗି ଲାଭ ନାହିଁ । ଏତା ମା ପେଟର ଭାଇ ହେଲା ସେ ଯେତେବେଳେ ମୋ କଥା ନ ବୁଝିଲା, ତୁ କିପରି ବୁଝିବୁ ?

ଶାମୁକା—(ଦୃଷ୍ଟିପାତ) ଓ, ସେଇ ମଧୁଆ'ର କଥା ଭାବୁଚୁ, ନା ?

ସଦା—ହଁ, ମୁଁ ଭାବୁଚି; ମୁଁ କାନ୍ଦୁଚି । ହେଲେ ମୋ କଥା ସେ ମନରୁ ପାସୋରିଦେଇଛି । [ କୋହ ଉଠେଇ କାନ୍ଦଚି ସଦା ]

ଶାମୁକା—(ସହଜ ଭାବରେ) ହଁ, ରାଗିକରି ଘରୁ ପଳେଇଚି, ନେଉଟି ଆସିବ ନାହିଁ ।

ସଦା—(ସେମିତି ଅଶ୍ରୁଜଡ଼ିତ କଣ୍ଠରେ) ନା, ନେଉଟିବ ନାହିଁ । ସେ ଯୋଉଠି ଅଛି, ଖୁବ୍ ଭଲରେ ଅଛି । ତା ବା' ବୋଉ, ଭାଇ, ସମସ୍ତଙ୍କୁ ଭୁଲିଯାଇଚି ।

ଶାମୁକା—ଏକଥା ତତେ କିଏ କହିଲା ?

Source: Author, Digitized by PPRACHIN, SOA

ସଦା—ରଘୁଆଁଉ ।

ଶାମୁକା—ରଘୁଆ କଥାକୁ ତୁ ସତ ମଣୁଚୁ ?

ସଦା—ହାର୍ଦ୍ଧକ ?

ଶାମୁକା—ତୁ କ'ଣ କିଛୁ ଶୁଣିନୁ ?

ସଦା—କଥଣ ?

ଶାମୁକା—ପଞ୍ଜାବୀ ଜାନଡାକ୍ଟି ବାବୁ ଢେର ଟଙ୍କା ଖରଚ କରି କଲିକତା, କଟକରୁ ତାମସା ଦଳ ଡାକିଆଣିଥିଲେ, ଗାଆଁ ଗାଆଁର ଝିଅବୋହୁଙ୍କୁ ସେଇଠି ଦେଖି ଠାବ କରିବା ପାଇଁ ।

ସଦା—(ଚମକିଉଠି) ଶାମୁକା !!

ଶାମୁକା -- ହଁ, ତାମସା ସରିବା ପରେ ସବୁ ଗାଆଁରେ ଚହଳ ପଡ଼ିଛି ।

ସଦା— ଭାର୍ଦ୍ଧକ ?

ଶାମୁକା—ତାହାର କାହାର ଘରର ଝିଅବୋହୂ ଘରକୁ ଫେରିନାହାନ୍ତି । ଆଉ ସେମାନଙ୍କର ଠାବ ବି ମିଳୁନାହିଁ, ଏସବୁ ବୁଝି ରଘୁଆର ।

ସଦା—(ଆଶ୍ଚର୍ଯ୍ୟ ହୋଇ) ତତେ ଏତେ ସବୁ ଖବର କିଏ ଦେଲା ?

ଶାମୁକା—ଖବର ଖୋଜିଲେ ମିଳେ ।

ସଦା—(ରାଗରେ ଜଳିଉଠିଲା) ଏକଥା ଯଦି ସତ ହୋଇଥାଏ, ତା'ହେଲେ ସେ ଜାନଡାକ୍ଟି ବାବୁର ଭଲ ହବନି, ତାକୁ ଏ ଆନନ୍ଦପୁର ଗୁଣ୍ଟିଯିବାକୁ ହବ ।

ଶାମୁକା—ତୁ ଏକା ଗୁଣ୍ଠିଲେ କ'ଣ ହବ ? ଏ ଇଲାକାର ବାଉପଣ ନେକ ତ ତା'ର ଗୋଲାମ; ତାର ଟଙ୍କା ଅଛି, ଢେର ଟଙ୍କା ।

ସଦା—(ପ୍ରତିହିଂସାରେ ଡାଟିଯାଇ) ତା'ର ଟଙ୍କା ଅଛି ବୋଲି ସିଏ କ'ଣ ଆମ ଝିଅବୋହୁଙ୍କ ମାନଇଜ୍ଜତ ନେଇ ଖେଳିବ ? ହଉ, ଦେଖିବା !

ଶାମୁକା—(ଅଦ୍ଭୁତ ଭାବରେ) ପରେ ଦେଖିବୁ ! ତୁ ଆଗ ଖାଇଦେଲୁ···

ସଦା—ନା, ମୁଁ ଆଜ ଖାଇବନି । · [ ସଦା ପୁଣି ବାଲିଅଡ଼େ ଗ୍ଲୁଲିଗଲା ]

ଶାମୁକା—ଆରେ ଶୁଣ, ଶୁଣିଯା···

[ ଶାମୁକା ବେଲଟା ନେଇ ସଦାକୁ ଅନୁସରଣ କଲା ]

—*—

Source: Author, Digitized by PPRACHIN, SOA

## ତୃତୀୟ ଦୃଶ୍ୟ

[ ଦୁଃଶାସନର ଘରଭିତର । ସୁଦାମ ନନା ହାତରେ ନାଗ ଢଳି ଢଳି ଆସି ଘରଭିତରେ ପ୍ରବେଶ କରନ୍ତି । ଘରଭିତରେ ଶାମୁଭାର ଶିଳ ଛେଚିବା ଶବ୍ଦ ଶୁଭୁଚି ]

ସୁଦାମ— ଆରେ ଶାମୁଭା ' କ'ଣ କରୁଚୁକି ?

ଶାମୁଭା—(ଘରଭିତରୁ) ଜିଏ, ନନା ! ଯାଉଚି

ସୁଦାମ—ହେଁ-ହେଁ (ହସି ହସି), ସେତେବେଳେ ଅଇଲା, ଭୁ କହୁ ଲ' କହୁ ଗୋଟେ କାମ କରୁଚି । ପିଲାଟା...ତେଣେ ଚନ୍ଦନ ଚିନ୍ତାଏ ଖେଳିବୁତ ତାଣ୍ଡ ଉମ୍ପିଦେନ୍ତୁ, ଆଉ ଭୁ କରନା, ହେଉଛି ସେତେବେଳେ ଘରର । ଅରେ, ବାପ-ଝିଅ ବ'ହାର ଘର, କ'ଣ ଏତେ ନାମ ଦେଖ

[ ହାତରେ ଗୋଟିଏ ପଥରର ଦଣ୍ଡ ହୋଇଥିବା ବିଶଲ୍ୟକରଣୀ ପଥ ନେଇଆସିଛି ଶାମୁଭା । ତାକୁ ଦିଂ-ଦୁ ତଳେ ଧରି ଡାହାଣ ହାତରେ ଗୋଳ ଛନ୍ତି ]

ଶାମୁଭା—କ'ଣ ଆଉ କରିବ, ନନା ! ଏଇ ବା'ର ଗୋଡ଼ ଅଟକ ହେଲାଦିନୁ କାମ ଧନ୍ଦା ସେତେ କଲେ ବି ଛୁଟୁନି । ଦେଖୁନ, ବିଶଲ୍ୟକରଣୀ ପତର ଛେଚୁଥିଲି ତା'ଆର ଗୋଡ଼ରେ ଦେବା ପାଇଁ ।

ସୁଦାମ—ବା'ର ଗୋଡ଼ଟା ଖରାପ ହେଲାଦିନୁ ତଳେ ଚେଷ୍ଟା ଯାଉ ପଡ଼ିଲା ଇଡ଼ା । କ'ଣ କରିବୁ, କପାଳ !!! କ'ଣ ଡାକ୍ତର ବୈଦ୍ୟଙ୍କ ଅଣ୍ଡିକି କିଛି କିଏ ?

ଶାମୁଭା—ନା, ଭଗବାନ ଜାଣନ୍ତି, ସବୁବେଳେ ଶେଷରେ ନାହିଁ । କେବେ ତାଙ୍କୁ ଯେତେ କହିଲେ ବି କ'ଣ ମାନୁଚି ! ବାଡ଼ିଧରି ଛୋଟ ଛୋଟ ଦାଣ୍ଡକୁ ବାହାରି ଯାଉଛନ୍ତି ।

Source: Author, Digitized by PPRACHIN, SOA

ସୁଦାମ—କାମିକା ଲୋକ'ପରା, ସେ ଘରେ ବସିପାରିବ କେଉଁଠୁ ? ତା ମନ ଉଚ୍ଛନ୍ନ ହବ । ଗାଁ'ର ଗୋଟେ ମୂରବି ସିଏ; ତାକୁ ଲୋକେ କେତେ ମାନନ୍ତି । ଲୋକଙ୍କ କାମ ନ କରି ଘରେ ପଡ଼ିରହିବାକୁ ତାକୁ ଭଲ ଲାଗିବ ?

ଶାମୁକା—ଲୋକଙ୍କ କାମ ସିଏ ଯାହା କରେ ମୁଁ ଜାଣିଚି । ପରଘର ଭାଙ୍ଗିବା କାମ···

ସୁଦାମ—(ବୁଝାଇବାକୁ ଚେଷ୍ଟା କରି) ଆଃ ଲୋ, ନା ନା—! ତତେ କହୁ ଜଣା ନାହିଁ । ତୋ ବାପାକୁ ଲୋକେ ଖୁବ୍ ମାନନ୍ତି, ସେଇଥିପାଇଁ ଯୋଉଠି କନ୍ୟାଦାନ ହେଲେ ସିଏ ମଧ୍ୟସ୍ଥି ।

ଶାମୁକା—ହଁ, କମିଶ ମାନନ୍ତି, ମୁଁ ଜାଣେ । ଯୋଉ ଭଙ୍ଗା ଘରେ ପଡ଼ିଲା ସେ କେତେ ଜଣଙ୍କ ଦରଦ ଆଇଲେ ନାହିଁ ସାହା ହବାକୁ । କେତେ ଆସି ଘରର ହାଣ୍ଡିଭାତ, ଭଲମନ୍ଦ, ଥିଲା ନ ଥିଲା ଖବର ବୁଝିଗଲେନି । ଆଇଲା ସେଇ ଅରକ୍ଷିତ ମଉସା, ସିଏ ତାକୁ ଯମ ମୁହଁରୁ ଟାଣିଆଣିଥିଲା । ଆଜଯାଏ ତା'ର ଘରୁ ସବୁ ଆଉଚି, ଆଉ ଆମେ ଚଳୁଚୁ ।

ସୁଦାମ—ଅରେ ଯାଃ-ଯାଃ, ତୁ ପିଲାଲୋକ, ତୁ କ'ଣ ବୁଝିବୁ ? ସେଇଟା ଗୋଟାଏ ଭୁଲ୍ ।

ଶାମୁକା—(ବୁଝି ନ ପାରି) କ'ଣ କହୁଚ ଯେ ?

ସୁଦାମ—ବୁଝିଲୁ, ଅରକ୍ଷିତ ହେଉଚି ଗଭୀର ପାଣିର ମାଛ । ସେ କ'ଣ ଜୋକା ଦେଉଚି ? ଏ ଗାଁରେ ତା ସାଙ୍ଗରେ ତାଳ ଦେବାକୁ ଥିଲା ଜଣେ—ସିଏ ଦୁଃଶାସନ । ଅରକ୍ଷିତ ଦେଖିଲା କାମ କରିଦେଲା; ଅଲୋ, ତୋ ବାପା'ଟା ସିନା ବଞ୍ଚିକରି ଫେରିଲା, ହେଲେ ତା ଗୋଡ଼ଟା ସବୁଦିନ ପାଇଁ ଅଚଳ ହେଇଗଲା ।

ଶାମୁକା—(ଅବାକ୍ ହୋଇ) ତମେ କ'ଣ କହୁଚ ନନା, ତମ କଥା ମୁଁ କିଛୁ ବୁଝିପାରୁନି । ତମେ କହୁଚ, ଅରକ୍ଷିତ ମଉସା···

Source: Author, Digitized by PPRACHIN, SOA

ସୁଦାମ—(ଗମ୍ଭୀର ସ୍ୱରରେ) ହୁଁ, ଜାଣି ଜାଣି ତୋ ବା'ର ଘୋଡ଼ଟା ଗର୍ଜି ଦେଉଛି । ଏଣିକ ତୋ ବା' କ'ଣ କରିବ ? ନା ଯୁଦ୍ଧବାଜ, ନା ମାରୁଥିବ ? ସେମିତି ନେଙ୍ଗଡ଼ା ହୋଇ ଘରେ ପଡ଼ିଥିବ, ଜଏ ଜାହିଁକି ଶ୍ରେଷ୍ଠ ଲୋକଟା ପାଖରୁ ଆସିବେ, ନା' ଭଲମନ୍ଦ ପଚାରିବେ ? ସେତେବେଳେ ନିଜ ଘରୁ ସବୁ କିଛି ଯାଉଥିବା ହେଉ ଅବହେଳିତ ଦ.ତାପଣିଆ ଦେଖେଇବ···

ଶାମୁକା—(ଅବିଶ୍ୱାସ କରି) ନା, ଏସବୁ ମିଛ ।

[ ପ୍ରବେଶ କରନ୍ତି ଦୁଃଶାସନ । ପ୍ରତିହିଂସା ଜର୍ଜରିତ ହୋଇ ଠେଙ୍ଗା ହାତରେ, ଗ୍ରେଟା ଗୋଡ଼ରେ ଉସ୍ୱରେଇ ]

ଦୁଃଶାସନ—ନା, ସତ !!!
ସୁଦାମ—ଆହାଃ ! ତୁ ଗ୍ରେଟା ଲୋକଟା; ତୁ ଜାହିଁକି ଉଠିଥିଲୁ ଏଠିକି ?
ଦୁଃଶାସନ—(ଗର୍ଜିକରି) ତମ କଥା ଶୁଣି ଶୁଣି ମୋ ଜିଭ ଗର୍ଜି ଯାଉଛି, ମୋ ଆଖି ଖୋଲିଯାଉଛି, ମୁଁ ଦୁନିଆକୁ ଚିହ୍ନିଛି ।

ସୁଦାମ—(ଶାମୁକା ପ୍ରତି) ଦେଖିଲୁ, ଦେଖିଲୁ, ମୁଁ ଏବେ ତତେ କଣ କହୁଥିଲି, ତୋ ବା' ଏବେ କ'ଣ ବୁଝିଲା ?

ଦୁଃଶାସନ—ହାଃ, ମୁଁ ବୁଝିଛି, ଠିକ୍ ବୁଝିଛି ଅଭିଷେକ ଜାଣି ଜାଣି···
ଶାମୁକା—(ଚିତ୍କାର କରି) ବା' ! ତୁ ଏକଥାକୁ ସତ ମଣୁଛୁ ?
ଦୁଃଶାସନ—ହୁଁ, କ ମଣିବି କାହିଁକି ? ମୁଁ ଏ ଗଳିତାର ମୁଖିଆ, ତା ଉତ୍ତର ଜବାବ ମୁଁହିଁ କେବଳ ଦେଇପାରୁଥିଲି । ସେଇ ଅହଙ୍କାରରେ ସେ ମୋ ଉପରେ ବେଳ ଦେଖି ସୁଯୋଗ ଖୁଣ୍ଟେଇ ନେଉଛି ।

ସୁଦାମ—(କିଛି ନ ଜାଣିଲା ଭଳି) ଓହୋ···କାହିଁକି ସଭ କୁଟୀରୁ ମୁଁ ଏଠିକି ଆଇଲି ! ହଉ, ମୁଁ ଯାଉଛିରେ ଦୁଃଶାସନ, ଅସିଥିଲି, ଦେଖିଗଲି । ସର୍ବାରିଷ୍ଟ···

[ ସୁଦାମର ପ୍ରସ୍ଥାନ ]

Source: Author, Digitized by PPRACHIN, SOA

ଶାମ୍ବୁକା—ଏକଥା ଯଦି ସତ, ତା'ହେଲେ ଯେଉଁ ଲୋକ ମନଜଗିଥିଲେ ସେତକ ତତେ ମହିଁ ଦଶଆରେ ମାରି ଫିଙ୍ଗି ଦେଇପାରିଥାନ୍ତା, ସିଏ ଏତେ ଦଜ ଜ ହରେ ବୋଝ ବୋଝ ଗାଁକୁ ନେଇଆଇଲା କାହିଁକ ?

ଦୁଃଶାସନ—(ରାଗରେ) କାହିଁକ ? ମୁଁ ଇମିତି ଅଚଳ ହୋଇ ପଡ଼ିଥିବ, ମୋ ପାଖକୁ କେହି ଆସୁ ନ ଥିବେ—ଏଇଆ ଦେଖିବା ପାଇଁ ।

ଶାମ୍ବୁକା—ସେଥିରେ ଲାଭ କ'ଣ ?

ଦୁଃଶାସନ—ବଣରେ ବାଘକୁ ପିଞ୍ଜରା ଭିତରେ ଦେଖିଲେ ସମସ୍ତେ ଖୁସି ହୁଅନ୍ତି !

ଶାମ୍ବୁକା—ସୁଦାମ ନାଉର କଥା ଶୁଣି ତୋ ମୁଣ୍ଡଟା ବିଗିଡ଼ିଯାଇଚି, ବା' ! କିଛି ନ ବୁଝି ନ ଶୁଣି ଲୋକଙ୍କୁ ମିଛରେ ଦୋଷ ଦଉଚୁ !

ଦୁଃଶାସନ—ହଁ, ସିଏ ସିନା ମିଛ କହୁଛି, ହେଲେ ଯୋଉମାନେ ସେଦିନ ମୋ ସାଙ୍ଗରେ ଯାଇଥିଲେ ସେମାନେ ତ ମିଛ କହିବେନି; ମୁଁ ଯାଉଚି ଗୋଟି ଗୋଟି କରି ସମସ୍ତଙ୍କୁ ପଚାରିବି—

ଶାମ୍ବୁକା—ହଉ, ଗୋଡ଼ ଭଲ ହୋଇଯାଉ, ତୁ ଯାଇଁ ସମସ୍ତିଙ୍କି ପଚାରିବୁ ।

[ ଏତିକିବେଳେ ଓରହଣି ହାଆଁରେ ଘିଅ ଢାଳିବାକୁ ମାଧୁଆ ଓ କୃଷ୍ଣିଆ ପ୍ରବେଶ କଲେ ]

କୃଷ୍ଣ—ହଇଏ, ପଚାରିବେ କ'ଣ ? କାହାକୁ ଏକଥା ଅଛପା ଅଛି ଯେ···

ଦୁଃଶାସନ—କୃଷ୍ଣିଆ, ତୁ ଏକଥା ଜାଣିଚୁ ?

ମାଧୁଆ—ମତେ ପଚାରୁନ, ମୁଁ କଣ ଏକଥା ଜାଣିନ ?

ଦୁଃଶାସନ—ତା'ହେଲେ ମତେ କହୁ ନ ଥିଲ କାହିଁକ ?

କୃଷ୍ଣ—ସମସ୍ତେ ଭିତରେ ଭିତରେ ଫୁସ୍‌ଫାସ୍ ହଉଚନ୍ତି, ହେଲେ ଅସଲ କଥାଟି ବାହାର କରୁତ କିଏ !

ଦୁଃଶାସନ—କାହିଁକ ? କ'ଣ ଅରକ୍ଷିତକୁ ଡର ?

କୃଷ୍ଣ—ହଁ, ଡରିବା କଥା । ଗାଁରେ ସଙ୍ଗ ମୋଡ଼ିବାବାଲା ତୁ ଜଣେ ଥିଲୁ; ତୁ ଯେତେବେଳେ ଅପାରଗ ହୋଇଗଲୁ, କିଏ ସବୁ କଥାକୁ ଅରକ୍ଷିତ ସାହା-ଭରସା, ତା ମୁହଁ ଉପରେ କହିବାକୁ ସାହସ କରିବ କିଏ ?

Source: Author, Digitized by PPRACHIN, SOA

ଦୁଃଶାସନ—କାହିଁକି ସାହସ ହେବନି ? ମୋ ଗୋଡ଼ଟା ଖୋଟା ହୋଇଯାଇଚି, ହେଲେ ମୁଁ ତ ଆଉ ମରିଯାଇନି । ହାତରେ ଖଣ୍ଡେ ବାଉଁଶ ଧରିଲେ ଏବେ ବି ମୁଁ ପଚିଶଜଣଙ୍କୁ ଅଟକେଇ ଦେବି ।

ଶାମୁକା—(ବିଚଳିତ ହୋଇ) ଏଇମାନେ କ'ଣ ସେଦିନ ତୋ ସାଥିରେ ବଣଆଡ଼ୁ ଯାଇଥିଲେ ?

ଦୁଃଶାସନ—ଏମାନେ ଯାଇନାହାନ୍ତି, ହେଲେ ଏମାନେ ଶୁଣିଚନ୍ତି ତ !

ଶାମୁକା—କାହାଠୁ ଶୁଣିଚନ୍ତି, କ'ଣ ଶୁଣିଚନ୍ତି, କିଛି ନ ବୁଝିଶୁଝି ଏଇମାନଙ୍କର କଥାରେ ତୁ ପଶିଯାଉଚୁ—

ଦୁଃଶାସନ—ମାଧୁଆ, କୃଷ୍ଣିଆ ଏକଥା ତମେ କାହାଠୁ ଶୁଣିଚ କହୁନା କାହିଁକି ?

ମାଧୁ, କୃଷ୍ଣ—ଏଇ ସମସ୍ତେ କହୁଚନ୍ତି ।

ଶାମୁକା—(ଘରରେ ଅଟେଇଆସି) ସମସ୍ତେ ? କିଏ ସେମାନେ ?

କୃଷ୍ଣ—(ଡରି ଡରି) ଏଇ ଯୋଉମାନେ ସେଦିନ ବଣଆଡ଼ୁ ଯାଇଥିଲେ ।

ଶାମୁକା—ସେମାନଙ୍କୁ ଆଣି ମୋ ସାମନାରେ ଠିଆ କରିଦେଇପାରିବୁ ?

ମାଧୁଆ—ସମସ୍ତେ କ'ଣ ଅଛନ୍ତି ? କେତେକ କୁଆଡ଼େ ବାହାର କାମରେ ଚାଲିଗଲେଣି ।

କୃଷ୍ଣ—ହଁ, କହିବୁ ଯେ, କେଇଟାଙ୍କୁ କାଲି ସଞ୍ଜକୁ ଡାକିଆଣିବୁ ।

ଦୁଃଶାସନ—ହଁ, ଡାକିଆଣ ! କହିବୁ, ମୁଁ ଡାକୁଚି ।

କୃଷ୍ଣ—ଅଲବତ୍ ଡାକିଆଣିବୁ । କିଏ ଏଥିରେ ଆମର କ'ଣ କରିବ · ଆମେ କ'ଣ ଅଲଗିତରୁ ଉଠିଚୁ ! ତମେ ଖାଲି ଟିକେ ବଳ ଦେଲେ ଆମେ ପରା ତା ମୁହଁରେ··· [ ଛେପ ପକାଇବାର ଅଭିନୟ କରି ]

ଦୁଃଶାସନ—ଆଉ, ଯଦି କଥାଟା ମୁଣ୍ଡ ଲଗେଇ ନ ପାରେ, ତା'ହେଲେ ·· ଦେଖିବ ·· [ ଠେଙ୍ଗା ଉଠାଇଲା ]

ଶାମୁକା—ଉହୁ, ସେ କଥା ତ ଭୁଟିବ । ତୁ ଆ, ମୁଁ ତୋ ଗୋଡ଼ରେ ଏଇ ବଣଲକ୍ଷ୍ମଣୀ ପତର ବାନ୍ଧିଦିଏ ।

Source: Author, Digitized by PPRACHIN, SOA

ଦୁଃଶାସନ—ଏ ବଶଲ୍ୟକରଣୀ ପତର ତୁ କୋଉଠୁ ଆଣିଚୁ ?

ଶାମୁଡା—ଅରକ୍ଷିତ ମଞ୍ଜୁଷା ବାଉରୁ ।

ଦୁଃଶାସନ—ନା, ସେ ବଡ଼, ତାକୁ ଫିଙ୍ଗିଦେ ।

[ ଶାମୁଡା ହାତରୁ ପଥର ବାଟିଟା ଛଡ଼େଇଆଣି ପକେଇ ଦେଇଚ ]

ଶାମୁଡା—(ଚିତ୍କାର କରି) ବା···!

ଦୁଃଶାସନ—ଆଜିଠୁ, କହୁଦଉଚି, ତା ଘରର କାହୁ ଯିମିତ ଏଠିକି ନ ଆସେ !

—※—

Source: Author, Digitized by PPRACHIN, SOA

## ଚତୁର୍ଥ ଦୃଶ୍ୟ

[ ଗାଁ ଗୋହିରୀ । ସମୟ ସକାଳ; ମାଧିଆ 'ଝଟଳଲୁ ଆଣିଙ୍ଗନ' ଗୀତର ସୁରଧରି ପ୍ରବେଶ କରନ୍ତି । ହଠାତ୍ ଦୂରରେ ରଘୁଆକୁ ନେପଥ୍ୟ ସ୍କୁଟରରେ ଯାଉଥିବାର ଦେଖି ଆନନ୍ଦରେ ବୁଞ୍ଜିଆକୁ ଡାକ ଦେଇଖାଇ ଦେଉଛି । ଦୁହେଁ ମିଶି ରଘୁଆକୁ ଡାକ ପକେଇଛନ୍ତି ]

ମାଧିଆ—(ସନ୍ଦେହ କରି) ରଘୁଆ ତ !!! ଆରେ ବୁଞ୍ଜିଆ, ଡାକ୍ ଡାକ୍—

( ଦୁହେଁ ହଳଆ ରଡ଼ଛାଡ଼ନ୍ତି )

[ ସେମାନଙ୍କ ଡାକ ଶୁଣି ସ୍କୁଟରଗାଡ଼ି ପ୍ରବେଶ କରନ୍ତି ରଘୁଆ । ଚକଚକିଆ ପୋଷାକ ତା ଦେହରେ । ବୁଞ୍ଜ ଓ ମାଧ ତାପୋଷାକକୁ ଦେଖି ଅବାକ୍ ହୋଇ ଯାଇଛନ୍ତି ଓ କୌତୁହଳରେ ସେଥିରେ ବେଳେ ବେଳେ ହାତ ମାରିଦେଉଛନ୍ତି ଓ ରଘୁ ବିରକ୍ତ ହେଇଉଠୁଛି ]

ରଘୁ—ହଲରେ ! ତମେ ଦିଟା ସବୁଦିନେ ସିମିତି ହଳଆ ହେଇ ରହିଗଲ ?

ବୁଞ୍ଜି—କ'ଣ ? କ'ଣ ହେବ କି ?

ରଘୁ—ଝକଝକଥର ମଜା କରନ୍ତି, 'ରଘୁଆ, ରଘୁଆ' ବୋଲି ଡାକୁଛ । 'ରଘୁବାବୁ' ଡାକିପାରୁନ !

ମାଧିଆ—ସେଇବୁ ଡାକ ସିନା ସିଆଡ଼େ ବନ୍ଦର ପାଖରେ, ଯେଉଁଠି ସହର ବଜାର ହେଲାଣି; ହେଲେ ଏଇଟା ତ ଆମ ଗାଆଁ ।

ରଘୁ—ହଁ ହେଉ କି ସହର ହେଉ, ତୁ ମତେ ଡାକିବୁ 'ରଘୁବାବୁ' ଯେଉଁଠି ବଡ଼ ବଡ଼ ସାହେବମାନେ ସେମିତି ସମ୍ଭାଷଣ ହୁଅନ୍ତି । (ବିଦେଶୀ କାଇଦାରେ) "ହେଲୋ ମିଷ୍ଟର 'ରଘୁବାବୁ', ହେଲୋ ମିଷ୍ଟର 'ବୁଞ୍ଜବାବୁ', ହେଲୋ ମିଷ୍ଟର 'ମାଧବାବୁ', How do you do ?"

Source: Author, Digitized by PPRACHIN, SOA

ମାଧିଆ—(ବିକୃତ ଗଳା କରି କହନ୍ତି) 'ହୁ'ହୁ ଉ, ଉ, ଉ' । ଆହା ଜାନବର କି ମିଠା ଲାଗୁଚ ! 'ହୁ ଉ, ଉ', ଠିକ୍ ଆଷାଢ଼ମାସିଆ ମେଘ ଡାକିଲା ପରି···

କୃଷ୍ଣ—ହଁ ବା' ଅନେ ସିମିତ ବାଗୁଡ଼ି ଖେଳରେ ଗଳା ଧରୁଛ, 'ହୁ ଉ ଉ ଉ, ଉ···'

ରଘୁ—(ରାଗିଯାଇ) Shut up !

ମାଧିଆ—(ଚୁପ୍ ହୋଇଯାଇ ପୁଣି କହିଲେଇ କହିଲା) ହଇରେ, ରୁ ସେଠେଇଁ ଇଂରେଜ କଥା ଶିଖିଗଲୁଣି !!! ପୁରାପୁରି ସାହେବ ହେଇଗଲୁଣି···

କୃଷ୍ଣ—ମଲା. ଆମେ କ'ଣ ହେଇଯାଇ ନ ଥାନ୍ତୁ ? ରଘୁଆ ସଭି ସେଠେଇଁ ମାନଭୋଳାନ କଲା, ପାନଦୋକାନରୁ କୁଲି ସରଦାର, କୁଲି ସରଦାରରୁ ଠିକାଦାର ହେବାକୁ ବସିଲାଣି । ତତେ ମୁଁ କହୁଛି 'ସିଧା'—ହେଲେ ତୁ ଖାଲି ହେଲାରେ ହେଲାରେ···

ରଘୁ—ନାଇଁ, ତମେ କ'ଣା ସାହେବ ହୋଉଚ ? ସେଇ ଗାଁରେପଣ୍ଡା କାଦୁଅ ପାଣିରେ ପାଣ୍ଡି ହଉଚ । ଲଙ୍ଗଳ ଲଣ୍ଡି ଧର, ଧର ଆହୁରି ମାରି ମାରି ହାତଗଣ୍ଡି ବସିଯିବ ସିନା, ପଞ୍ଚମଣନ ହେବନି ।

ମାଧିଆ—ହଇରେ, କ'ଣ କହୁଲୁ ? ଫରମଣନ କ'ଣ ?

ରଘୁ—ପରମନେଣ, ମାନେ (ଟିକିଏ ଭାବି) ଉନ୍ନତ । ତମ କ'ଟାଙ୍କର କିଛି ଉନ୍ନତ ହେବନି ।

କୃଷ୍ଣ—ମୁଁ ପରା ମାଧିଆଟାକୁ ସବୁବେଳେ ସେଇକଥା କହୁଚି । ସେତେବେଳ ବୋଉ ଅଧୀନରେ ଚଳିଲୁ, ଚଳିଲୁ । ଏଣିକି ନିଜ ଗୋଡ଼ରେ ଠିଆ ହ', କିଛି ଗୋଟାଏ ବେଉସା ଧ···

ମାଧିଆ—ଅରେ, ମୋର କ'ଣ ମନ ନାହିଁ ? ହେଲେ ସେଥିପାଇଁ ଅଣ୍ଟାର ବଳ ତ ଦରକାର । ବୋଉ ତ ସବୁ ଟଙ୍କା ସିନ୍ଦୁକରେ ରଖିଛି···

କୃଷ୍ଣ—ଅରେ ଯା' ନା ! କାଠ ସିନ୍ଦୁକଟା ଭାଙ୍ଗିବାକୁ କେତେବେଳ ? ବୁଢ଼ୀଟାର ଜୋର କେତେ ? ହେଲା ଏବେ ଗାଁସାରା ବୁଲି ବୁଲି କହିବ, 'ମୋ ପୁଅ

Source: Author, Digitized by PPRACHIN, SOA

ସିନ୍ଦୁକ ଭାଙ୍ଗି ଟଙ୍କା ନେଇଗଲା’ । ଲୋକେ ଶୁଣିବେ, ଚୁପ୍ ରହନ୍ତୁ, କେହି ତ ଯାଇ ଥାନାରେ ଏତଲା ଦେବ ନାହିଁ !

ମାଧୁଆ—ଅରେ ନା ରେ···ମୋ ବୋଉ ଯେମିତିକା, ସିଏ ଚିଠା କେତେବେଳେ ଦେଉଛି ଦେଇଦବ ।

କୁଞ୍ଜ—ଦେଲେ ଦଉ ବେ ! ବୁଢ଼ୀଟା ତ କେଉଁ କାଳ ଅଉ ଚସ୍ମାଟା ଦେଇ ବସିଥାଆନ୍ତା; ନ ହେଲା ଏବେ ଟିକେ ଅଗରୁ ଶୁଝିଯିବ । ବୁଢ଼ୀଟାଏ କି, କୋଉ ଏବେ ଖସିଗଲା । ଏଇ କଥା ଅଉ ନା’···ବୁଢ଼ୀବାଲେ ଯିଏ ... ଫେରେ ପାଣିକି ଡେଇଁପଡ଼ନ୍ତି !

ରଘୁ—(ଚମକିପଡ଼ି ଅଟକି ଗଳାରେ) ମୋ ବୋଉ ସତରେ କ’ଣ ଚିହ୍ନି ଡେଇଁ ମରିଛି ?

କୁଞ୍ଜ—(ଅବାକ୍ ହୋଇ) ଅଉ !!!

ରଘୁ—ମୁଁ ତା ମଡ଼ାଟାକୁ ନେଇ ପୋଖରୀରେ ପକାଇଦେଇ ଆସିଥିଲି ନା

ମାଧୁଆ—ଏଁ ! ଏ···କ’ଣ କହିଲୁ ? ମଡ଼ାଟାକୁ ନେଇ ··

ରଘୁ—(ଗମ୍ଭୀର ଗଳାରେ) ହଁ, ତୋର ବୋଉ ଭଳିଆ ସିଏ ବି ଥାଉ ନାଇ ଟଙ୍କା, ସୁନା ମାଟିତଳେ ପୋତି ରଖିଥିଲା; ମୁଁ ତା’ର ଗୋଟାଏ ବେଲ୍କ ପୁଅ । ଧନ ସରିଯିବ ବୋଲି ମତେ ସ୍କୁଲକୁ ପଠେଇଲା ନାହିଁ କି ପାଠ ବ’ଅକ୍ଷର ପଢ଼େଇଲା ନାହିଁ । ବାଡ଼ାହେଲି, ଘରର ବୋହୂଟାକୁ ନେଇ ଧାନ କୁଟେଇଲା; ମୂଲ ଲଗେଇଲା । ବଡ଼ର କାମ ଆରମ୍ଭ ହେଲା, ମୁଁ ସେଠି ଯାଇଁ ପାନଦୋକାନଟାଏ ଦେଲି । ଦେଖିଲି, ଆଖିଆଗରେ ଲୋକେ ଅଳପ ଧନ ହାତରେ ଧରି ଗଡ଼ାଗଡ଼ ହଜାର ହଜାର କମାଉଛନ୍ତି । ଅଥଚ ମୋ ବୋଉ ପାଖରେ ଟଙ୍କା ମାଟିତଳେ ପୋତା ହୋଇ ରହିଛି । କେତେ ସହନ୍ତି ? ତେଣେ ଗଡ଼ରେ କେହି ନ ଥିଲାବେଳେ··

( ତର୍ଣ୍ଣି ଛପିବାର ଅଭିନୟ କରି )

ମାଧୁଆ—(ଚିତ୍କାର କରିଉଠିଲା ଆତଙ୍କରେ) ରଘୁଆ !

Source: Author, Digitized by PPRACHIN, SOA

ରଘୁ— ଯାହାକୁ ଯେମିତି ଜଗନ୍ନାଥ ଦେଇ ଥୋଇଛନ୍ତି ତାଙ୍କର କପାଳକୁ କେହି କିଛି କରି ନ ପାରନ୍ତି । ସେତେବେଳେ ଯୋଗାମାନଙ୍କର ମୋ'ର ଦେଖାଦେଖି ହେଲା; ତୁ ମନ ବଳେ ତୋ'ର ବି ସେମିତି ହେବ ।

କୁଞ୍ଜ— ଶୁଣିଲୁଟି ନ ଝିଅ ? ତୁ ଅଉ ଚାରେଡ଼ିଲେ ବସିଲେ ନାଳର ପାଣି, ତୋ ତୋଳି ଯା ଦେଖିବ କାହିଁ ଏଥର ବାହାର କର, ନ ହେଲେ ଏମିତି ନଳଗଣା ହେଉ ଘାସ କାଟୁଥିବୁ ।

ମାଧୁଆ— ତା ବୋଲି·· ବୋଲିଛାକୁ··ନା, ନା ! !

ରଘୁ— (ହାସ୍ୟ ଦେଇ) ମନଟାକୁ ଟାଣଦେଉ, ମାଧୁଆ ! ଗୁଡ଼ଟା ପଥର ଭଳି, ମଣିଷର ଉପରେ ତା ହାତ ମୁଠାରେ । ( ରଘୁର ପ୍ରସ୍ଥାନ )

କୁଞ୍ଜ— ଦେଖୁଚ କି, କମିତି ଗାଁ-ଡାଣ୍ଡରେ ମଟର ସାଇକେଲ ଫଟ ଫଟ କରି ବୁଲୁଚନ୍ତି ! କମିତି କଥାବାର୍ତ୍ତା, କମିତି ବେଶପୋଷାକ, କମିତି ଠାଣି ! ଅଉ କେଇଟାଦିନ ଗଲେ ବିଶ ତକିଆ ହେଇ ଚଢ଼ି ଏ ଗାଁ-ଦାଣ୍ଡରେ ଧୂଳି ଉଡ଼ାଇ ବୁଲୁଥିବ ।

ମାଧୁଆ— (ପ୍ରକୋଟିତ ହୋଇ) ହଁ, ମୁଁ ବି ସେଇଆ କରିବ । (ପୁଣି ଖଣ୍ଡିଲା) ହେଲେ·· ବୋଇଁଟାକୁ·· ନା, ନା, ନା, କୁଞ୍ଜିଆ, ମୋ ଦେଇ ସେ କାମ ହବନି ।

କୁଞ୍ଜ— ଅରେ, କି ବୋଲୁ ? ସେ ଅବୋଲୁ ହେଲେ ତାକୁ ବାହାଘର ଘରକୁ ବୋଲୁଟିଏ ଅଣିଥିଲା । ତୁ ତ ଏଡ଼ୁଟିଏ ହେଲୁଣି, ତଥାପି ତୋତେ ହାତକୁ ଦ'ହାତ କରିବ କେ'ଣ ଜାଣିଚି ? କେମିତି ବୋହୁଥାଇ କେତେ, ନ ଥାଇ କେତେ ? ଟଙ୍କା, ଟଙ୍କା, ଟଙ୍କା ! ଏ ଦୁନିଆଟା ଖାଲି ଟଙ୍କା ଚାହୁଁଚି; ପୃଥିବୀର କଣ ଜାଳିକ ଆମର ପେଟ ପୂରୁ ନ ଥିଲା ? ତେବେ ବନ୍ଧର ତଥାର ଦେଖୁଚ ଭାବୁଛି ? ଖାଲି ଟଙ୍କା···ଟଙ୍କା···

ମାଧୁଆ— ଅଃ, କୁଞ୍ଜିଆ ! ତୁ ଚିଟିତ କହନା, ମୋ ମୁଣ୍ଡଟା କ'ଣ ହେଉଯାଉଚି ।

( ମୁଣ୍ଡ ବିଚଳିତ ହେବାକୁ ଲାଗିଲା ମାଧୁଆର )

Source: Author, Digitized by PPRACHIN, SOA

କୃଷ୍ଣ—ଜାଣେ ସଖା ତୋ ଜନ୍ମଜାତ ଶ୍ରେଷ୍ଠ । ଏସବୁ କାମକୁ ତୋର ସାହସ ନାହିଁ, ତୁ ଯଦି ନ ପାରୁ ତା'ହେଲେ ମତେ କହ, ମୁଁ କରିଦେବି ।

ମାଧୁଆ—ତୁ କରିବୁ ? ମୋପଠିଁ ?

କୃଷ୍ଣ—ମନ୍ଦ ! ଛୋଟେ ସାଙ୍ଗପାଇଁ ଏତିକି ପାରିବନି ? ମୋର ସେ ସାହସ ଅଛି । ତମ୍ଭୁଆ ଯେଉଁ କାମ ଏକା କରିପାରିବ, ଆମେ ଦଶହେଁ ମିଶିଲେ ସେ କାମ କରିପାରିବାନି ? ଆ, ଯିବା, କମିଟି କ'ଣ ହେଉ ବିଚାର କରିବା ।

( ଦୂରରୁ ଖୁଁ ଖୁଁ ହୋଇ ସୁଦାମ ଜନାର ପ୍ରବେଶ )

ସୁଦାମ—ଓରେ, ଆଜି କ'ଣ ମୁଣ୍ଡକୁ ମୁଣ୍ଡଯୋଡ଼ି ଖୁବ୍ ବିଚାର କରୁଛ ! କଥା କଣ ? ତମ ଦୁ'ଟାଙ୍କୁ ଖୋଜିଲେ ବି ଦେଖା ମିଳୁନି ।

କୃଷ୍ଣ—ତମେ ଆମକୁ ପାଉନ ନା ଆମେ ତମକୁ ଖୋଜି ଖୋଜି ପାଉନୁ ? ଆଜି ସଞ୍ଜକୁ···

ସୁଦାମ—କ'ଣ ହେଉଛି ଦୁଃଶା ଅଗରେ ସାବୁତ୍ ଦେବା କଥା ତ ? ହେଃ, ହେଃ, ବ୍ୟବସ୍ଥା ହୋଇଯାଇଛି । ଆଜି ସଞ୍ଜରେ ସାଇର ଦୁ'ଗଣ୍ଡା ଲୋକ ଯାଇ ଦୁଃଶା ଅଗରେ ଠିଆ ହେବେ ।

କୃଷ୍ଣ—ଖାଲି ଠିଆ ହେବେ ନା କିଛି କହିବେ ?

ସୁଦାମ—ହଇରେ, କହିବେ କ'ଣ ? ଆମେ କହିବା ଆଉ ସେମାନେ ମୁଣ୍ଡ ଝୁଙ୍କାଇବେ ।

କୃଷ୍ଣ—ହେଲେ କମିଟି ଡାକରା ମିଛରେ ମୁଣ୍ଡ ଝୁଙ୍କାଇବାକୁ ଯିମିତି ମୁଣ୍ଡ ହଲାଉଥିବା ଦଙ୍ଗଭାର ।

ସୁଦାମ—ହେଃ, ଆଗରୁ ଯିନା ଏଠିକା ଲୋକଙ୍କର ସାହସ ନ ଥିଲା । ଏବେ ବନ୍ଦର କାମ ହେଲାଠୁ ସେସବୁ ଶିଖିଗଲେଣି ।

କୃଷ୍ଣ—ଶିଖିଗଲେଣି ?

ସୁଦାମ—ଯିବେନ···? ଆଗରୁ ସେମାନେ ଭାବୁଥିଲେ, ଦୁନିଆଟା ସତରେ ଛୋଟ । ହେଲେ ଆଖିଆଗରେ ଦେଖିଲେ, ଗୋଟିଏ ଟ୍ରକ ବାଲି ପଡ଼ୁଛି ତ ହସାଦ

Source: Author, Digitized by PPRACHIN, SOA

ହେଉଛି ଦଶ ହଜାର । ଖାଲି ଯଉଁ ରଙ୍ଗଠୁ ବଡ ବଡ ଅଫିସରମାଏ ସମସ୍ତେ ସବୁ କାମରେ କମିଶନ । ଏସବୁ ଦେଖି ଲୋକେ ବୁଝିଗଲେ, ଶିଖିଗଲେ, ସ୍ୱାର୍ଥ ହୋଇଗଲେଣି ।

କୃଷ୍ଣ—ସ୍ୱାର୍ଥ ହେଉଗଲେଣି କ'ଣ କହୁଚ ମ, ଜନା ? ଭୁଲ୍, ମଣିଷ ହେଉଗଲେ ।

ସୁଦାମ—ଆଜି ସନ୍ତାନ ଦୁଃଶାସନ ଯେଉଁ କଥାଟାକୁ ଛୁଟେଇବାକୁ ଚାହୁଁଚ, ତା'ହେଲେ ମୁଣ୍ଡପିଣ୍ଡ ଗଣ୍ଡ କରି ମୋ କମିଶନଟା ଛଡ଼େଇଦିଅ ।

କୃଷ୍ଣ—କମିଶନ ? କଣ…କଣ…(ବୁଝି ନ ପାରି)

ସୁଦାମ—'କମିଶନ' ବୁଝିପାରିଲ ନାହିଁ, ବାପ ? କୋଉଠୁ ବୁଝିବ ? ତମେ ତ'ଟା ଏଇଠି ରହିଗଲ ।

କୃଷ୍ଣ—କଣ, ଏଇ ପାଗଳା କଥା କରୁଚ ତ ? କଣ କହୁଚୁରେ ମାଧିଆ ?

[ ମାଧିଆ ଏପର୍ଯ୍ୟନ୍ତ ପୂରାପୁରି ବକୁଚି ମସ୍ତିଷ୍କ ନେଇ ମା'ର ତଣ୍ଟି ଚିପିଦେବାର ମୂକ ଅଭିନୟ କରୁଥିଲା ଓ ଶିହରି ଉଠୁଥିଲା ]

ମାଧିଆ—ମୋ ମୁଣ୍ଡରେ ଆଉ କିଛି ପଶୁନି । ମୋତେ କିଛି କହନା—ମୋତେ କିଛି କହନା ।

ସୁଦାମ—କ'ଣରେ ବାପ ! ଶାମୁକାକୁ ଦେଖି ଆଖି ତ'ଟା ଆଗରୁ ଦାଲି ଧରିଆସିଥିଲା । ଏବେ କଣ ମୁଣ୍ଡଟା ବ…(ହସିଲେ) ହୁଁ…ହବା କଥା—ସେ ଖଣ୍ଡିକ ଯାହା ହେଇଚି ନା—ଥିମିଥ ଧାରୁଆ ଛୁରି ଖଣ୍ଡେ ତ ! ମୁଣ୍ଡ ଘୂରେଇଦବା କଥା, ତୋର ଆଉ ଦୋଷ କଅଣ ? ବୟସ, ବୟସ ! ଆରେ ବ୍ୟସ୍ତ ହ'ନା, ବାପ ! ଯୁବାକାଳେ ମୋର ବି ଇମିତି ହଉଥିଲା !

—*—

Source: Author, Digitized by PPRACHIN, SOA

# ପଞ୍ଚମ ଦୃଶ୍ୟ

[ ଅପରିଚ୍ଛନ୍ନ ଅନ୍ଧକାରଛନ୍ନା, ମଧ୍ୟରାତ୍ରର ଆଖିରେ ଲୁହ ନେଇ ଜାଗିଥିବା ରାଜ୍ଞୀ ବସିଥିବା ପିଣ୍ଡାରେ । ପୃଷ୍ଠଭୂମିରେ କରୁଣ ସଙ୍ଗୀତର ମୂର୍ଚ୍ଛନା । ଶାମୁକା ଆସିଛି ତରତର ହୋଇ ]

ଶାମୁକା—ମାଉସୀ, ମାଉସୀ, ମଉସା ଘରେ ଅଛନ୍ତି ?

( ପ୍ରଶ୍ନ ଶୁଣିଲା ପରି ରେବତୀ ଶାମୁକା କଥାର ଜବାବ ଦେଲେ )

ରେବତୀ—ନା !

ଶାମୁକା—କୁଆଡ଼େ ଯାଇଛି ? କେତେବେଳେ ଫେରିବ ?

ରେବତୀ—ଜାଣିନି···

ଶାମୁକା—ଅଚ୍ଛା, ସକାଳୁଇ ଗଲେ କୁଆଡ଼େ ?

[ ଏହି ପ୍ରଶ୍ନରେ କୋହ ଉଠାଇ କାନ୍ଦିପକାଆନ୍ତି ରେବତୀ । ତା'ପରେ ଅଶ୍ରୁଜଡ଼ିତ କଣ୍ଠରେ କହନ୍ତି ]

ରେବତୀ—କାଲିଠୁ ସେ କୁଆଡ଼େ ଚାଲିଯାଇଛି ।

ଶାମୁକା—ଚାଲିଯାଇଛି ?

ରେବତୀ—ହଁ । ( କାନ୍ଦି କାନ୍ଦି ଜବାବ ଦେଲେ )

ଶାମୁକା—ଈଉଯା ତା'ହେଲେ ତାଙ୍କୁ ଖୋଜିବାକୁ ଯାଇଛନ୍ତି···ନା ?

ରେବତୀ—ହଁ ।

ଶାମୁକା—ଭଲ ହୋଇଛି ।

ରେବତୀ—ତୁ କାହିଁକି ଖୋଜୁଥିଲୁ ଜଣେ ? କିଛି ତ କହୁଥିଲୁ···

Source: Author, Digitized by PPRACHIN, SOA

ଶାମୁକା—ନା, କିଛି ନୁହେଁ ।

ରେବତୀ—ତୁ ଏମିତି ଚଞ୍ଚଳ ଦଉଡ଼ି ଆସି ମଣିଷକୁ ଖୋଜୁଚୁ...ଆଉ ମୁଁ ପଚାରିଲାବେଳକୁ କହୁଚୁ, କିଛି ନୁହେଁ ?

ଶାମୁକା—(କଥା ଲୁଚେଇ) ମାଉସୀ...

ରେବତୀ—ତୁ ମତେ ଲୁଚା ନା, ଶାମୁକା ତୁ କହ ମୋତେ, କ'ଣ ହେଇଚି ।

ଶାମୁକା—ନା, ଅରକ୍ଷିତ ମଉସା ଆସିଲେ ମୁଁ ବଳେ ସବୁ କହିବ ।

( ଶାମୁକାର ପ୍ରସ୍ଥାନ )

ରେବତୀ—ଶାମୁକା · ଶାମୁକା ··

[ ସଦା ଆସିଚି । ତାକୁ ଦେଖିଲେ ମନେହଉଚି ସିଏ ଯେମିତି ପୁରା ବଦଳିଯାଇଚି ]

ସଦା—ଦଶଟା ଟଙ୍କା ଦେଲୁ !

ରେବତୀ—ଆରେ ସଦା ! ତୁ କେଉଁଠି ଥିଲୁ ? କୁଆଡ଼େ ଯାଇଥିଲୁ ? ଦିନସାରା ନ ଖାଇ ନ ପିଇ ତାହାକୁ କିଛି ନ କହି...(ମା ହୃଦୟର ସ୍ନେହମମତାରେ ସଦାକୁ ଆଦର କରି ନେବାକୁ ଚାହିଁଲା)

ସଦା—(ପୁର୍ବବତ) ତୋ କଥା ଶୁଣିବାକୁ ମୋର ବେଳ ନାହିଁ, ଟଙ୍କା ଦେ !

ରେବତୀ—ଟଙ୍କା ! ଟଙ୍କା ତୋର କଣ ହବରେ ?

ସଦା—ମୁଁ ଭଙ୍ଗ ଖାଇବି, ଗଞ୍ଜେଇ ଖାଇବି, ମଦ ପିଇବି ।

ରେବତୀ—(ଚମକିପଡ଼ି) ସଦା !

ସଦା—ତ ସବୁ ଖେଳଟା ବି ମୁଁ ଶିଖିନେଇଚି, ବୋଉ !

( ସଦାର କଥା ଶୁଣି ରେବତୀର ହୋସ ମାଡ଼ିଗଲା )

ରେବତୀ—ଗଞ୍ଜେଇ, ମଦ, ଭଙ୍ଗ, ତାସ !!! ତୋ ମୁଣ୍ଡରେ କ'ଣ ଖରାପ ହେଇଯାଇଚି ?

ସଦା—ହଁ, ମୋ ମୁଣ୍ଡ ଖରାପ ଥିଲେ ମୁଁ ମଧୁଆ'ଇକ ଖୋଜ ଯାଇଥାନ୍ତି ?

Source: Author, Digitized by PPRACHIN, SOA

ରେବତୀ—ତୁ ମଧୁଆକୁ ଖୋଜି ଯାଇଥିଲୁ ?

ସଦା—ହଁ ! ଶୁଣିଲି, ସିଏ ପଞ୍ଜାବୀ ଜାନତଗ୍ରାଟି ପାଖରେ ଅଛି, କେତେ ଟଙ୍କା କମଉଛି...

ରେବତୀ—ତା ସଙ୍ଗେ ତୋର ଦେଖା ହେଲା ?

ସଦା—ନା !

ରେବତୀ—ଭଲ କହୁଛୁ ! ଦେଖା ହେଉନାହିଁ ? କାହିଁକି ଦେଖା ହେଉନି ?

ସଦା—କାଲି ଜାହାଜରେ ସିଏ ରେଙ୍ଗୁନ ଚାଲିଯାଉଛି ।

ରେବତୀ—କୋ'ଉଠିକି ? କେତେ ବାଟ ?

ସଦା—ଦରିଆ ପା'ରିହେଇ ଭେଳେଇବାଟ; ଶୁଣିଲେ ଆଖି ଘା'ରେଇଦେଇ ।

ରେବତୀ—ସିଏ... (ଭାଙ୍ଗ ଭାଙ୍ଗ ଗଳାରେ) କଣ ହେଲା ? ମୋ' ମଧୁଆକୁ କଳାପାଣି ହେଇଗଲା...ମୋପୁଅ ଦେଶାନ୍ତରୀ ହେଇଗଲା ! ବିଧାତା ମୋ କପାଳରେ ଏଇଆ ଲେଖିଥିଲା ???

ସଦା—ନା, ଦେଶାନ୍ତରୀ ନୁହେଁ; ସିଏ ଫେରିବ, ହେଲେ ଘରକୁ ନୁହେଁ ।

ରେବତୀ—ଆଉ କୋଉଠିକି ?

ସଦା—ଇମିତି ସବୁଦିନେ ଦେଶ ବିଦେଶ ଘୁରୁଥିବ ସିଏ ।

ରେବତୀ—ଦେଶ ବିଦେଶ ! କହେ, କାହିଁକି ?

ସଦା—ନଉକରି କରିବ, ତା' ମାଲିକ ତାକୁ ଯୋଉଠିକି ପଠେଇବ, ସିଏ ଯିବ ।

ରେବତୀ—ଇମିତି ସବୁଦିନେ ଘରଛାଡ଼ି ? ତା'କୁ କଣ ଆଉ କେବେ ନଜରରେ ମିଳିବନି ? ନା, ନା, ତୁ ଯା, ଜାନତଗ୍ରାଟି ବାବୁର ଗୋଡ଼ଧରି ୨.ଶ ନେହୁରା ହେଇ କହ, ସେ ତା'କୁ ଫେରେଇ ଦେଉ । ସେ କିଛି କା'ମ ନ କରୁ ନାହିଁ, ଘରେ ବସି ଖାଉ ।

Source: Author, Digitized by PPRACHIN, SOA

ସଦା—(ଅଭିମାନଭରେ କାନ୍ଦିଉଠିଲା) ଘରକୁ ବସି ଖାଉଚ ? କାହିଁକି ? କିଏ ତୁମକୁ ଖାଇବାକୁ ଦେବ ? (କାନ୍ଦି କାନ୍ଦି) ଆମେ ସମସ୍ତେ ପରା ତାଙ୍କୁ ଘରୁ କାଢ଼ିଦେଲେ ।

ରେବତୀ—ଆମେ ସମସ୍ତେ·· ?

ସଦା—ହଁ, ଝିଅମାନେ ବୋଉ ବା'ଆ ତୁମକୁ ଗାଳିଦେଲେ, ମାଇଲେ, ଧକ୍କା ଦେଇ ଘରୁ ବାହାର କରିଦେଲେ ! ତୁ ଦେ, ମତେ ଟଙ୍କା ଦେ, ମୁଁ ବି ତାଆରି ଭଳିଆ ଝିଅମା ହେଇ ବୁଲିବି । ତା'ର ଭଳିଆ ଝଣା ଖାଇବି, ତାସ ଖେଳିବି ।

ରେବତୀ—ସଦା ! ତୁ ତାଆରି ଭଳିଆ ହବୁ ?

ସଦା—ହଁ ବୋଉ, ତୋର ବେହିଆପଣ, ବା'ର ମୁନାପୁଅପଣିଆ ମୋର ଦରକାର ନାହିଁ । ତୁ ମତେ ଟଙ୍କାଦେ, ମୁଁ ତାଆରି ଭଳିଆ ହେବି; ସବୁ ଟଙ୍କା ନ ଦବୁ, ମୋ ଉପରେ ପିସ୍ତୁଲ ଧରିଁ···

ରେବତୀ—ସଦା !!! କଣ କହିଲୁ ତୁ ପିସ୍ତୁଲ ଧରିବୁ ?

ସଦା—ହଁ, ଧରିବି । କହ, କାହିଁକି ଟଙ୍କାଦେବୁନି ? ମଧୁଅ'ଇକୁ ଟଙ୍କା ଦେଉଚ, ତୋର ଟଙ୍କାରେ ପିଏ ଝଣ ପାଣି ଅମଳ କରୁଚି । ତା ହେଲେ ତୁ ମତେ ଟଙ୍କା ଦବୁନି କାହିଁକି ? ଅଲବତ୍ ଦବୁ ।

ରେବତୀ—ସଦା !!! (ରେବତୀ ସଦାର ଜିଦ୍ ସହି ନ ପାରି ଚଟକଣାଏ ମାରିଲେ ଜୋରରେ)

[ ମାଡ଼ରେ ବିଚଳିତ ନ ହୋଇ ସଦା ବୋହୁ ଉଠାଇ କାନ୍ଦିଲା ]

ସଦା—ମାର୍ ବୋଉ, ମାର୍ । ଆହୁରି ମାର୍; ଖାଲି ତୁ କାହିଁକି, ବା'କୁ ଡାକ, ସେ ମାରୁ । ଦୁହେଁ ମିଶି ମାରି ମାରି ମତେ ଘରୁ କାଢ଼ିଦିଅ; ମୁଁ ଗୁଣ୍ଡାଯାଏ···ମଧୁଅ'ଇ ଭଳିଆ ଦେଶାନ୍ତରୀ ହେଇଯାଏ ।

ରେବତୀ—(ଅନୁତପ୍ତ କଣ୍ଠରେ) ତୋର କ'ଣ ହେଲାରେ ସଦା ତୁ ଇମିତି କାହିଁକି ହେଇଗଲୁ ?

Source: Author, Digitized by PPRACHIN, SOA

ସଦା—କଣ ହେଉଛ ? ନା, ମନେ କରୁଛ ପଚାରନା; ଯା, ଗାଁ-ଲୋକଙ୍କୁ ପଚାରବୁ । ପଚାର ଯାଇଁ ରଘୁଆ'ର, କୃଷ୍ଣିଆ, ମାଧିଆ, ସୁଦାମ ନନାଙ୍କୁ: ପଚାର ସେଇମାନଙ୍କୁ···କଣ କହୁଚନ୍ତି ସେମାନେ ।

ରେବତୀ—ବାହାଠୁ ତୁ କ'ଣ ଶୁଣିଥିଲୁ ? କ'ଣ କହୁଚନ୍ତି ସିଏ ସବୁ ?

( ଅରକ୍ଷିତ ଆସିଚ )

ସଦା—କହୁଚନ୍ତି, ମୋର ପାଇଁ ମଧୁଆ'ର ଘରଗୁଡ଼ା ଭାଙ୍ଗିଗଲା; ମୁଁ ଉଦବାଡ଼ ଖଟିବାରୁ ତା'ର ପୁନାପୁଅ ହେଲା । ସିଏ ଜନମା ହୋଇ ତା' ତାକୁ ଘରୁ ତଡ଼ିଦେଲା ।

ରେବତୀ—ସଦା !

ସଦା—ଭଲ ହେଉ, ଏଭଳି ମିଥ୍ୟା ଭଲ ଭାବ ଭାଙ୍ଗୁବାଟା କ'ଣ ମୋର ଦୋଷ ହେଲା ? ମାଟି ସାଥିରେ ମାଟି ହୋଇ ମିଶିଯିବା କଣ ମନ୍ଦ ହେଲା ? କହ, ବୋଉ ! ମୁଁ ସେମାନଙ୍କ କଥାର ଜବାବ ଦେଇପାରୁନ ତୁ, ତା'ର ଜବାବ ଦେ । [ ଅରକ୍ଷିତ ପଶିଆସି ଦୃଢ଼ କଣ୍ଠରେ କହିଲା ]

ଅରକ୍ଷିତ—ତା'ର ଜବାବ ମୁଁ ସେମାନଙ୍କୁ ଦେବ ।

ସଦା—ନା, ସେଇ ଜବାବ ମୁଁ ଦେଇପାରେନ, ସେ କଥାର ଜବାବ ତୁ ଦେଇପାରିବୁନ କି କେହି ଦେଇପାରିବେନ ।

ଅରକ୍ଷିତ—(ଅତ୍ୟନ୍ତ ଦୃଢ଼ସ୍ୱରରେ) ଦବା ଦରକାର ନାହିଁ । ଯେତେ ଯୋଉମାନେ ଏକଥା କହୁଚନ୍ତି, ମୁଁ ସେମାନଙ୍କୁ ଚିହ୍ନେ ଗୋଟି ଗୋଟି କରି ଚିହ୍ନେ ।

[ ସମସ୍ତେ ସ୍ତବ୍ଧ ]

ଅରକ୍ଷିତ—ହଁ, ସେମାନେ କ'ଣ ଚାହାନ୍ତି, ତା ବି ମୁଁ ଜାଣେ ।

ରେବତୀ—କ'ଣ ?

ଅରକ୍ଷିତ—ସେମାନେ ଚାହାନ୍ତି, ଅରକ୍ଷିତର ଘର ଭାଙ୍ଗିଯାଉ, ଜମି ପଡ଼ିଆ ପଡ଼ୁ, ତା ପିଲାଛୁଆ ଭିକମାଗି ବୁଲନ୍ତୁ ।

ସଦା—(ଅଚମ୍ଭିତ ହୋଇ) ବା' ! ତୁ କ'ଣ କହୁଚୁ ?

Source: Author, Digitized by PPRACHIN, SOA

ଅରକ୍ଷିତ—(ଦୃଢ଼ ସ୍ୱରରେ) ହଁ, ଏମାନେ ଏଇଆ ଚାହାନ୍ତି । ଏମିତି କେତେ ଖାଲି ଏ ଗାଆଁରେ ନାହାନ୍ତି, ସମଗ୍ର ଭାରତ ଗ୍ରାମରେ ଅଛନ୍ତି । ଏମାନଙ୍କ ଲାଗି ହିଂସା, ଦ୍ୱେଷ ଛନ୍ଦ, କପଟ, ମାମଲାମକଦ୍ଦମା, ଭାଇ ଭାଇରେ ଅପଡ଼ । ଏମାନଙ୍କ ପାଇଁ ଦେଶ ଉଚ୍ଛନ୍ନ ହେଉଛି । (ସଦାକୁ ଦେଖାଇ) ତୁ ଏମାନଙ୍କୁ ଚିହ୍ନିନୁ, ତୁ ଦୁନିଆକୁ ଚିହ୍ନିନୁ ।

ରେବତୀ—(ସଦାର ପିଠି ଆଉଁସି) ଏମାନଙ୍କ କଥାର ଜବାବ ଦେଇପାରୁନୁ ବୋଲି ତୁ ଲାଜମା ହବୁ ? ତାସ, ପଶା ଖେଳିବୁ ? ନା, ଠାକୁର ଭଲେ ସେ ଦୁର୍ବୁଦ୍ଧି ନ ଦିଅନ୍ତୁ ।

ଅରକ୍ଷିତ—ଚୁଲିକି ଯାଉ । ସବୁଠୁ ଝିଅର ଦଶା ତାକୁ ବାନ୍ଧି ରଖିପାରିବ ? ନା, ସେ ସେଠି ରହିପାରିବନି । ଯିଏ ଦିନେ ନା ଦିନେ ଫେରିଆସିବ, ଫେରିଆସି ଦେଖିବ, ତା ଜମି ପଡ଼ିଆପଡ଼ିଛି; ଘର ମଝିରେ ପାଚେରି ଉଠିଛି ।

ସଦା—(ଆନନ୍ଦରେ ଆତ୍ମହରା ହୋଇ) ମଧୁଆ'ଇ ଫେରିଆସିବ ? ତ'ହେଲେ ମୁଁ ଗାଆଁ ଛାଡ଼ି କୁଆଡ଼େ ଯିବିନି, ବା', ମୁଁ ଯାଇପାରିବିନି ।

ଅରକ୍ଷିତ—ତୁ ଖାଲି ମଧୁଆ କଥା ଭାବୁଚୁ, ନା…ସେ ରକ୍ତର ଭାଇ, ହେଲେ ମୁଁ ଭାବୁଚି ଦୁଃଶା କଥା—ଯିଏ ମୋର ରକ୍ତର କେହି ନୁହେଁ । ମଧୁଆ ଚାଲିଗଲା, ତୁ ଚାଲିଯାଇଥାଆନ୍ତୁ, ମୁଁ କ'ଣ ଏତେଗୁଡ଼ା ଜମି ଚାଷ କରିପାରିଥାଆନ୍ତି ? ତା ଜମି ପଡ଼ିଆ ପଡ଼ିଥାଆନ୍ତା, ସେ କେତେ ଆଶା ଭରସା ନେଇ ମୋ ମୁହଁକୁ ଅନେଇ ବସିଚି । ଅମଳ କଲାବେଳକୁ ମୁଁ ତାକୁ କ'ଣ କହିଥାନ୍ତି ? କୋଉଠୁ ଆଣି ମୁଁ ତା ମୁହଁରେ ଦରପକ ଦାନା ଦେଇଥାନ୍ତି ?

( ହଠାତ୍ ଶାମୁକାର ଡାକଶୁଣି ଅରକ୍ଷିତ ପଛକୁ ଚାହିଁଛି । ଦୁଃଶା ଟାଙ୍ଗିଆ ହାତରେ ଧରି ପ୍ରବେଶ କରିଛି )

ଅରକ୍ଷିତ—କିଏ ? ଦୁଃଶା ! କଣ ହୋଇଚି ?

Source: Author, Digitized by PPRACHIN, SOA

ସଭା—ମହୁସା !!! ( ଦୁଃଶା କାନ୍ଧ ପକେଇଛି )

ଅରକ୍ଷିତ—ତୁ କାନ୍ଦୁଚୁ ? କ'ଣ ହେଉଛି ? ତୁ ଏତେବେଳେ ଏଠିକି ଆଇଲୁ କାହିଁକି ?

ଦୁଃଶାସନ—ଏଇ ଝାଙ୍ଗିଆରେ ତତେ ଫାଶିଦବାକୁ ଆଇଥିଲି, ଅରକ୍ଷିତ !

ସଭା—ମହୁସା !!

ଅରକ୍ଷିତ—ଫାଶିଦବାକୁ ଆଇଥିଲୁ ???

ଦୁଃଶାସନ—ହଁ !

ଅରକ୍ଷିତ—ତା'ହେଲେ ଆଉ ଠିଆହେଇ ରହିଲୁ କାହିଁକି ? ଯେଉ ତୁ ଯୋଉଥିପାଇଁ ଆଇଚୁ ସେ କାମ କର !

ଦୁଃଶାସନ—କିଛୁ ଶୁଣି ନ ଥିଲେ ମୁଁ ସତରେ ତତେ ଫାଶିଦେଇଥାନ୍ତି ! ହେଲେ ସବୁ ଶୁଣିଲି ପରେ ତୋ ଗୋଡ଼ଧରି...

ଅରକ୍ଷିତ—ଦୁଃଶା !!!

# ତୃତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

[ ଏ କାହାଣୀର ଶେଷ ଅଙ୍କ ଗାଁରେ ନୁହେଁ । ଏଥର ବନ୍ଦର ]

ପ୍ରସ୍ତାବିତ ବନ୍ଦରଟିର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇଛି । କଣ୍ଟା ଝଟା, ଜଙ୍ଗଲ ଅରମାପୂର୍ଣ୍ଣ ବେଳାଭୂମି ପରିଣତ ହୋଇଚି ଇନ୍ଦ୍ରପୁରୀରେ । ସମୁଦ୍ର ଧାରେ ଧାରେ କଳା ପିଚ୍‌ରାସ୍ତା—ମେରାଇନ୍ ଡ୍ରାଇଭ । ତା'ରି ପାଖଦେଇ ସମାନ୍ତରାଳଭାବରେ ବିସ୍ତୀର୍ଣ୍ଣ ଅଟ୍ଟାଳିକା । ନିୟନ ଆଲୋକର ସ୍ନିଗ୍ଧମଧୁର ରୋମାଞ୍ଚ ଭିତରେ ବିଦେଶୀ ସଙ୍ଗୀତର ଅର୍କେଷ୍ଟ୍ରା !!!

ଅନ୍ୟ ଦିଗରେ ବନ୍ଦର—କାରଗୋ ବର୍ଥ, ଜେଟି—ଡ୍ରେଜରର ଟକଟ ଟକାର—ଦେଶୀ ବିଦେଶୀ ଅନେକ ଜାହାଜ ! ବହୁଦେଶର ନାଗରିକ—

ଅଚିହ୍ନା ମୁହଁ, ଅଜଣା ଭାଷା, ଅବୁଝା ଇଙ୍ଗିତ—

ସଭ୍ୟତାର ଏଇ ଆଖି ଝଲସା ଭିତରେ ହଜିଯାଇଚି ମଣିଷ । ତାଆରି ଭିତରେ ହଜି ଯାଇଚନ୍ତି—

ମଧୁଆ, ମାଧିଆ, କୁଞ୍ଜିଆ, ରଘୁ, ସମସ୍ତେ—

Source: Author, Digitized by PPRACHIN, SOA

[ ଦୃଶ୍ୟଟି ଅନ୍ଧକାର ହେବାରେ······ପଞ୍ଜାବୀ କଣ୍ଟ୍ରାକ୍ଟରଙ୍କ ଅତ୍ୟାଧୁନିକ ବଙ୍ଗଳୋ । ଅତ୍ୟାଧୁନିକ ସୋଫା ଓ ସାଜସଜ୍ଜା; ବିରାଟ ଭାବ ଝରକା ଦେଇ ଦେଖାଯାଏ (ଅଦୂରରେ) କଳା ଆକାଶ ଓ ବନ୍ଦରର ଆଲୋକମାଳା ଏବଂ ମଝିରେ ସେଇ ବାଟଦେଇ ହୁଇସିଲ ମା'ରି ମାରି ଜାହାଜ ମଧ୍ୟ ଯିବାଆସିବା କରୁଥାଏ (sound ଏବଂ visual effect) ଦୃଶ୍ୟ ଏବଂ ଶବ୍ଦଧ୍ୱନି ]

ବଙ୍ଗଳାରେ ରଘୁ, କୃଷ୍ଣ ଓ ମାଧୁଆ—ସେମାନଙ୍କ ସୋଫା'ନରେ ଆଧୁନିକତାଗ୍ରସ୍ତ । ସେମାନେ ଅପେକ୍ଷା କରିଛନ୍ତି ମଧୁଆକୁ । ମଧୁଆ ବର୍ତ୍ତମାନ ସେଠି କମ୍ପାନୀର ମ୍ୟାନେଜର ]

କୃଷ୍ଣ—ପନ୍ଦର ମିନିଟ୍ ।

ମାଧୁଆ - ଘଣ୍ଟେ ଲେଟ୍ ଅଛୁ···କୋଡ଼ିଏ ମିନିଟ୍ ।

( କୃଷ୍ଣ ଓ ମାଧ ଦି'ଜଣଯାକ restless ହେଲେ )

ରଘୁ—ତମେ ଦି'ଟା ଇମିତି ଉଠ୍‌ବସ୍ ହୁଅନ୍ତ ନାହିଁକି ?

ମାଧୁଆ—ମୋ ର ଯୋଉଁ ବିଜିନେସ୍, ଟିକେ ଡେରି ହେଇଗଲେ କେତେ ଲାଭ କ'ଣ ହେଇଯିବ !

ରଘୁ—ହଁ, ମ୍ୟାନେଜରଙ୍କ କିଛି ପଇସା ଖାଇଯିବ, କି ପୁଲିସଟା ପୁଲାଏ ମାଳିସ ଗିଲିପକେଇବ ।

ମାଧୁଆ—ହେଇ କଥା ଜାଣେନି ଯେ, ଇନ୍‌କମ୍ ଟ୍ୟାକ୍ସ୍ ଅଫିସର ଆଜି ଆସୁଛି । ତା ପାଇଁ ଟିକେ ··

କୃଷ୍ଣ—ଅରେ, ତୋ'ର ପିନା ଇନ୍‌କମ୍ ଟ୍ୟାକ୍ସ୍ ଅଫିସର; ମୋର ତ ଖୋଦ୍ ଏକସାଇଜ୍-କଲେକ୍ଟର । ମଦବୋତଲ ବେଗ୍‌ରୁ କାଢ଼ି ଦେଖେଇଲା) ଟିକେ ଗଡ଼ବଡ଼ ହେଲେ ନା···ଲାଇସେନ୍ସ କ୍ୟାନ୍‌ସେଲ—ବୁଝ !

Source: Author, Digitized by PPRACHIN, SOA

ରଘୁ—ତମେ ବଡ଼ା ସୌଭାଗ୍ୟକ ପିଲ, ଆଉ ଲଚ୍ଛନ ଠେ, ଖାଲି ଜଳ ଦେଖାଇ । ତୋର ହୋଇଗଲ, ତା'ର ଦେ ତଳ ! ଏଇଥିରେ କଥା କଥାକେ ବୁଝଯାଉଚ । Businessପାଇଁ ଚଲତା ଗୁଡ଼ ଦରକାର; ଆମ ମଧୁଆକୁ ଦେଖୁତ ! ମଞ୍ଜୀଯା ପାଖରେ ଚାକ୍ରି ବସେଇଥିଲି, ଆଜି ସିଏ କେତେବଡ଼ କାରବାର କରୁଚ !!! (ଗର୍ବରେ ଗୁଡ଼ ଫୁଲେଇ) General Manager, Trads Link International.

ମଧୁଆ—ହଁ, ଭଲ ବଡ଼ନେସ ହେଉଚ ଭଚ । ଦେଖନ୍ତୁ, ଫଟିଫାଇଭ ସିନ୍ନ—

ରଘୁ—ସିଏ କଣ ଭଲବ ? ଜାଣ୍ଡୁ କ'ଣ ଫୁଲଗଛ ମିଳୁଚ ? Iron ore ଆସିନ୍ ନ ପାଇଁ, wagon ମିଳନ୍ତି ନ ପାଇଁ, ଜାହାଜ loading ହେଲ ନ ପାଇଁ, ତା ପରେ ପୁଣି Payment, voucher, cash transaction··· ଗୋଟାଏ ଝମେଲ !

କୃଷ୍ଣ—ଝମେଲ ? ଆସୁ ଅଛ···

( ବାହାରେ jeepର ଶବ୍ଦ ଲଗଟଲର ହୋଇ ବ୍ରେକ୍ କଷି ରହିଗଲ )

ରଘୁ—(ଚଞ୍ଚଳ ହୋଇ) ଆସିଗଲ, ଆରେ !

[ ମଧୁର ପ୍ରବେଶ । ପୋଷାକ ଓ ଚେହେରାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଚ । ତା'ଛଡ଼ା ତା'ର ବ୍ୟକ୍ତିତ୍ୱରେ ଦେଖଦେଉଚ ଏକ ସାର୍ଥକ ବ୍ୟବସାୟୀର ଆଭିଜାତ୍ୟ ଓ ବ୍ୟସ୍ତତା ]

ମଧୁ—(ପ୍ରଥମେ ରଘୁକୁ ଦେଖି) Iam sorry, late by an hour, Excuse me !!!

ରଘୁ—ତୁ ଆଗ ଏ ତ'ଙ୍କ ନାମ ଲେଖଇଲୁ । ତ'ହାପାଇ ଏଠି ବସି ଯୋଉ ପାଡ଼ିବୁନ୍ତି, ଜରୁରୀ ନା, ସିଏ କିଣିବ ଲଜ୍ଜାବ ଏଠି ଗୋଟେ ହୋଟେଲ ଗୁଲ୍ଟ ନ ସତ୍ଦୋକାନ ଖୋଲ ହେଉଚ ।

ମଧୁ- I see, କୃଷ୍ଣ, ମାଧ (ମଧୁଆ ପଛରେ ଜଳହୋଇ ରହିଥିବା କୃଷ୍ଣ ଓ ମାଧକୁ ହସି ହସି ଅଭିନନ୍ଦନ କଲ) କ'ଣ ଖବର ?

Source: Author, Digitized by PPRACHIN, SOA

ମାଧୁଆ—ଆଜି ରବିବାର, ତୋର ତ କିଛି କାମ ନାହିଁ ?

ମଧୁ—ରବିବାର, ଶନିବାର ମୋର କ'ଣ ? I am tied all along.

କୃଷ୍ଣ—ସେତେବେଳେ ଅଫିସ, ସବୁବେଳେ ଏଇ କଥା !

ମଧୁ—ଅଚ୍ଛା, କ'ଣ ଦରକାର, କହନା ! I will pull myself.

କୃଷ୍ଣ—ରଘୁ ଗୋଟେ party ଦେଉଛି; ତତେ ତା'ହୋଟେଲକୁ ଯିବାକୁ ପଡ଼ିବ !

ମଧୁ—ଯିବି ।

ରଘୁ—ଦେଖିଲୁ ! ମୁଁ କହୁଚି, ସିଏ ନିଶ୍ଚୟ ଆସିବ ।

ମାଧ—ସବୁ arrangement ହେଇଛି—Drink, Dinner, Dance !!!

ମଧୁ—ବାଃ ଚମତ୍କାର !!!

କୃଷ୍ଣ—ଚମତ୍କାର !!! ନ ଯିବୁ ଯଦନା···ସିଧା ତୋ ଟାଇଟାକୁ ଧରି ଭିଡ଼ିଭିଡ଼ି ନେଇଯିବି ।

( ରଘୁ, କୃଷ୍ଣ ଓ ମାଧ ଆନନ୍ଦରେ ନାଚି ନାଚି ଚାଲିଗଲେ )

ମଧୁ—( କିଛି ସମୟ ବସି କୋଟ୍ ଟା ଖୋଲିଦେଲା, ତା'ପରେ ଫୋନ୍ ଆସିଲା । ଫୋନ୍‌ରେ ବିଲ୍ pyment ସମ୍ବନ୍ଧରେ କଥାବାର୍ତ୍ତା କରୁଥିବାବେଳେ ସଦା ଆସିଛି)

ସଦା—(ହାତରେ ନୂଆଲୁଗା ଧରି ଆସିଛି—ଡାକିଛି) ମଧୁଆ'ଇ !

ମଧୁ—(ସଦାକୁ ଦେଖି ଚଳିଉଠିଛି) ଓଃ, ତୁ କାହିଁକି ଆସିଚୁ ? କୁଆଡ଼େ ଆସିଚୁ ??

ସଦା—(ନରମ ଗଳାରେ ଏତେ ଲୋକଙ୍କ ହାତରେ ବୋଉ ଖୁବ ଜରୁମ ପଠେଇ ଖବର ଦେଲା, ତୁ ଦିନକପାଇଁ ଘରକୁ ଚାଲୁନ । ଆଜି ଅଷ୍ଟମୀ—ରୁ ପଢ଼ୁଆଁ; ତତେ ସମସ୍ତେ ଅନେଇ ବସିଚନ୍ତି ।

ମଧୁ—ଯା କହିଦେବୁ, ସେ ଘରକୁ ମୁଁ ଆଉ ଯିବିନି ।

Source: Author, Digitized by PPRACHIN, SOA

ସଦା—ଏଇ ଗାଁ-ସାରା ଘରେ ଘରେ ହସଖୁସି, ନୂଆଲୁଗା, ପିଠାପଣା; ତୁ ବୁଲି ଖାଇ ··

ମଧୁ—କ'ଣ ମିଳିବ ସେ ନୂଆ ଲୁଗାରୁ କଣ ମିଳିବ ମୋତେ ସେ ପିଠାପଣାରୁ ?

ସଦା—ପଛକଥା ତୁ ଆଜଯାଏ ଭୁଲିନୁ ନା ?

ମଧୁ—କମିତି ଭୁଲିବି ? କାହିଁକି ଭୁଲିବି ? ବା' ଥାଉଥିଲେ, ମୁଁ ତାଙ୍କ ଭଳିଆ ଜୁଆଳି କାନ୍ଧେଇ ବିଲକୁ ଯାଇଥାନ୍ତି ନା ? ଦେଖ୍, ଦେଖୁଚୁ, ମୁଁ କମିତି ଅଛି ?

ସଦା—ହଁ, ଦେଖୁଚି, ତୁ ଖୁବ୍ ଭଲରେ ଅଛୁ । ହେଲେ ନିଜ ବା', ବୋଉ, ଭାଇ, ନିଜର ଜନମଭୂଇଁ ··

ମଧୁ—ସେସବୁ ଭୁଲିବାକୁ ମୁଁ ଖୁବ୍ ଚେଷ୍ଟା କରୁଅଛି । ତମେମାନେ କିମିତି ବାରମ୍ବାର ଇଆ ହି ଚିଠିରେ ନା ହାତରେ ଖବରଦେଇ ମୋତେ ବିରକ୍ତ କରନାହିଁ ।

ସଦା—ହଉ, ଭାଇ ମୁଁ ଆଉ ଆସିବିନି । ନେ, ଏଇ ଅଷ୍ଟମୀ ଲୁଗାଖଣ୍ଡକ ବୋଉ ଦେଇଚି । (ଲୁଗା ବଢ଼େଇଲା )

ମଧୁ—(ବିରକ୍ତରେ) ନେଇଯା ସେ ଲୁଗା, ମୋର ଦରକାର ନାହିଁ । ଟଙ୍କାପଇସା, ଜମିବାଡ଼ି ସବୁର ଭାଗବଣ୍ଟା ସମସ୍ତେ, ଆଜି ମତେ ଦେଉଚ ଲୁଗା !!!

ସଦା—ତୁ ତ ନିଜେ ସବୁ ଛାଡ଼ି ଆସିଚୁ, ଭାଇ !

ମଧୁ—ସେଠି ରହି କରନ୍ତି କଣ ? ଟଙ୍କାପାଇଁ ମୋର ଏଠି ମୁଣ୍ଡ ଝୁଣ୍ଟିଯାଉଚି ।

ସଦା—କଣ କହିଲୁ ! (ଆଘାତ ଅନୁଭବ କରି) ତୁ ଏଠି କେଇଟା ଟଙ୍କା ପାଇଁ···

ମଧୁ—ହଁ, ମୁଁ ଯୋଉଁ businessରେ ହାତଦେଇଚି ସେଠି ଅନେକ ଟଙ୍କା ନେଇ ଖେଳ, କିଏ ମତେ ଦେଉଚି !! payment ନେଲାବେଳକୁ ସମସ୍ତଙ୍କର ତାଗିଦା, ଅଥଚ ଆମ payment clear କଲାବେଳକୁ ସମସ୍ତେ defaulter.

Source: Author, Digitized by PPRACHIN, SOA

ସତୀ—ଆମ ଘରେ ଟଙ୍କା ଥାଉଁ ଥାଉଁ ତୁ ଏଠି ଅପମାନ ପାଇବୁ ? କେତେ ସହିବୁ ? ଏକଥା ମୁଁ ଦେଖିପାରିବି ନାହିଁ, ମୁଁ ଯାଉଛି ଘରେ ଟଙ୍କା ଆଣିଦେବି । (ଛାତିର ଆବେଗରେ ସତୀ ଚାଲିଯାଉଛି)

[ ପୁଣି ଫୋନ୍— ପୁଣି ସେଇ ବେଲ୍ ବାଜଉ ଟଙ୍କାପାଇଁ ପାଟି । ବିରକ୍ତିରେ ମଧୁ ରିସିଭର ଧରେ ଫୋନ୍‌ରେ ]

ମଧୁ—Yes, Madhu speaking ହଁ, ମୁଁ Mr. Malhotraଙ୍କ Bungalwରୁ କହୁଛି । ହଁ, ହଁ, ଆପଣଙ୍କ order ପାଇଛି, Advance ସେତେବେଳେ କଥା ହୋଇଛି supply ନିଶ୍ଚୟ । ହେଲେ wagon ମିଳୁନାହିଁ ବୋଲି ଡେରି ହେଉଛି । Mr. Malhotra ଆସିଗଲେ ଯେ ଅସୁବିଧା ହେବନି, ତେବେ କହୁଛି ?·· ହଁ, ତାଙ୍କର ଆସିବାର overdu ହୋଇଗଲାଣି·· ହଁ, ସେ ଏଇ ଦିନେ ଦୁଇଦିନ ଭିତରେ ଆସିଯିବେ·· Just two days.

[ ମଧୁର ଅନ୍ତରାଳରେ ଆସିଛି ଏଞ୍ଜେଲା । ଅତ୍ୟାଧୁନିକା ସୁନ୍ଦରୀ ତରୁଣୀ । ସ୍ଲିଭଲେସ୍ ପୋଷାକର ସ୍ୱଳ୍ପ ପରିଧାନରେ ତା'ଦେହର ଆକର୍ଷଣୀୟ ମାଂସପେଶୀ ଅତି ସ୍ପଷ୍ଟ ]

ଏଞ୍ଜେଲା—Just two days, two weeks, two month ଲାଗିବ ଆଉ କେତେଦିନ ତମେ ଏମାନଙ୍କୁ ଧୋକା ଦେଉଥିବ ?

ମଧୁ—Excuse me ! Miss Angela, I'ts our business affair. Hope, you will remain within limits of courtsey.

ଏଞ୍ଜେଲା—Courtsey ଆଉ mannerର କିଛି ମାପକାଠି ନାହିଁ । ଯେଉଁଟା ତମପାଇଁ ଅସଭ୍ୟତା, ସେଇଟା ମୋପାଇଁ ସଭ୍ୟତା ହୋଇପାରେ ।

ମଧୁ—ତମପାଇଁ ଶିକ୍ଷାର ସେ definition ବୁଝିବା ଅଲଗା ହୋଇପାରେ । ହେଲେ ଯେଉଁ ଘରେ ତମେ guest ସେଠାକାର ଏଟିକେଟ୍ ତମେ ନିଶ୍ଚୟ ମାନିବ ।

Source: Author, Digitized by PPRACHIN, SOA

ଅଶ୍ରେନ୍ଦ୍ର—ଏଟିକେଟ୍, ସଭ୍ୟତା ! (ସ୍ମିତ) ସଭ୍ୟତାର ବାହ୍ୟାଦୃଶ୍ୟ ଦେଖାଇବାକୁ ଯାଇ ମଣିଷ ଆଜି କେଉଁଠି ପହଞ୍ଚିଛି, ଜାଣ ? ସେ ହରାଇଛି ସ୍ୱରୂପ — ସୃଷ୍ଟିର ପ୍ରାକୃତିକ ଆଇନ୍‌କାନୁନ୍, ଶୃଙ୍ଖଳା ଆଜି ସଭ୍ୟତାର କବଳରେ । ଦୁଇଆଡ଼େ ସେ ଖାଲି ବଞ୍ଚିରହିବାକୁ ଚାହେଁ ମଣିଷ ହୋଇ—Just as a living soul.

ମଧୁ—ତା'ହେଲେ ପେଣ୍ଟୁ ମିଷ୍ଟର ମାଲହୋତ୍ରା ଏତେ ପରିଶ୍ରମ କରି ମୋତେ ଏଇ formality, courtsey manners ଶିଖେଇବାଟା ଜମାରୁ ଭୁଲ ହୋଇଗଲା !

ଅଶ୍ରେନ୍ଦ୍ର—ହଁ, ତମେ ଯେତେବେଳେ ବମ୍ବେରେ ଏସବୁ training ନେଉଥିଲ, ତମକୁ ଦେଖି ମୋତେ ଖୁବ୍ ହସ ଲାଗୁଥିଲା ।

ମଧୁ—What you mean !!!

ଅଶ୍ରେନ୍ଦ୍ର—ହଁ, ପ୍ରଥମ dinner partyରେଇ ତମେ handshake କରିବାକୁ ଯାଇଁ 'ଲୀଳା'ର ହାତଟାକୁ ଏମିତି ଚିପିଦେଇଥିଲ ଯେ ସେ ତ ପ୍ରକାଶ ମୋ କାନରେ କହିଲା—ଲୋକଟା କ brute !

ମଧୁ—'ଲୀଳା' !! ସେ କିଏ ?

ଅଶ୍ରେନ୍ଦ୍ର—ମୋ ସାନ ଭଉଣୀ ।

ମଧୁ—(ଲଜ୍ଜିତ ହୋଇ) I am so sorry !

ଅଶ୍ରେନ୍ଦ୍ର—ନା, ନା, I am sure ଜାଣି ଜାଣି ତମେ ତା କରିନ ।

ମଧୁ—But I am sure, ଲୀଳାର impression ମୋ ଉପରେ···

ଅଶ୍ରେନ୍ଦ୍ର—No, no, not at all ସେଦିନ party ପରେ ସେ ତମକୁ ଅନେକ ଖୋଜିଛି ।

ମଧୁ—Is it ? ଯଦି ଆଉ ଥରେ ମୋର ଲୀଳା ସାଙ୍ଗରେ ଦେଖା ହୁଅନ୍ତା ମୁଁ କ୍ଷମା ମାଗିନିଅନ୍ତି ।

Source: Author, Digitized by PPRACHIN, SOA

ଆଞ୍ଜେଲା—ସେ କିନ୍ତୁ ଏତେ ସହଜରେ ତମକୁ କ୍ଷମା ଦେବନି । She is revengeful !!! ଆଉ ସେ revenge କଣ ଜାଣିଚ ? Marriage ··!

ମଧୁ—Marriage ?

ଆଞ୍ଜେଲା—ହଁ, ତମେ ହୁଏତ ତା'କୁ ଭୁଲିଯାଇଚ; କିନ୍ତୁ ସେ ତମକୁ ସବୁବେଳେ—

ମଧୁ—କିନ୍ତୁ ମୋ ଭଳି ଗୋଟିଏ ଅପଦାର୍ଥ—

ଆଞ୍ଜେଲା—ନା, ଅପଦାର୍ଥ ନୁହେଁ । ସେ କୁହେ, you are a jewel, ତମେ ଚାହିଁଲେ ଅନେକ ଉପରକୁ ଉଠିପାର, ଅନେକ କିଛି କରିପାର !!

ମଧୁ—You know it well, Angela, ମୁଁ ଜଣେ ଗୋଲାମ ।

ଆଞ୍ଜେଲା—ହଁ, ଆଜି ତମେ ଗୋଲାମ; କିନ୍ତୁ ଇଚ୍ଛା କଲେ ତମେ ବି ମାଲିକ ହୋଇପାର । ତମେ ଯେଉଁ sincerity ନେଇ କାମ କରୁଚ, ଇଚ୍ଛା କଲେ ତମେ ଏଇ ଚୌକିରେ ବସିଟ ବଜିନେଇ ଛୁଟା କରିପାର ।

ମଧୁ—ଲୋକେ ଇଟା, ପଥର, ଚୂନ, ସିମେଣ୍ଟ ନେଇ କୋଠା ତିଆରି କରନ୍ତି । ତମେ କିନ୍ତୁ ମୋତେ ମୂଠାଏ ତାସରେ କୋଠା ତିଆରି କରିବା କଥା କହୁଚ । It's not impossible !!! ତାସ୍ ନେଇ ତିନମହଲା କୋଠା କରାଯାଇପାରେ; ହେଲେ ସାମାନ୍ୟ ଟିକେ ପବନରେ ଭାଙ୍ଗିଯିବାର risk ସବୁବେଳେ ରହୁଚି ।

ଆଞ୍ଜେଲା—Don't take it joke ! କୁହ, ତମେ ମାଲିକ ହବାକୁ ଚାହଁ ? ଗୋଟିଏ ବର୍ଷ ଭିତରେ millionaire ହବାକୁ ଚାହଁ ? ମତେ କଥା ଦିଅ । I'll see that you build a castle not of cards but of fortune !

ମଧୁ—Fortune !!!

Source: Author, Digitized by PPRACHIN, SOA

ଆଞ୍ଜେଲା—ମୁଁ କଥା ଦେଉଚି । I will provide you all the finance you need ଆସ, ମୋ ସାଙ୍ଗରେ ହାତ ମିଳାଅ ।

ମଧୁ—ତମେ କମିତି ଆଶା କରୁଚ ମୁଁ ତମ ସବୁଜ ହାତ ମିଳେଇବି ?

ଆଞ୍ଜେଲା—ତମର ଉତ୍ତର କିଛି ନାହିଁ । ଏଥର ସତ handshake କରିବାକୁ ଯାଇ ହାତଟା ବଢ଼େଇଦଅ, sprain ହେଲେ ହବ ମୋ ହାତରେ, ଲିଜା ହାତରେ ନୁହେଁ ।

[ ମଧୁ ଓ ଆଞ୍ଜେଲା ହସି ହସି ହାତ ମିଳାଇଲେ ]

—ଅନ୍ଧାର—

—*—

Source: Author, Digitized by PPRACHIN, SOA

# ଦ୍ୱିତୀୟ ଦୃଶ୍ୟ

[ ଗାଁର ଏକ ସେଗ ସ୍ଥାନ । ଦୁଃଶାସନ ଆଖି ବନ୍ଦଟା ନାଲଦର ସୁଦାମ ବଳା ଉଦ୍ଦେଶ୍ୟରେ ଚାଲିଛି । ହାତରେ ହୁଦଡ଼ିଟାଏ, ପଛରୁ ଦଉଡ଼ି ଦଉଡ଼ି ଆସିଲା ଶାମୁକା । ]

ଶାମୁକା—ତା'ରୁ କୁଆଡ଼େ ଯାଉଚୁ ?

ଦୁଃଶାସନ—(ରାଗିଉଠି) ମୁଁ ଯୁଆଡ଼େ ଗଲେ ତୋର କଣ ଅଛି ?

ଶାମୁକା—ମୁଁ ଜାଣେ ତୁ କୋ'ଉଠିକି ଯା'ଉଚୁ, ବାଘିଣ ଯାଉଚୁ । ସୁଦାମ ବଳା ଘରକୁ, ନା ?

ଦୁଃଶାସନ—(ରାଗ ଲୁଚେଇବାକୁ ଚେଷ୍ଟା କରି ମିଛରେ) ନା ।

ଶାମୁକା—ଏତେ ମିଛ କହୁଚୁ ?

ଦୁଃଶାସନ—(କଥାଟା ଉଡ଼େଇଦବାକୁ ଚାହିଁକି) କାଠ ହାଣିବାକୁ ଯାଉଚି ।

ଶାମୁକା—ଭଙ୍ଗା ଗୋଡ଼, କାଠହାଣିବୁ ! ମିଛ, ସୁଦାମବଳା ଗାଁକୁ ଫେରିଆସିଛି ।

ଦୁଃଶାସନ—ହଁ, ଫେରିଆସିଚି ସେ'ର ହାତରେ ଆଉ ଖାଇବ ବୋଲି ।

ଶାମୁକା—(ଆତଙ୍କରେ ଶିହରି ଉଠିଲା) ବା'...!

ଦୁଃଶାସନ—ହଁ, ଯା'ଉଚି, ଏଥର ସେ ଟେଣ୍ଡେ ତା ମୁଣ୍ଡ ଚଣ୍ଡି...

ଶାମୁକା—ସିଏ ତ'ର ଦୋଷ କଲା ?

ଦୁଃଶାସନ—କଣ କଲା ? ତା'ର ବଥାରେ ଏଇ ଟାଙ୍ଗିଆ ନେଇ ଅଚାନ୍ଦିତକୁ ହାଣିବାକୁ ଯାଉଥିଲି ! ଆଜି ସେଇ ଟାଙ୍ଗିଆରେ ତାକୁ...

( ହାଣିବାର ଅଭିନୟ କରି ଦେଖାଇଦେଲା )

ଶାମୁକା—ସିଏ ଯାହା କଲା, ତା ଫଳ ସିଏ ପାଇବ । ଠାକୁରେ ତାକୁ ଦଣ୍ଡ ଦେବେ ।

Source: Author, Digitized by PPRACHIN, SOA

ଦୁଃଶାସନ—ଠାକୁରେ ନିଜ ହାତରେ କିଛି କରନ୍ତିନି, ମା, ସବୁ ଏଇ ମଣିଷ ହାତରେ କରାନ୍ତି ।

ଶାମୁକା—ହଁ, ମଣିଷ ହାତରେ କରନ୍ତି । ହେଲେ ମଣିଷ ଭଲ କାମ କରିବା ଦେଖିଲେ ଠାକୁରେ ଖୁସି ହୁଅନ୍ତି ।

ଦୁଃଶାସନ—ଏସବୁ ଅଶିକ୍ଷିତର କଥା…

ଶାମୁକା—ହଁ, ଅଶିକ୍ଷିତ ମଣିଷ ବୁଝେ, ପଶୁକୁ ମଣିଷ ହବାକୁ ଦିଅ । ସ୍ନେହମମତା ଦେଇଜାଣିଲେ ବଣର ପଶୁ ବି ଜାମୁତା ଭଳି ପୋଷା ମାନିଯାଏ…

ଦୁଃଶାସନ—ଅଶିକ୍ଷିତ ଝିଅର ଯେତେସବୁ ଗାନ୍ଧୀ ମତ ! ମୁଁ ତା ହେଇପାରିବନି, ମୁଁ ଯାଉଚି, ଆଜି ତାକୁ ଶେଷକରି ଠାକୁରାଣୀ ବୁଢ଼ି ମାରିଆସିବି ।

ଶାମୁକା—(ଚକିତ ହେଇ ଅନୁନୟ କରନ୍ତି) ବା', ସୁଦାମନନାର ଗୁଡ଼ାଏ ପିଲାକୁଆ । ସେମାନଙ୍କ ମୁହଁକୁ ଟିକେ ଅନା !

ଦୁଃଶାସନ—ନା, ମୁଁ କିଛି ଶୁଣିବନି, ତୁ ଯା ! (ଚକ୍କର କରି) ଯାଉଚି…

ଶାମୁକା—(ନେହୁରା ହେଇ) ତୁ ମୋ କଥା ରଖିବୁନି ?

ଦୁଃଶାସନ—ନା, ନା, ମୁଁ କିଛି ଶୁଣିବିନି । ଆଜି ମୁଁ କାହାରି କଥା ଶୁଣିବିନି, ମୁଁ ଯିବି—ଯିବି—ଯିବି । ଯିଏ ମୋ ଆଗରେ ଠିଆହେବ ଆଜି ରକ୍ତନଦୀ ବୋହିବ । (ଦୁଃଶା ଚକ୍କର କରି କୁରାଢ଼ି ଉଞ୍ଚାଇ ବାହାରି ଯାଉଥିଲା)

ଶାମୁକା—ବା' ତୁ ଯାଆନା ବା'…(ଜରୁମାରୁ ହୋଇ) ତୋତେ ଅଶିକ୍ଷିତ ମଣିଷ ରାଣ, ତୁ ଯାଆନା ।

( ଟାଙ୍ଗିଆଟା ଖସିପଡ଼ିଲା ଦୁଃଶାସନ ହାତରୁ । ସେ କାଠ ଭଳି ରହିଗଲା )

ଦୁଃଶାସନ—ଶାମୁକା, ତୁ ମୋତେ ଅଶିକ୍ଷିତ ଝିଅର ରାଣ ପକେଇ ଦେଲୁ !

ଶାମୁକା—(କାନ୍ଦ ଲୁଚାଇକି) ହଁ, ବା', ତା'ର ରାଣ, ତୁ ଯାଆନା । ତା'ର ମୁହଁକୁ ଦେଖି ତୁ ସବୁ ଭୁଲିଯା, ତୁ ତାର ଭଲଅ ହେଇଯା ବା', ତୁ ତା ଭଲଅ ହେଇଯା ।

Source: Author, Digitized by PPRACHIN, SOA

ଦୁଃଶାସନ—ତୁ ମତେ ଅରକ୍ଷିତଙ୍କର ଭଳିଆ ହବାକୁ କହୁଚୁ ? (କୋଳକୁ ଉଠାଇ)
ନା, ମୁଁ ହୋଇପାରିବ ନାହିଁ; ମୁଁ ତା' ଭଳି ହୋଇପାରିବି ନାହିଁ ।

ଶାମୁକା—କାହିଁକି ପାରିବୁନି, ବା' ?

ଦୁଃଶାସନ—ଦେଖନ୍ତୁ, ମା, ସେ କଣ କରୁଚି ! ସାନ୍ତ ବରଷର ଉଜନକୁ ପାଣିକଣ ମୋ ଜମିରେ ଧୂଆ ଫଳେଇ, ତାକୁ କାନ୍ଦରେ ବୋହିଆଣି, ମୋ'ର ଖଳାରେ ଢାଳିଦେଇଯାଉଚି । ଏକଥା କିଏ ଶୁଣିବ କେବେ, ମା, ଏକଥା କିଏ କହିବ ?

ଶାମୁକା—ତୁ ଚାହିଁଲେ କରିପାରିବୁ, ବା', ସବୁ କରିପାରିବୁ ।

ଦୁଃଶାସନ—ହଁ, ମୁଁ ସବୁପାରନ୍ତି, ହେଲେ ଏଇ ଗୋଡଟା ମୋତେ ଚକିଅପଟିଅଛି ମାଟିରେ ମିଶାଇ ଦେଲା । (ଅରକ୍ଷିତ ଆସିଲା ଅନ୍ୟ ବାଟରୁ)

ଅରକ୍ଷିତ—ଗୋଡଟା ଯାଇଚି, ଭଲ ହୋଇଚି; ନ ହୋଇଲେ ତୁ କଣ କାହାକୁ କ ଦଥା' ଖୁଣ୍ଟନ୍ତୁ !

ଶାମୁକା—ହଁ ମଉସା କିଛି କହନ୍ତୁ । ଏଇନେ ଦେଖନ୍ତୁ, ଟାଙ୍ଗିଆ ନେଇ ସୁଦାମ ନନାକୁ ହାଣିବାକୁ ବାହାରିଚି !

ଅରକ୍ଷିତ—(ଚାଳୁଳଟରେ) ହଇରେ, ସୁଦାମ ନନାକୁ ହାଣିବାକୁ ବାହାରିଚୁ ? ଆଜଯାଏ ତୋ ମନରୁ ଗରଯ ଗଲନ ?

ଦୁଃଶାସନ—(ମୁଣ୍ଡ ତଳକୁ କରି) ଅରକ୍ଷିତ ଭାଇ !

ଅରକ୍ଷିତ—ଚୁପ୍... ! ଅରକ୍ଷିତଭାଇ ଡାକୁଚୁ, ଲାଜମାଡୁନି ? ଯା, ଘରକୁ ଚଲୁ ! ଶାମୁକା, ତାକୁ ନେଇଗଲୁ !

ଦୁଃଶାସନ—ତୋ ପାଇଁ କଣ ଦୁନିଆରେ ଦୋଷୀଗୁଡ଼ାକ ଦଣ୍ଡ ପାଇବେନି, ଅରକ୍ଷିତଭାଇ ?

ଅରକ୍ଷିତ—କିଏ ଦୋଷୀ, କିଏ ଭଲ, ଏ ବିଚାରଟା କ'ଣ ତୁ କରିପାରିବୁ, ନା, ମୁଁ କରିପାରିବ ? ସେଇ ଏକା ଜଣେ ଅଛି ଉପରେ, ଭଲ ମନ୍ଦର ଜଜ

Source: Author, Digitized by PPRACHIN, SOA

ଉଛୁଳି ତା'ର ଓଠରେ । ସିଏ ଜାଣୁ କ'ଣ ଭଲ, କ'ଣ ମନ୍ଦ; ସେସବୁ ଭାବି ଲାଭ ନାହିଁ । ନାମ ଭଣଯା, ଦେଲୁ ସେ ଟାଙ୍ଗିଆଟା । ଆଜିଠୁ ସେଇଟା ମୋ' ପାଖରେ ରହୁ ।

[ ଦୁଃଶାସନ ହାତରୁ ଅରକ୍ଷିତ ଟାଙ୍ଗିଆଟା ନେଇଗଲା । ଶାମୁକା! ଆସି ଦୁଃଶାସନର ହାତଧରି ତାକୁ ଧୀରେ ଧୀରେ ଘରକୁ ନେଇଗଲା ]

( ବାହାରୁ ସଦା ଆସିଛି )

ଅରକ୍ଷିତ—ସଦା !

ସଦା—ହାଁ ! (ଚମକି ଠିଆ ହୋଇଯାଇଛି)

ଅରକ୍ଷିତ—ତୁ କୁଆଡ଼େ ଯାଇଥିଲୁ ?

ସଦା—ମୁଁ... ମୁଁ... (ଅରକ୍ଷିତ ମୁହଁକୁ ଚାହିଁ ମୁଣ୍ଡ ତଳକୁ କଲା)

ଅରକ୍ଷିତ—ବୋଉ ସିନ୍ଦୁକ ଭାଙ୍ଗିଛୁ ?

ସଦା—ହାଁ !

ଅରକ୍ଷିତ—ତୁ ଚୋର, ତମ୍ପ ସେ ଟଙ୍କାଗୁଡ଼ାକ ନେଇ କଣ କଲୁ ?

ସଦା—(ଆଲୋଡ଼ିତ ହୋଇ) ଖାଇକି ଦେଇଆସିଲି ।

ଅରକ୍ଷିତ—ନଧିଆକୁ ?

ସଦା—ହଁ, ସିଏ କହିଲା, ତାର ଟଙ୍କା ଦରକାର—ଅନେକ ଟଙ୍କା ।

ଅରକ୍ଷିତ—ତାଆରି ପାଇଁ ତୁ ତୋ ବୋଉର ସିନ୍ଦୁକ ଭାଙ୍ଗିଲୁ ? ଚୋରି କଲୁ ?

ସଦା—ହା, ହାଁ ସିମିତି କହନା । ମୁଁ ଚୋରି କରିନି—ମୁଁ ଚୋରି କରିନି—ମୁଁ ଚୋରି କରିନି ।

ଅରକ୍ଷିତ—ଚୋରି କରିନୁ ?

ସଦା—ହଁ, ହାଁ କରିନି । ହେଲେ ଟଙ୍କା ନ ନେଇଥିଲେ ମୋ ଭାଇର ମାନଇଜ୍ଜତ ଭୁଇଁରେ ଲୋଟିଥାଆନ୍ତା; ମୁଁ ଏକଥା ସହିଥାଆନ୍ତି କିମିତି ?

ଅରକ୍ଷିତ—ସେଥିପାଇଁ ତୁ ଏଇଆ କଲୁ ? ସିଏ ବାହାର ମୁହଁକୁ ଅନେଇଲା । ଜଳ ଖୁସିରେ ହସେ ଅଛୁ...

Source: Author, Digitized by PPRACHIN, SOA

ସଦା—ବା' !

ଅରକ୍ଷିତ—ଆମ ଝାଲିବୁଢ଼ା ଧନକୁ ତାର ଏତେ ଲୋଭ କାହିଁକି ? ଶୁଣୁଚ, ସେ ଖୁବ୍ ଭଲରେ ଅଛି, ଢେର ଟଙ୍କା ଜମାହେଉଚି; ତେବେ ବି ତାକୁ ଅଣ୍ଟୁନି ? ହଉ, ଏତେ ଯଦି ଲୋଭ, ଆ ମୋ ସାଙ୍ଗରେ । ଆଉ ଯାହାଅଛି, ତାକୁ ନେଇ ଦେଇଆସିବୁ । ତୋ ବୋଉର ଯାହା ଗହଣାଗାଣ୍ଠି ଅଛି, ତାକୁ ବି ଦେବୁ, ସବୁ ନେଇ ତାକୁ ଦେଇଆସିବୁ ।

ସଦା—ବା', ତୁ ଏମିତି କ'ଣ କହୁଚୁ ?

ଅରକ୍ଷିତ—ହଁ, ଆ ମୋ ସାଙ୍ଗରେ, ସବୁ ତାକୁ ଦେଇଆସିବୁ । କହିବୁ, ସେ ବେପାର ବଣିଜକରୁ । ବଡ଼ଲୋକ ହଉ, ଖୁବ୍ ସୁଖରେ ରହୁ; ହେଲେ, ଏଇ ମଲାମୁଣ୍ଡି ଆ ଅରକ୍ଷିତ ଯେ ତାର ବାପ, ଏଇଥା ଭଦ୍ର ସେ ଭାଙ୍କ'ଣ ଆଗରେ ଚହ୍ଲା ନ ଦଉ । ( ଫୁଁପି ଫୁଁପି ବୁନ୍ଧପାଇବ )

ସଦା—ବା' ! ( ଅବାକ୍ ହୋଇ ଚାହିଁବ )

—ଅନ୍ଧାର—

—*—

Source: Author, Digitized by PPRACHIN, SOA

## ତୃତୀୟ ଦୃଶ୍ୟ

[ ପଞ୍ଜାବୀ କନଟ୍ରାକ୍ଟରର ବଙ୍ଗଳେ । ସମୟ ରାତି ଦଶଟା, ମଧୁ ବସିଛି । ନେସୁର କାରବାରର ପ୍ରମାଦ ଦେଖୁଛି, ଏଇ ସମୟରେ ରଘୁ ଆସିଛି । ତା'ର ଜାମାପଟା ରକ୍ତାକ୍ତ ହୋଇଛି, ମୁଣ୍ଡବାଳ ଫୁର୍‌ଫୁର୍ ଉଡ଼ୁଛି । ହାତରେ ଛୁରୀ, ସଦ୍ୟ ମଣିଷ ଖୁନ୍‌କର ଉତ୍ତେଜନାରେ ତା'ର ଆଖି ଜ୍ୱଳ ]

ମଧୁ—(ଚିତ୍କାର କରି) ରଘୁ !!!

ରଘୁ—ଚୁପ୍, ପାଟି କରନା !

ମଧୁ—କାହାକୁ ଖୁନ୍ କରି ଆସିଚୁ ନା କ'ଣ ?

ରଘୁ—ହଁ ଖୁନ୍ କରିଛି । ଗୋଟାଏ ନୁହେଁ, ଏକାସାଙ୍ଗରେ ଦୁ'ଦୁ'ଟା ମଣିଷ···

ମଧୁ—(ଆଶ୍ଚର୍ଯ୍ୟରେ) ଦୁଇଟା ???

ରଘୁ—ଜଣେ ହେଉଛି ଜାପାନୀ ଜାହାଜର କପ୍ତାନ, ଆଉ ଜଣେ ମୋ ସ୍ତ୍ରୀ ।
(ହସିଛି ଜୋରରେ)

ମଧୁ—ରଘୁ, ତୁ ହୋସ୍‌ରେ ଅଛୁ ତ ?

ରଘୁ—ହୋସ୍‌ରେ ଅଛୁ ବୋଲି ତ ମୁଁ ସେ ଦୁ'ଟାଙ୍କୁ ଠିକ୍ ଜାଗାରେ ଠିକ୍ ସମୟରେ ଶେଷ କରିଦେଇ ପାରିଲି ।

ମଧୁ—କେଉଁଠି ଖୁନ୍ କରିଚୁ ?

ରଘୁ—ଜାହାଜର ସେଇ ନବେଲା cabinରେ ।

ମଧୁ—କାହିଁକି ??

ରଘୁ—ସେ ଜୁଆଁ ନେଇ ଖେଳ ଖେଳୁଥିଲା ।

ମଧୁ—ଜୁଆ ଖେଳ ?

Source: Author, Digitized by PPRACHIN, SOA

ରଘୁ—ମୋ ସ୍ତ୍ରୀ'ର ଇଜ୍ଜତ ନେଇ...

ମଧୁ—କ'ଣ କହିଲୁ !!

ରଘୁ—ତୁ ଜାଣିଚୁ, କପ୍ତାନ ସାଙ୍ଗରେ ମୋର ବହୁତ ଦିନର ଦୋସ୍ତୀ । ଅନେକ ଥର ସେ ଜାହାଜ ନେଇ ଏଠିକି ଆସିଚି; ମୁଁ ତା ଜାହାଜକୁ ଯାଏ, ସେ ମୋ ଘରକୁ ଆସେ । ଏମା ସାଙ୍ଗରେ ମହୁଜ, ମଜଲିସ୍ ଫୁର୍ତ୍ତି ..

ମଧୁ—ଏଡ଼େତ ଚିହ୍ନା, ମନାନ୍ତର ହେଲା କାହିଁକି ?

ରଘୁ—ମୋ ସ୍ତ୍ରୀ ପାଇଁ ।

ମଧୁ—ତା'ର ଦୋଷ କ'ଣ ?

ରଘୁ—ମୋର ପିତା ଜଗତଥିଲେ ଦାଲ୍‌ଖୋର ଦୋସ୍ତୀ, କେବଳ ମୋ ସ୍ତ୍ରୀର ନଜର ଥିଲା କପ୍ତାନର ଧାମିକା ମୂଳ ହାର, ମୁକ୍ତାର ଗହଣା ଉପରେ । ସେସବୁ ପିନ୍ଧି ମୋ ସ୍ତ୍ରୀ ଖୁବ ଦେଖେଇହଉଥିଲା । ଆଜି ସେଇ ସବୁର ଲୋଭ ଆଜି ତାକୁ ଟାଣିନେଇଚନ୍ତି ଜାହାଜର ସେଇ ନରକୀ କୋଠରୀକୁ । ମୁକ୍ତାର ମାଳା ଗଳାରେ ପିନ୍ଧିବ ବୋଲି ପାଗଳ ହୋଇଉଠିଲା । ତା'ର ସେଇ ଗଳା ମୁଁ କାଟିଦେଇ ଆସିଚି, ଆଉ କପ୍ତାନକୁ ବି ଶେଷ କରିଦେଇଚି ।

ମଧୁ—ରଘୁ ! (ଚିତ୍କାର କରିଚି) ତୁ କଣ କଲୁ ?

ରଘୁ—ଠିକ୍ କରିଚି । ଦେଖ୍ ଭାଇଚ; ହାଃ-ହାଃ-ହାଃ ! ଯା, ଦେଖିଆସିବୁ, ତ'ଦୁହିଙ୍କ କଟା ମୁଣ୍ଡ ତଳେ ଲୋଟୁଚି, ଆଉ ତା'ସାଙ୍ଗରେ ଲୋଟୁଚି ମୁକ୍ତାମାଳା'ର ସେ ରକ୍ତଧୋଇ ନାଲି ନାଲି ପଥରଗୁଡ଼ାକ । ହାଃ-ହାଃ-ହାଃ...

ମଧୁ—କିନ୍ତୁ ଏବେ ପୋଲିସ ଜାଣିଲେ...

ରଘୁ—(ହଠାତ୍ ପରିସ୍ଥିତିର ଗୁରୁତ୍ୱ ବୁଝି ଆତଙ୍କରେ ତା'ର ସ୍ୱର କମ୍ପିଗଲା) ଏଁ, ପୋଲିସ !! ହଁ, ଜାଣିବ; ମୋତେ ଖୁନୀ ଆସାମୀ କରି arrest କରିବ । ଆଜି ରାତିଟା ଏଇଠି ମୋତେ ଲୁଚେଇଦେ, କାଲି ଗୋଟାଏ ଜାହାଜରେ ମୁଁ ପଳେଇଯିବି ଦୂରକୁ—ଦେଶାନ୍ତରକୁ ଚାଲିଯିବି । ଖାଲି ଆଜି ରାତିଟା...

Source: Author, Digitized by PPRACHIN, SOA

ମଧୁ—ତୋର ବୁଝିବା ଉଚିତ, ଏଇଟା ମୋର bungalow ନୁହେଁ ! ମାଲିକ ନ ଥିଲାବେଳେ···

ରଘୁ—(ଘୁରିପଡ଼ି) ମାଲିକ ନ ଥିଲାବେଳେ ବଙ୍ଗଳାରେ ଯେଉଁ ଅଞ୍ଜେଲା ରହିପାରୁଚି, ମୁଁ ରହିବାରେ ବାଧା କଣ ?

ମଧୁ—ତାକୁ ତୁ କୋଟାଏ ଖୁଣୀ ଆସାମୀ !

ରଘୁ—ହଁ, ମୁଁ କୋଉଠି ଖୁଣୀ ଆସାମୀ ଆଉ ଅଞ୍ଜେଲା ?? ତୁ ଜାଣିଚୁ, ସେ କାହିଁକି ଆସିଚି, ମୁଁ ଜାଣେନା ! ହାଃ-ହାଃ-ହାଃ, She is a gold smuggler.

ମଧୁ—ଚୁପକର୍ !

ରଘୁ—ନାଲିଆଖି ଦେଖାଉଚୁ କାହାକୁ ? ସତକଥା ମୁହେଁ ମୁହେଁ କହିଦେଲି ବୋଲି ? Mr. Malhotraଙ୍କର ଅନୁପସ୍ଥିତିର ସୁଯୋଗ ନେଇ ତୁ ଚମତ୍କାର business କରୁଥିଲୁ !!! ବେଶ୍, ମୁଁ ଏଠୁ ଚାଲିଯାଉଚି, ତୋ ଭଳି ବେଇମାନ୍ ବନ୍ଧୁର ଆଶ୍ରା ନେବା ଅପେକ୍ଷା ପୋଲିସ ଗୁଳିର ମୁହାଁମୁହିଁ ହେବା ଭଲ ।

[ ରଘୁ ଚାଲିଗଲା । ମଧୁ ହତବାକ୍ ହୋଇପଡ଼ିଚି, ଏଇ ସମୟରେ ଆସିଚି ଅଞ୍ଜେଲା ]

ଅଞ୍ଜେଲା—Don't allow him to go ତାକୁ ଯିବାକୁ ଦିଅନା !

ମଧୁ—ଆଞ୍ଜେଲା ??

ଆଞ୍ଜେଲା—You are a fool ! ମୁଁ ହୋଇଥିଲେ, ସେ ଏଠୁ ଯାଇପାରି ନ ଥାନ୍ତା ! I would have finished him.

ମଧୁ—କିନ୍ତୁ ସେ ମୋର ବନ୍ଧୁ ।

ଅଞ୍ଜେଲା—ବନ୍ଧୁ !!! ହାଃ-ହାଃ-ହଃ·· ଜୀବନରେ ଏମିତି ଅନେକ ବନ୍ଧୁ ଦରକାର ପଡ଼ିଲେ ଶେଷ କରିବାକୁ ପଡ଼ିବ; Yes, you must !!!

Source: Author, Digitized by PPRACHIN, SOA

ମଧୁ—Yes, I must ! ଧନ ଦେବାର ଯୋଉ ନିଶା ତମେ ମୋତେ ଧରେଇ ଦେଇଚ ସେଇଥିପାଇଁ ମୋତେ ଅନେକ କଷ୍ଟ କରିବାକୁ ପଡ଼ିବ—ଅନେକ କଷ୍ଟ !!!

ଅଞ୍ଜଳି—(ହସି ହସି) Fine !!! ମୁଁ ଆଶା କରି ନ ଥିଲି, you will get into the spirit so soon.

ମଧୁ—ସବୁକିଛି ପାଇଁ ଦାୟୀ ତୁମେ, ତମର company, inspiration, encouragement.

ଅଞ୍ଜଳି—ନା, ମୁଁ ଯାହା କରୁଚି, ସେଥିରେ ମୋର ସ୍ୱାର୍ଥ ଅଛି ସେଣ୍ଟ ପରସେଣ୍ଟ । Afterall it's a business ନା, ଗୋଟାଏ ଜରୁରି କଥା—ମୁଁ ମୋ Bank account ଆଜି Singaporeକୁ transfer କରିଦେଇଚି । ତମେ ଏଥର ତମ ନାଁରେ separate account ଖୋଲିବ ଉଚିତ ।

ମଧୁ—କାହିଁକି ? ଏଯାଏ ଟଙ୍କା ଯେମିତି joint accountରେ ଥିଲା, ସେମିତି ଥାଉନା ! କୌଣସି ସନ୍ଦେହ ଅବିଶ୍ୱାସର ପ୍ରଶ୍ନ ତ ଆମ ଭିତରେ ଉଠୁନି !

ଅଞ୍ଜଳି—ମୋ ଉପରେ ଏତେ ବିଶ୍ୱାସ ରଖିବା କଥା ଭଲ ନୁହେଁ ।

ମଧୁ—ରଖିବନି କାହିଁକି ? ମୋ ଜୀବନରେ ଏତେ ଟଙ୍କାର ଦରକାର ତ କେବେ ନ ଥିଲା; ମୁଁ ତ କେବେ ମାଲିକ ହେବାର ସ୍ୱପ୍ନ ଦେଖି ନ ଥିଲି । ମୋ ମନରେ ସେସବୁ ଆଣିଦେଲ ତମେ । ତମେ ଦେଇଚ ଏଇସବୁ ଆକାଶକୁଆଁ ସ୍ୱପ୍ନ ।

ଅଞ୍ଜଳି—ମଧୁ ! ମୋର ବ୍ୟାକଗ୍ରାଉଣ୍ଡକୁ ଦେଖିଲେ ଯେ ଛୋଟିପଣ ଦୃଢ଼ା ଜଣାଉ ଦରକାର ନା । All right ସବୁ ଟଙ୍କାର ଏକାଉଣ୍ଟ ମୁଁ singapore Bankକୁ transfer କରୁଚି । ବାକି black moneyଟା ତମେ ସାଙ୍ଗରେ ନେଇଯିବାକୁ ପଡ଼ିବ ।

Source: Author, Digitized by PPRACHIN, SOA

ମଧୁ—କଣ୍ଣ ହଠାତ୍ ସବୁ ?

ଅଞ୍ଜେଲା—I see, ତମେ କିଛୁ ଖବର ରଖିନା ତା'ହେଲେ ।

ମଧୁ—କି ଖବର ?

ଅଞ୍ଜେଲା—ଲେଟେଷ୍ଟ ଭୌଗୋଳିକ ଗବେଷଣାରୁ ଜଣାଯାଇଚି, ଏଇ ଜାଗାଟା ବନ୍ଦର ପାଇଁ suitable ନୁହେଁ । ସେଥିପାଇଁ ଏଠି ଯେତିକ ଗଢ଼ିଉଠିଥିଲା ସେତିକରେ ବନ୍ଦର କାମ ରହିଯିବ ।

ମଧୁ—Is it ???

ଅଞ୍ଜେଲା—ହଁ, ଏଥିରେ ଆଶ୍ଚର୍ଯ୍ୟ ହବାର କିଛି ନାହିଁ । ତେବେ ସେଇ ଦୃଷ୍ଟିରୁ ଆମେ ଆମର business ଏଠୁ shift କରିବାକୁ ପଡ଼ିବ ।

ମଧୁ—କଣ୍ଣ...କୋଉଠିକି ଯିବା ଆମେ ?

ଅଞ୍ଜେଲା—ଯୋଉଠି businessର ସମ୍ଭାବନା ଅଛି । ଯୋଉଠି ଟଙ୍କା ଅଛି, ସୁନା ଅଛି, ଆଉ ତମ ଲଳନା ଅଛି ।

ମଧୁ—ଟଙ୍କା ଅଛି...ସୁନା ଅଛି...

ଅଞ୍ଜେଲା—ହଁ, ତମେ ସେସବୁ କିଛି ନ ଭାବି ଖାଲି ସ୍ୱପ୍ନ ଦେଖ,

Gold—Gold and Gold.

—✳—

# ଚତୁର୍ଥ ଦୃଶ୍ୟ

[ ଅନ୍ୟ ଏକ ଗଳି । ମଧୁର ରହୁଥିବା ବଙ୍ଗଳୋ; ମଧୁ କିଛି ନୋଟ ଟଙ୍କା ଜୋର କରି ଗୋଟାଏ ସୁଟ୍‌କେସ୍‌ରେ ଭର୍ତ୍ତି କରୁଥିଲେ । ସଦା ଆସି ପହଞ୍ଚିଛି ]

ମଧୁ—(ରାଗିଯାଇ) କୁଆଡ଼େ ଆସିଛୁ ? ମୋ ଟଙ୍କା ଫେରେଇନବାକୁ ନା ସୁଧ ନବାକୁ ? ( ତତକ୍ଷଣରେ ସୁଟ୍‌କେସ୍‌ଟା ବନ୍ଦ କଲେ )

ସଦା—ଭାଇ, ମୁଁ କ'ଣ ତୋ ପାଖକୁ ଏଇଥିପାଇଁ ଆସେ ? ତୁ କଣ ବୁଝିବୁ ! ସେଦିନ ସେ ଟଙ୍କା ଆଣି ତୋତେ ଦେଇ ବା' ପାଖରୁ ଗାଳି ଖାଇଛି ।

ମଧୁ—ତା'ହେଲେ ଆସିଲୁ କାହିଁକି ?

ସଦା—ବୋଉ କହୁଛି, ତତେ ସଙ୍ଗରେ ନେଇଯିବାକୁ ।

ମଧୁ—କାହିଁକି ? ମୁଁ ବଡ଼ଲୋକ ହୋଇଯାଇଛି ବୋଲି ବୋଉ ମତେ ଖୋଜୁଛି ?

ସଦା—ନା, ବୋଉ ତୋତେ ଖୋଜୁଛି କାହିଁକି ଜାଣିଛୁ ? ତୋ ଜାତକ ଖୁଝିଛି ବାହାଘର ଲଗ୍ନ । ତୁ ତ ଜାଣେ ତୋ'ର ହାତକୁ ଦୁ'ହାତ ହବାକଥା ଭାବିଲେଣି···

ମଧୁ—ବାହାଘର ! (ପରିହାସ କରି ମଧୁ ହସିଉଠିଛି)

ସଦା—ହଁ, ଭାଇ, ତୋ ବାହାଘର ତ ଆଗ ହବାକଥା ।

ମଧୁ—ମୁଁ ସେଇ ଗାଁରେ ବାହା ହେବି ?

ସଦା—ଗାଁରେ ହବୁନି ? ବେଶ୍ ଭଲ କଥା ଯଦି ଜାଣେ କୋଉଠି ଠିକଣା କରିସାରିଛୁ, ତା'ହେଲେ କହ । ତୋ ମନ ଯୋଉଠି, ବୋଉ ସେଇଠି ରାଜି ହବ ।

ମଧୁ—ମୋ ବାହାଘର ଯୋଉଠି ହବ, ତା'ର ସେକଥା ଭାବିବା କଣ ଦରକାର ?

Source: Author, Digitized by PPRACHIN, SOA

ସଦା—ନା, ଖୁଡ଼ି, ତୁ ଯେଉଁଠି ଠିକ୍ ଭଣୁଚୁ, ବୋଉ ଶୁଣିଲେ ଖୁସିହବ । ଠାକୁରଙ୍କ ଫୁଲଚଢ଼େଇବ ଆଉ ବା' ଖୁବ୍ ଧୁମ୍‌ଧାମ୍‌ରେ ତୋ ବାହାଘର କରିବ ।

ମଧୁ—ସଦା...! (ଶାସନ କରିବା କଣ୍ଠରେ)

ସଦା—(ଆନନ୍ଦରେ ଗଦ୍‌ଗଦ ହୋଇ) ହଁ, ଖୁଡ଼ି ତୋ ବାହାଘର ଯୋଉଦିନ ହବ ନା, ପାଲିଙ୍କି ଆଗରେ, ବାଜାବାଲାଙ୍କ ସାଙ୍ଗରେ, ମୁଣ୍ଡରେ ପଗଡ଼ି ବାନ୍ଧି ମୁଁ ଯିବି । ନାଚିବି, ଗାଇବି, ବାଣ ଫୁଟେଇବି, ରୋଶଣି ଜାଳିବି; ଆଉ ଲୁଚିକି ଆସିବ, ତାକୁ କିଛି ତାମ ଭେଟେଇଦେବନି । ଜାଲ ଖାଇଁବି, ପଇସା ଛାଟିବି, ଖେଳେଇ କରିବି, ସମସ୍ତଙ୍କି ପରଷିବି । ଲୁଚିକି ଯେତେ ମୋ କଥା କି ମାନି ଖେଳେଇ ଘରକୁ ଯିବ ନା, ତା କାନଟାକୁ ଧରି ଟାଣିଆଣି ତୋ ପାଖରେ...

ମଧୁ—(ହଠାତ୍ ରୁକ୍ଷକଣ୍ଠରେ ବାଧାଦେଇ) ଚୁପ୍‌କର ! ତୁମେମାନେ କେହି ସେଠିକି ଯାଇପାରିବନି ।

ସଦା—ଖୁଡ଼ି ! (ଚମକିପଡ଼ି)

ମଧୁ—ହଁ, ତମେମାନେ ସେଠିକି ଗଲେ ମୋ ମୁଣ୍ଡ ତଳକୁ ହୋଇଯିବ ।

ସଦା—ଖୁଡ଼ି, ତୁ କଣ କହୁଚୁ ? ଆମେ ସବୁ ଗଲେ...

ମଧୁ—ହଁ, ଖାଲି ତୁ ନୁହଁ, ବା', ବୋଉ କେହି ସେଠିକି ଯିବେନି ।

ସଦା—ହଁ, ବା' ସେଠିକି ଯିବନି, ମୁଁ ସେଠିକି ଯିବିନି; ହେଲେ ବୋଉ... ଯିଏ ତୋତେ ଅନ୍ତଃକାଡ଼ି ଜନମ ଦେଇଚି ସିଏ ତୋ କନକଅଞ୍ଜୁଳି ବାନ୍ଧିବନି ? ବୋହୂର ମୁହଁଚୁହାଁ ଦେଇ ଭଇଲଣ କରିବନି ?

ମଧୁ—ନା, କିଛି କରିବା ଦରକାରନାହିଁ । ଯା, ବୋଉକୁ କହିଦେବୁ, ତା ବଡ଼ପୁଅ ମରିଯାଇଚି ।

ସଦା—(କାନ୍ଦି କାନ୍ଦି ନା, ଖୁଡ଼ି, ତୁ ପଛେ କ ଗଲୁ ନାହିଁ; ମୁଁ ଚାଲିଯାଉଚି । ହେଲେ ବୋଉକୁ ମୁଁ ଏକଥା କହିପାରିବନି, ଖୁଡ଼ି, ବୋଉକୁ ମୁଁ କହିପାରିବନି । (କାନ୍ଦି କାନ୍ଦି ଚାଲିଯାଇଚି, ଅଞ୍ଜଳି ଆସିଚି)

Source: Author, Digitized by PPRACHIN, SOA

ମଧୁ—କଣ, ଆଞ୍ଜେଲା ? ମୁଁ ପ୍ରସ୍ତୁତ ହୋଇସାରିଛି, ସଙ୍ଗରେ ବିଶେଷ କିଛି ନେଉନାହିଁ, ଖାଲି ଗୋଟାଏ ଝୁଲା । ସବୁ କାଗଜପତ୍ର, Bank Account ତା'ର ଭିତରେ । ଆଉ Pass port ଯୋଗାଡ଼ କରିଛ ତ ?

ଆଞ୍ଜେଲା—ନା, ଯିବାକଥା କହିବାକୁ ଆସିନି ।

ମଧୁ—What do you mean ?

ଆଞ୍ଜେଲା—ଆମର ଯିବାର ରାସ୍ତା ସବୁ ବନ୍ଦ ।

ମଧୁ—ଭାଙ୍ଗିକି ?

ଆଞ୍ଜେଲା—ଆମର ସବୁ plan ଧରାପଡ଼ିଯାଇଛି, ପୋଲିସ ଆମ ପଛରେ ।
We are going to be arrested.

ମଧୁ—କଣ କହୁଛ ?

ଆଞ୍ଜେଲା—ହଁ, ତୁମର ବିଶ୍ୱାସୀ ବନ୍ଧୁ ରଘୁ ପୋଲିସକୁ ସବୁ କହିଦେଇଛି । ତୁମର ଅଫିସରଙ୍କ ବିଶ୍ୱାସଘାତକତା କରିଛି । ବର୍ତ୍ତମାନ ପୋଲିସ wireless ଦ୍ୱାରା centre inform କରିଛି, ତୁମେ ଯୁଆଡ଼େ ଯିବ ଧରାପଡ଼ିବ ।

ମଧୁ—ସଇତାନ୍ ରଘୁ...ଆଉ ମୋ ଅଫିସ କିରାଣି, I will shoot him.

ଆଞ୍ଜେଲା—ରଘୁ କଥା ପରେ ଭାବିବ, ବର୍ତ୍ତମାନ ନିଜ କଥା ।

ମଧୁ—କ'ଣ କରିବ, କହୁଛ ?

ଆଞ୍ଜେଲା—Comit suicide !!!

ମଧୁ—ଆଞ୍ଜେଲା...!!! (ଚିତ୍କାର କରିଉଠିଲା)

ଆଞ୍ଜେଲା—ଏ ପରିସ୍ଥିତିରେ ଏଇଆ କରିବାକୁ ହୁଏ, I am sorry for you. ପୋଲିସ ହାତରେ arrest ହେବା ଅପେକ୍ଷା it is better that you finish yourself !!!

( ରିଭଲଭରଟିଏ କାଢ଼ି ମଧୁ ହାତକୁ ଦେଲା )

Source: Author, Digitized by PPRACHIN, SOA

ମଧୁ—(ରିଭଲଭର୍ ଦେଖି ଚିତ୍କାର କରିଉଠିଲା) ନା, ମୁଁ ପାରିବିନି ।

ଅଞ୍ଜେଲ—You must, or I will have to shoot you.

ମଧୁ—ଏଁ, ତୁମେ ମୋତେ ଗୁଳି କରିବ ?

ଅଞ୍ଜେଲ—ଏଇମିତି ପରିସ୍ଥିତିରେ ମୋତେ Mr. Malhotraଙ୍କୁ ଗୁଳି କରିବାକୁ ପଡ଼ିଥିଲା ।

ମଧୁ—Mr. Malhotraଙ୍କୁ ତମେ ଖୁନ୍ କରିଛ !!!

ଅଞ୍ଜେଲ—ଖାଲି Mr. Malhotraଙ୍କୁ ନୁହେଁ । ଇମିତି ପରିସ୍ଥିତିରେପଡ଼ି ଅନେକ partnerଙ୍କୁ ମୋତେ ଖୁନ୍ କରିବାକୁ ପଡ଼ିଚି । ତମେ କିଛି ଡେରି କର ନାହିଁ; Die like brave soldier.

[ ବାହାରେ police van ଓ sirenର ବିକଟ ଚିତ୍କାର ନିକଟତର ହେଲା ]

ଅଞ୍ଜେଲ—ଏଇ, ସେମାନେ ଆସିଗଲେ; Quick, be quick.

ମଧୁ—(ମଧୁ ଧୀରେ ଧୀରେ ଅଞ୍ଜେଲ ହାତରୁ revolver ନେଇଆସି ନିଜ ମୁଣ୍ଡଆଡ଼କୁ ଲକ୍ଷ୍ୟକଲା) Yes, I will finish myself. (ହଠାତ୍ revolverଟା ଅଞ୍ଜେଲ ଆଡ଼କୁ ବୁଲେଇଲା) କିନ୍ତୁ ତା ପୂର୍ବରୁ I must finish you.

ଅଞ୍ଜେଲ—ମଧୁ !!!

ମଧୁ—ତମେ ମରିବ, ମୁଁ ମରିବି, ଆଉ ତମେ ନରପଦରେ ପୋଲିସ ଆଖିରେ ଧୂଳିଦେଇ ଖସି ଚାଲିଯିବ ! ନା-ନା, ତା ମୁଁ ହବାକୁ ଦେବିନି ।

[ ମଧୁ ରିଭଲଭର ହାତରେ ଆଗେଇ ଆସୁଥିଲା ଅଞ୍ଜେଲା ଆଡ଼କୁ ]

ଅଞ୍ଜେଲ—ତମେ ମୋତେ ଖୁନ୍ କରିବ ? (ହସି) ମୁଁ ତମର ବନ୍ଧୁ…I am your friend—I am your partner.

Source: Author, Digitized by PPRACHIN, SOA

ମଧୁ—ହନ୍ତୁ... ହ୍ମାଃ···ହ୍ମାଃ···ହ୍ମାଃ·· ତା'ହେଲେ···ହ୍ମାଃ···ହ୍ମାଃ···

[ ହସିଉଠିଚ ମଧୁ । ଗର୍ଜିଉଠିଚ ତା ହାତରେ ରିଭଲଭର୍; ତଳେ ଢଳିପଡ଼ିଲା ଅଞ୍ଜେଲା ଚକ୍ରୋର କର ।

ବାହାରେ police van ଆସିବାର ଶବ୍ଦ । ମଧୁ କ୍ଷଣକରେ ନିଜର ଗତିପଥ ସ୍ଥିର କରିନେଇ ଝରକା ଡେଇଁ ଖସିପଳାଇଲା ।]

—ଅନ୍ଧାର—

—※—

# ପଞ୍ଚମ ଦୃଶ୍ୟ

[ ଗାଁ ଗୋହିରି । ଶାମୁକା ସଦାର ଖାଇବା ଭାତ ଡେକ୍‌ଚିରେ ନେଇଆସିଛି । ସଦାକୁ ନେପଥ୍ୟ ଗୀତ ଗାଉଥିବାର ଦେଖି ଚୁପ୍‌କରି ରଖିଦେଇ ଚାଲିଯାଉଛି ]

ସଦା—(ଦୂରରୁ ଆସି) ଆଲେ, କେ ଶାମୁକା ! ଇମିତ ଚୋରଭଳିଆ ଆସି ଚୁପ୍‌କିନା ମୋ ଖାଇବା ଥୋଇଦେଇ ପଳେଇଯାଉଚୁ ଯେ ? ମୁଁ କଣ କାଉ ନା କୁକୁର ? ଇମିତ ଅଇଁଠା ମୁଠେ ଫିଙ୍ଗିଦେଇଯିବୁ ଆଉ ମୁଁ ଖାଇବି !

ଶାମୁକା—ଆଉ କ'ଣ ଏଠି ତୋ ଖାଇବା ପାଖରେ ବସି ଚଷୁଥଅନ୍ତି, ନା କ'ଣ ?

ସଦା—କଲେ, ବସ୍ତୁନୁ ? କିଏ ମନାକରୁଚି ? ବସିବାକୁ ବସିଲେ କ'ଣ ତାଳଗଛ ଅସ୍ତ୍ରବ, ନା ତାଳ ଚଞ୍ଚଣା ଅସ୍ତ୍ରବ ? ଲଦ୍ଧରୁ ଯେତ ଗଣ୍ଡାଏ ଅଣିଦେବ ।

ଶାମୁକା—ଖାଁଉ ର କଥା ଭଲ ଶିଖିଲୁଣି !!!

ସଦା—ତୁ କ'ଣ ଜମ୍ କନ୍ଥ କି ? ଆଗରୁ ବଲକୁ ଖାତ ଅଣୁଥିଲୁ ଯେ ଜନ କଥାର ଥିବ ହୁଗ ପକାଉଥିବୁ; ଆଉ ଆଜିକାଲି ମଉନାବର୍ତ୍ତୀ ! କଥା କ'ଣ ?

ଶାମୁକା—ମୁଁ ଆଉ ତୋପାଇଁ ଭାତ ନେଇ ଆସିପାରିବିନି ।

ସଦା—କାହିଁକି ?

ଶାମୁକା—ଗାଁ ସାରା ହାହୁତାପରା, କାନକୁ କାନ ଫୁସୁରୁ ଫାସର, ତୁ କ'ଣ କିଛି ଶୁଣିନୁ ?

ସଦା—ହଁ ଶୁଣିଚି, ଗାଁ ସାରା ଜମ୍ଭୁଚି, ମୁଁ ଶୁଣି ନାହିଁ ?

ଶାମୁକା—କ'ଣ ଶୁଣିଚୁ, କହିଲୁ ?

Source: Author, Digitized by PPRACHIN, SOA

ସଦା—ଛତରସାହୁର ମାଳୁଣି ବଣୋଇର ଗାଈଟା କୁଆଡ଼େ ଜନମ ଦେଇଚି ଯେ,
ତା'ର ପାଞ୍ଚଟା ଗୋଡ଼, ଗୋଟେ ପିଠିରେ ।

ଶାମୁକା—ଧେତ୍ ! ମୁଁ କଣ ଏଇଆ କହୁଚି ?

ସଦା—ଆଉ କେଉଁ କଥା ?

ଶାମୁକା—ମୁଁ କହିପାରିବିନି । (ଲଜ୍ଜିତ ହୋଇ)

ସଦା—କହିପାରିବୁନି ? କ ଲୋ, କାହିଁକି ? ମୁଁ ତ ଗାଈ ଜନମ ହେବା କଥା
ଶୁଣିଥିଲି, କହିଦେଲି; ତୁ କଣ ଶୁଣିଚୁ, କହୁନୁ ?

ଶାମୁକା—ବାହାଘର କଥା କ'ଣ କିଏ କାହାକୁ କହେ ?

ସଦା—ଆରେ, ବାହାଘର କଥା ସବୁ ଲୋକେ ଖୁସିହେଇ କହନ୍ତି । କାହାଙ୍କ
କେଉଁଠି ହଉଚି ?

ଶାମୁକା—ଡାକ୍ତର ଆଉ ? 'ତୋ…ର'

ସଦା—କ'ଣ ? (ଖୁସିହେଇ ବୋକାଭଳି କହିଲା) ମୁଁ…ମୁଁ…ବୋଲି କହୁଥିଲୁ,
କେଉଁଠି ଗୋଟେ ଯୋଗାଡ଼ ହଉଚି ।

ଶାମୁକା—କେଉଁଠି ଗୋଟେ ? ତୁ ଜାଣିନୁ ?

ସଦା—ମୁଁ ଯେତେ ପଚାରିଲି, ସିଏ କ'ଣ କହୁଚି ?

ଶାମୁକା—କିଛି ନ କହେ, କେବଳ ହସି ହସି ତ ଶୁଣି…

ସଦା—(ଆନନ୍ଦରେ ଗଦ୍‌ଗଦ ହେଇ କହିଲା) ବୁଝିଗଲି ଖାସ୍ ମୁନାକ ।

ଶାମୁକା—ଆଉ ଶୁଣ ?

ସଦା—ଖଣ୍ଡ ସୁଧାର । (ହସରେ ଲୋଟିପଡ଼ି)

ଶାମୁକା—ଆଉ ନା ?

ସଦା—କହନ୍ତି ସବୁ, ଜାଣିନୁ ।

ଶାମୁକା—ହେଲେ, ମୁଁ ଜାଣିଚି ।

ସଦା—ଏଁ, ତୁ ଜାଣିଚୁ ! କ'ଣ, କହିଲୁ ?

ଶାମୁକା—ଏଇଠି ଲେଖିଦେଉଚି ଯାଉଚି, (କୁଣ୍ଡଳେଇ) ପଢ଼ ।

(ଶାମୁକା ଗୋଟିଏ କାଠିନେଇ ଭୁଇଁରେ ଲେଖିଲା)

Source: Author, Digitized by PPRACHIN, SOA

ସଦା—(ଲେଖିଥିବା ଅକ୍ଷରଗୁଡ଼ା ଶାମୁକା ପଚ୍ଛରେ ଥାଇ କଷ୍ଟପଣ୍ଡ ପଢ଼ିଲା) ତାଲବେ ଶ···ବାଣ୍ଡ ··ମ·· ତ'ତଳେ ସ୍ବର ··କ···ନେଥିବେ ଫେରେ ବାଡ଼ । କ'ଣ ହେଲା, ରୁ ! ( ଶାମୁକା ଲଜରେ ପଳାଇଲା )

ସଦା—ଆଲୋ ବୋଉ ଲୋ ! ନାହିଁ ଶକ ପାଇଲନ; ମୋର କପାଳକୁ ଯାଉ ଭଲଥା ଅଣ୍ଡିରଚଣ୍ଡି ଟାଏ ନା···ନା—ହେଇପାଶବନ—ହେଇପାଶବନ । ଏଉଁକା ଯାଉଁ ବୋଉକୁ ମୁହେଁ ମୁହେଁ ଶୁଣେଇଦେବ । କ'ଣ ଗାବଚ କି ?

( କୁଞ୍ଜିଆ ଓ ମାଧିଆ ପ୍ରବେଶ । ସେମାନଙ୍କ ବେଶଭୂଷା ବଡ଼ ବିକଳ ଅବସ୍ଥା )

କୁଞ୍ଜି—କଲେ ସଦା ! କଣ ହେଇଚ ? କାନ୍ଥ ଉପରେ ପାଟିକରୁଚ କି ?

ସଦା—କ'ଣ୍ଠାଉପରେ ଆଉ, ବୋଉ ଉପରେ । ଆରେ ହୁଁ, ତମେ ଦଇଟା କମିତି ଦେଖଣରେ ?

ମାଧିଆ—ଆମକଥା ଆଉ କାହିଁକି ପଚାରୁଚରେ ସଦା ? ଆମ କପାଳରେ ଭ କାଉ ଉଡ଼ୁଚି ।

ସଦା—କରେ, କାଉ ଉଡ଼ୁଚି କ'ଣ ? ମୁଁ ଶୁଣିଥିଲି, ତମେ ସବୁ ବଡ଼ ବଡ଼ ସଉଦାଗର ହେଇଯାଇଚ । କାଏ ହୋଟେଲ, କାଏ ମଦ କମ୍ପାନୀ, ଭାଡ଼ିରେ କଣ ଟଙ୍କାର କାରବାର···

କୁଞ୍ଜି—ଆଉ ହୋଟେଲ ଅଛୁ, ନା ମଦ କମ୍ପାନୀ ଅଛୁ ! ବନ୍ଦର ଗଲା, ଆମ ବେଉସା ବି ବୁଡ଼ିଲା । ଫେରିଆସି ଗାଁରେ ଦେଖିଲାବେଳକୁ ଜମି ପଡ଼ିଆ; ଏବେ ଓକିଲ, ମୁକ୍ତାର, ପେସ୍କାର, ପିଅଦାଙ୍କ ପାଲରେପଡ଼ି ସେଠାକୁ ଗୁଳିଯିବ, ଦେଖିଲୁଣି ।

ସଦା—ଓକିଲ, ମୁକ୍ତିଆର, ପେସ୍କାର !! କରେ ଭଥା କଣ ?

ମାଧିଆ—ଘରେ ବାପ, ସେ ବରଗଛଟାଉ, ନାଲିକୋଠା, କଳା କୋର୍ଟ୍, ସେ 'ହାକିମ ହୋ' ରୁ ଦେଖିନୁ, ଶୁଣିନୁ; ବୁଝିବୁ କମିତି ?

Source: Author, Digitized by PPRACHIN, SOA

କୃଷ୍ଣ—ନ ଦେଖିଚୁ ଭଲ, ବାପ, ବଖାଣୁଚୁ ! ଉଡ଼ୁଡ଼ି ଉଡ଼ୁଡ଼ି ଆଖିସ ନାକେଣାଚ୍ ହେଲୁଣି ।

ସଦା—କାହିଁକି ଦେଶଯାକ ଇମିତି ଉଛୁଳୁଚ, ବୁଝିପାରୁନି ।

ମାଧିଆ—କୋର୍ଟକଚେରି କଥା, ଲୋକମାନଙ୍କ ସମୟ, ନ ଯାଇ ବୁଝୁଅଛୁ ! କଥାରେ ଅଛି 'ଶମନ'; ଅର୍ଥାତ୍ 'ଯମ' ! ମକଦ୍ଦମା ଖଲିଚ ଧର !

ସଦା—ତମେ ଦ'ଜଣ କ'ଣ ସାକ୍ଷୀ ?

କୃଷ୍ଣ—ନା, ହଦ୍ଦେଁଯାଏ ଆସାମୀ ।

ସଦା—ଅସାମୀ !! କି ମକଦ୍ଦମା ସେଇଟା ?

ମାଧିଆ—କୃଷ୍ଣିଆ ଟେବ୍ରମତ ଭାରବାଇବେ···

କୃଷ୍ଣ—ଅଉ ମାଧିଆ ହୋଟେଲ ନୂଆ ଖୋଲବେ ।

ସଦା—ବାଃ, ବେଶ ଦ'ଜଣଯାକ ଭଲ କା ପଡ଼ିଲଚ !

କୃଷ୍ଣ—ସେକଥା ଆଉ କହନାରେ ସଦା ! ସେଠିକି ପଇସା ଜମେଇଥିଲୁ, ପାଣିପର ବୁଆଡ଼େ ଗଲାଗଲା ।

ମାଧିଆ—ହେଇ କଲା କୋର୍ଟ ଫେକ୍ଟରେ ସବୁ ତ ଗଲାଗଲା । ଏଥର ଜମି ବେଇଖଣ୍ଡ ଅଛି, ସେତକ ବଳଦ'କୁ ନେଇ ବା' ପାଖକୁ ଆଇଚୁ ।

ସଦା—ମୋ ବା'ପାଖକୁ ? ଆଉ କ'ଣ ଜମି କିଣିଲବାଲା କେହି ନାହାନ୍ତି ? ତମ ରଘୁଆ'ଇ, ସୁଦାମ ଜନା, ଏହବୁ ବୁଆଡ଼େ ଗଲେ କି ?

କୃଷ୍ଣ—ରଘୁଆ ଆଉ ଅଛି ? ଜଗ୍ଗା'ନକୁ ଖୁନ୍‌କରି ସିଏ ଫେରାର ।

ସଦା—ଆଉ ସୁଦାମଜନା ?

( ସୁଦାମଜନା ପ୍ରବେଶ କଲେ ବେପରୁଆ ଭାବରେ )

ସୁଦାମ—ସୁଦାମଜନାଙ୍କୁ ମାମୁଁଘରକୁ ଯିବାକୁ ପଡ଼ିନାହିଁ କି କୋର୍ଟକଚେରି ଉଡ଼ୁଡ଼ିବାକୁ ପଡ଼ିନାହିଁ, ସିଏ କ'ଣ ମତ ବକୁଥିଲ ନା ଜୁଆ ଖେଳୁଥିଲ ? ହେଇ, ହେଇ 'ଯମପକ୍ଷୀ' । ଯେତିକି ଧନ କଣଥିଲା ସେତିକି; ଯିମିତି ବନର କାମ ଶେଷ ହେଲା, ସିଧା ଜଗନ୍ନାଥ ଧାମ ଯାଇଁ ମୁଣ୍ଡମଣ୍ଡି ପରେ ପ୍ରାୟଶ୍ଚିତ୍ତ କରି, ପଇତା ବଦଳେଇ ଫେରିଅଛିଚ । ଦେଖୁନ, ଆଉ ଗୋଟେ ନୂଆଁ, ଝ··ଟା ପଇତା । ( ପଇତା କାଢ଼ି ଦେଖେଇଚ )

Source: Author, Digitized by PPRACHIN, SOA

ମାଧିଆ—ନନା, ତମେଇ ଏକା ଭଲରେ ବର୍ତ୍ତିଗଲ ।

ସୁଦାମ—ତମେ ପାପୀ ଦ'ଟା ତା'ହେଲେ ଗାଁକୁ ଫେରିଆସିଲ; ମୁଁ ଝିଙ୍କିପୋକ, ପର ଦ'ଟା ଛୁଣ୍ଡି ଗଲେ ମୋଉ 'ହଇ' କ ସେଇ 'ହଇ' ।

କୁଞ୍ଜ—ଅଇ ଫେରିଆଇଲୁ କୋଉଠି, ନନା ? ଜମିବାଡ଼ି ବନ୍ଧକ ଏ ଗାଁରୁ ଚାଲିଯିବ ବୋଲି ବାହ୍ୱାଉଚ । ଇଆର ବା' ମନଭଲେ ଆମ ଜମି ଦ'ଖଣ୍ଡ ବନ୍ଧକ ହେଇଯିବ, ତପେ ଚାଲ ନନା, ଆମପାଇଁ କହିବ ।

ସୁଦାମ—କରେ ସଦା, ଯାଉନୁ ଟିକେ ବା'କୁ କହିବୁ । ଏଗୁଡ଼ାଙ୍କର ଆଉ ବଳଦ ଅଛି ନା ଲଙ୍ଗଳ ଅଛି ଯେ, ସେମାନେ ଆଉ ଚଷିବେ ?

ସଦା—ସ୍ୱାଙ୍କ ଜମି କିଣିବ କଏ ? ଯିଏ କିଣିବ, ତାଙ୍କୁ ଲକ୍ଷ୍ମୀ ଛାଡ଼ିବ । ମୋର ଅଉ କାମ ନାହିଁ, ମୁଁ ଏଠି ବଳକାମ ଛାଡ଼ିଦେଇ ଯିବି ସ୍ୱାଙ୍କ ପାଇଁ କହିବାକୁ ! ଯାଅ, ତମେ ଯାଅ କହିବ ।

( ସଦା ଚମ ଚମ ହୋଇ ଚାଲିଗଲା )

ସୁଦାମ—କ'ଣ ହେଲା ! ତୁ କହିବୁନି ? ହଉ ଚାଲ, ମୁଁ ତମପାଇଁ କହିବ; ଅରେ, କ'ଣ ଖବର କି ? ମୁଁ ଗାଁର ପୁରୋହିତ ଅରକ୍ଷିତ ମୋର ଯଜମାନ ।

( ଅରକ୍ଷିତ ପ୍ରବେଶ )

ଅରକ୍ଷିତ—କ'ଣ ହେଉଚ କି ନନା ? ଏଇ ଗୋଡ଼ଣଟା ଭିତରେ ··ଅରେ, ଏ ଦଇଟା ଏଠି···

ସୁଦାମ—ହଁ, ଏଦ'ଟା ଜମିବାଡ଼ି ବିକି ସହରକୁ ଚାଲିଯିବେ ବୋଲି ବସିଚନ୍ତିରେ !

ଅରକ୍ଷିତ—ସହରକୁ ଚାଲିଯିବେ ? ହଁ ଯାଅ, ଯିବନି କାହିଁକି ? ଆଜିକାଲି ଗାଁର ବାରପଣ ଲୋକ ତ ସହରରେ । ତମେ ଯିବ କହୁଚ, ଯାଅ; କ'ଣ କଲକାରଖାନାରେ କୁଲିଗିରି କରିବ, ନା, ପକ୍କା ରାସ୍ତାରେ ରିକ୍ସା ଟାଣିବ ?

ମାଧ, କୁଞ୍ଜ—(ଉଭୟେ) ମହାସା, ଆମକୁ ଉଦ୍ଧାର କର ।

Source: Author, Digitized by PPRACHIN, SOA

ଅରକ୍ଷିତ—ବନ୍ଦରରେ ଯାଇଁ ଦେଖାଣ କଳ । ହୋଟେଲ ଖୋଲିଲା, ମଦ ବଣ୍ଟିଲା, ଜମିକୁ ପଡ଼ିଆ ପକେଇ ପଇସା ହାତରେ ଗୋଟେଇଲ । ସେଥିପାଇଁ ଲକ୍ଷ୍ମୀ ରୁଷିଗଲେ । ଏବେ ରୋଜଗାର କରି ପେଟ ପୂରୁନାହିଁ ଯେ, ଫେରିଛ ପତିତ ଜମି ଚଷିବାକୁ; ଆଉ ତଳେ ଏମିତି ଛାଟି ଭୁଣ୍ଡରେ ଧରିବନି ।

କୁଞ୍ଜ—ଆଉ କ'ଣ କରିବୁ, ମଉସା ? ଆମେ ଆଉ ବଞ୍ଚିବୁ କେମିତି ?

ଅରକ୍ଷିତ—କାହିଁକି ? ଜମିରେ ଲଙ୍ଗଳ ଧରିବାକୁ, ଦରିଆରେ ମାଛ ମାରିବାକୁ କ'ଣ ଲାଜ ମାଡ଼ୁଛି ?

କୁଞ୍ଜ—ମାଛ ମାରିବୁ ଯେ, ହେଲେ ଜାଲ କାହିଁ ? ଡଙ୍ଗା କାହିଁ ?

ମାଧିଆ—ହଳ କରିବୁ ଯେ, ବଳଦ କାହିଁ ? ବିହନ କାହିଁ ?

ଅରକ୍ଷିତ—ସବୁ, ସବୁ ମୁଁ ଦେବି । ହେଲେ ତମେ ଦୁ'ହାଁ କାମକୁ ବାହାରିଲେ ହବ ତ !

ସୁଦାମ—ବାହାରିବେ, ବାହାରିବେ, ସେମାନଙ୍କ ସଙ୍ଗରେ ସମସ୍ତେ ବାହାରିବେ।

ଅରକ୍ଷିତ—ବଳଦ, ଲଙ୍ଗଳ, ବିହନ, ସବୁ ମୁଁ ଦେବି । ତମେମାନେ ଏ ଭୂଇଁରୁ ତମ ଦେହର ରକ୍ତ ଢାଳିଲେ ଯାଉନରେ !

କୁଞ୍ଜିଆ / ମାଧିଆ—ମଉସା !!

ଅରକ୍ଷିତ—ଏଇ ମାଟିରେ ସବୁ ଅଛିରେ କୁଞ୍ଜିଆ. ଏଇ ମାଟିରେ ସବୁଅଛି । ଆମ ବାପ ଅଜା ସାତପୁରୁଷକୁ ଏଇ ଦାନା ଦେଇଛି । ଏଇ ମାଟି ହଉଛି ଆମର ଜୀବନ । ବନ୍ଦର ହଉ, କଳକାରଖାନା ହଉ, ବିଜୁଳିବତୀ ହଉ, କୋଠାବାଡ଼ି ହଉ, କେହି ମନାକରୁନି । ହେଲେ ଦାନାପାଣି ପାଇଁ ଆମକୁ ତ ଏଇ ମା'କୁ ଅନେଇବାକୁ ପଡ଼ିବ । ତାକୁ ଭୁଲିଗଲେ ଚଳିବ ନାହିଁରେ !

ସୁଦାମ—ଏମାନଙ୍କୁ ଦୋଷଦେଇ ଲାଭ କ'ଣରେ ଅରକ୍ଷିତ ? ଏମାନେ ତ ପିଲା, ବନ୍ଦର କାମ ଯିମିତି ଆରମ୍ଭ ହେଲା ନା ସେଥିରେ ସମସ୍ତଙ୍କ ଆଖି ଝଲସିଗଲା ।

Source: Author, Digitized by PPRACHIN, SOA

ଅରକ୍ଷିତ—ନା, ଦେଖ ଏମାନଙ୍କର ନୃତ୍ୟ, ଦେଖ ଆନନ୍ଦ—ଆମ ସମସ୍ତଙ୍କର । ଅଥଚ ଆମେ କେବେହେଲେ ଏଇ ଦେଶ, ଏଇ ମାଟିକୁ ଚହ୍ନିଲେ ନାହିଁ । ଏଇ ଲୋକଙ୍କୁ ଆପଣାର ବୋଲି ମଣିଲେ ନାହିଁ । ନିଜ ଗୋଡ଼ରେ ନିଜେ ଠିଆହେବା ଶିଖିଲେ ନାହିଁ । ଖାଲି ବୁଜର—ହ୍ୟାଟପେଣ୍ଟ—ଫିକା ବାବୁଗିରି ।. ସହରରେ ସ୍କୋଲାର ରହିବେ; ହେଲେ ଗାଁକୁ ପଶୁଣ୍ଡିବେ ନାହିଁ ।

ସୁଦାମ—ତୋ କଥା ସମସ୍ତେ ବୁଝିଲେଣିରେ ଅରକ୍ଷିତ, ତୋର ଆଉ ଘରବାର କ'ଣ ଅଛି ?

ଅରକ୍ଷିତ—ନା, ମୋର ଘରବାର କିଛି ନାହିଁ । ମୋର ଯାହା ବୁଡ଼ିଯାଇଥିଲା, ଯାହା ହଜିଯାଇଥିଲା, ସବୁ ମୁଁ ଆଜି ଫେରିପାଇଛି ।

—ଅନ୍ଧାର—

—*—

Source: Author, Digitized by PPRACHIN, SOA

## ଶେଷ ଦୃଶ୍ୟ

[ ଅଭିଷେକର ପର ଦ୍ୱିତୀୟଦିନ ଦାଣ୍ଡ ଘର ରାଜସଜ୍ଜାରେ । ଭାଣ୍ଡରେ ଯେ'ଟି ଦଆଡ଼େ ଛଟା । ଲପାପୋଛା ହୋଇ ସବୁ ପରିଷ୍କାର ପରିଚ୍ଛନ୍ନ । ସଦାର ଦାହାଦର ସେଇ ଗାଁର ଶ ମୂର୍ଖା ସନ୍ଧିତ ।

ସମସ୍ତ ରାତି ପ୍ରାୟ ପ୍ରହର । ବରଯାତ୍ରୀ ଦଳ ଏଇମାତ୍ର ଅନୁକୂଳ କରି ବାଦ୍ୟାଶଯାଇଥିବାର ଜଣାପଡ଼ୁଛି । ବନ୍ଧୁ ବାନ୍ଧବ, ଝିଅବୋହୂମାନଙ୍କ ମଧ୍ୟରୁ କିଏ ବରଯାତ୍ରୀଙ୍କ ସାଥିରେ ଯାଇଛନ୍ତି, ଆଉ କେହି କେହି କୋଉଠି ଶୋଇପଡ଼ିଛନ୍ତି । ନେପଥ୍ୟେ ବାଜା ମହୁରି ଶୁଭୁଛି । ସବୁଠି ଆନନ୍ଦ ମଉଚ୍ଛବ, ହେଲେ ଏମିତି ଏକ ଆନନ୍ଦ ଉତ୍ସବ ଭିତରେ କାନ୍ଦୁଛି ଜଣେ । ସେ ରେବତୀ । ଏକା ପିଣ୍ଡାରେ ବସିଛି ଖୁଣ୍ଟକୁ ଆଉଜି; ତା'ପ ଖରେ କୁନ୍ଥଉପରେ ଜଳୁଥିବା ଦୀପ ଓ ଅରୁଆ ଚାଉଳ । ଦୀପର ମୁମୂର୍ଷୁ ଆଲୋକରେ ଏକ ଗୁଢଅସ୍ୱ କମ୍ପନ । ନେପଥ୍ୟେ ମହୁରିଆ ବଜାଉଛି—

"କୋଇଲି ଲୋ କେଶବ ଯେ ମଥୁରାକୁ ଗଲା ।"

( ଏତିକବେଳେ ପୂରେଇହୁଣ୍ଡ ସୁଦାମନନା ପ୍ରବେଶ କଲେ ଅଳ୍ପ ତରତର ହୋଇ । ବାଉଜ ଉପରେ ରାଗି ପାଟିକରୁ ସେ ଦୁଃଶାସନ ଘରୁ ଚାଲିଆସିଛନ୍ତି )

ସୁଦାମ—(ନେପଥ୍ୟ) ବରବ୍ରତରେ ଯୋଗାଡ଼ ହେଲା ଅସଲ କଥା । ତୁ ଯଉ ନ ପାଇବୁ, କହୁଦେଇଥା'ନ୍ତୁ । ଆଉ କୋଉ ଗାଁରୁ ମୁଁ ଗୋଟାଏ ବାଉଜ ଡାକିଆଣିଥାନ୍ତି । ଗୋଟି ଗୋଟି କରି ମୁଁ ସବୁ ସଜାଡ଼ିଲି, ସେଠି ଯାଇଁ ଦେଖିଲି ବେଳକୁ ଏଇଟା ନାହିଁ···ସେଇଟା ନାହିଁ, ରଙ୍ଗ, ଜାମଟା

Source: Author, Digitized by PPRACHIN, SOA

ସ୍ୱପ୍ନରେ ! ମୁଁ ଜଳେ ଦେଖୁଚି: (ସୁଦାମଙ୍କ ଅଲକ୍ଷିତରେ ଦାଣ୍ଡଦ୍ୱାରରୁ
ପଶିଆସିଥିବା ରମଣୀ ଦେଖାଇ )

ସୁଦାମ—ଅରେ ମା' ରେବ, ଦେଖିଲୁ ସେ ଘରଭିତରେ କେଉଁଠି ସମୁଦ୍ର ସମର୍ପଣ
ଯେ ଓଟାଥିଲା; ମୁଁ ପରା ଭାବୁଚି ସେ ବାଳକଟା ମୋର ନାମ ଚଳିବନି !
ସେଇଟା ଭୋଗ ଭାଗ୍ୟ ନୁହେଁ । ଲୋକେ ଡାକ ଡାକିଲେ ମଙ୍ଗଳ
ବେଳକୁ ଜରେଇଗଲା । କଳାଅଧର ଅଗରେ ମୋ ମୁହଁ କଳା ପଡଗଲା,
ଦେଖିଲୁ ମା, ଦେ, ଡକ୍ରୁକି ଯୁଅଟ ।
( ହଠାତ୍ ରେବତୀକୁ ଲୁହ ପୋଛୁଥିବାର ଦେଖି )

ଅରେ ମା, ତୁ କାନ୍ଦୁଚୁ ? କ'ଣ ହେଉଚି କି ? ପୁଅ ବାହାଘର ଭଲ
ଦିନଟାରେ ତୁ କାନ୍ଦୁଚୁ ?

ରେବତୀ—ନାହିଁ, ନନା ! ( ଲୁଗାକାନିରେ ଲୁହ ପୋଛିଦେଲା )

ସୁଦାମ—ଅଲୋ, ଗାଁସାରା ଲୋକେ କ'ଣ କହୁଚନ୍ତି, ଜାଣିଚୁ ? ଅରକ୍ଷିତ ତା ଲକ୍ଷ୍ମୀ
ଜାଗାରେ ବନ୍ଧୁବାନ୍ଧବ । ବରକନିଆଁ ଯେତିକି ସରସ ଶିମିଳି
ଫୁଲ-ପାଖୁଡା । ଦେଖିବାକୁ ଗାଁ ମାଇପେ ଯୋଉ ଠେଲାପେଲା·· ଅତଯାତ
ହେବାକୁ ପରା ବାଟ ନାହିଁ !

ରେବତୀ—(ଲୁହ ଛଳଛଳ ହୋଇ) ହଁ, ଭଏ ତାଙ୍କ ନାକ୍ଷି ଜାଗାରେ ବନ୍ଧୁବାନ୍ଧ
ଖୁସି, ଗାଁ ଲୋକେ ବରକନିଆ ଦେଖି ଖୁସି, ବନ୍ଧୁବାନ୍ଧବ ହେଉଛନ୍ତିରେ
ଖୁସି; ହେଲେ ମୁଁ କ'ଣ ନେଇ ଖୁସି ହେବି, ନନା ?

ସୁଦାମ—କଲେ, କାହିଁକି ? ତୋତେ ଠାକୁରେ କୋଉ କଥାରେ ଊଣା କରିଚନ୍ତି
କି ? ବାହା ହେଇଗଲା ପରେ ଖବୁଚୁ ପୁଅଟା ମାଇପବୋଲା ହେଇଯିବ ?
ଅଲୋ, ସଦାଟା ତୋର ସିମିତି ନୁହେଁ ମ, ଆଉ ଶାମୁକା ? ସେ ପଦ୍ମ
ଅସି ଡହୁଠି ନ ଯାଉଣୁ ତୋ କରମଙ୍ଗା ଗଛରେ ଚଢ଼ିବ କି କ'ଣ ।

ରେବତୀ—ମୁଁ ସେମାନଙ୍କ କଥା ଭାବୁନି, ନନା, ଭାବୁଚି, ମୋ ମଧୁଆ କଥା ! ସ ନଦୁଣ
ବାନ୍ଧାଦ୍ୱବ, ଘରକରଣା କରିବ । ଆଉ ସିଏ·· ତା କପାଳରେ ଧନ

Source: Author, Digitized by PPRACHIN, SOA

ଦେଶାନ୍ତରୀ ହେଇ ଯିବାକୁ । ଆଜି ସିଏ ଥିଲେ ତା'ପାଇଁ କ'ଣ ଇମିତି ବାଜାବାଜି ନ ଥା'ନ୍ତା, ସଙ୍କଟରେ ପାଖକୁ ଯାଇ ନ ଥା'ନ୍ତା ?

( କୋହ ଉଠେଇ କାନ୍ଦନ୍ତି )

ସୁଦାମ—(ସାନ୍ତ୍ୱନା ଦେଇ) ଓ, ବୁଝିଲି, ତୁ ତା'ର କଥା ଭାବୁଚୁ । ହଁ, ଯେମିତି ହେଲେ ଜନମ ଯେତେବେଳେ ଦେଇଚୁ, ତୋ ମନ ବୁଝିବ କୋଉଠୁ ? ହେଲେ କ'ଣ କରିବୁ ? କରମ ତ ଦେଇନୁ, ଯେଝା କରମ ସେଝା ଭୁଞ୍ଜିବେ ।

ରେବତୀ—ତା କରମ କାହିଁକି ଶ୍ରେଷ୍ଟ ହବ ନନା, ମୁଁ ଫଟାକପାଳୀଟାଏ ।

ସୁଦାମ—ଥୟଧର, ମା, ଥୟଧର । ଦିନେ ନା ଦିନେ ତୋ ମନକଥା ଜଗନ୍ନାଥ; ତୋ ପୁଅ ଲେଉଟି ଆସିବ । ହଉ, ଆଉ ଡେରି କରନା, ଝିଅଟ ଦେଇ ଦେଲୁ, ମୁଁ ଯାଏ ।

ରେବତୀ—(ଲୁହ ପୋଛି) ଆଣିଦଉଚି ।

( ରେବତୀ ଲୁହ ପୋଛି ପୋଛି ଘରୁ ଲୁଗା ଆଣିଦେଲା )

ରେବତୀ—ବେଦାଭ୍ୟାସ ଆରମ୍ଭ ହେଲାଣି ?

ସୁଦାମ—ଶିଅପିଅ ଗୁଣ୍ଡିଚ, ମୁଁ ପହଞ୍ଚିଲେ ବେଦାଭ୍ୟାସ ଆରମ୍ଭ ହବ ।

ରେବତୀ—ନନା, ତମେ ଅଛ, ସବୁ କାମ ଯିମିତି ଭଲରେ ତୁଟିଯାଏ ।

ସୁଦାମ—(ତରତର ହେଇ ଚାଲିଗଲେ । ରେବତୀ ପୁଣି ବସିରହିଲା ଦାଣ୍ଡ ପଟ, ଏତିକିବେଳେ ମଧୁ ଆସିଚି । ଦେଖିଲେ ମନେହୁଏ ତା ମନରେ ବଡ଼ ପରିବର୍ତ୍ତନ । ପିନ୍ଧିଚି ଧୋତି ଓ ଚଦର, ସବୁ ମଇଳା ଚିରା । ମୁହଁରେ ଦାଢ଼ି, ମାସେ ହେଲା ଅଖିଆ ଅପିଆ ଅନିଦ୍ରା । ସେ ଆସି ବୋଉ ଗୋଡ଼ତଳେ ପଡ଼ିଗଲା)

ରେବତୀ—(ସ୍ୱପ୍ନରୁ ଉଠିଲା ପରି) ମଧୁଆ !!!

ମଧୁ—ବୋଉ !! (କୋହ ଉଠାଇ)

Source: Author, Digitized by PPRACHIN, SOA

ରେବତୀ—ତୋ ପିତୃମୁଣ୍ଡ କଣ ହେଉଛି ଆସି ! ତୁ କୋଉଠି ଥିଲୁରେ ? ତୋ ବୋଉ କଥା କମିତି ପାସୋରିଦେଲୁରେ ? ଖୁବ୍ ବଡ ଲୋକ ହୋଇଯାଇଚୁ । ଖୁବ୍ ଟଙ୍କା କମଉଚୁ, ସେଇଥିପାଇଁ ବୋଉକୁ ଭୁଲିଗଲୁ, ନା···!

( ମଧୁ ଅଶ୍ରୁ ଆବେଗରେ କିଛି କହିପାରିଲା ନାହିଁ )

ମଧୁ—(ନିଜକୁ ସଂଯତ ହୋଇ) ହଁ, ବୋଉ, ଖୁବ୍ ଟଙ୍କା କମେଇଚି, ଖୁବ୍ ବଡ଼ ଲୋକ ହେଇଚି, ହେଲେ ଆଜି ମୋର କିଛି ନାହିଁ ।

ରେବତୀ—କିଛି ନାହିଁ ???

ମଧୁ—ତୋ ପୁଅ ଯାହା କରିଚି, ତୁ ସହିପାରିବୁନି ବୋଉ !

ରେବତୀ—କଣ କରିଚୁ, କହୁ ? କହ, କହ, କ'ଣ କରିଚୁ ? କହ, ମୋ ରାଣ ତତେ, କହ; କହିବୁ ନାହିଁ ?

ମଧୁ—ମୁଁ ଚୋରି କରିଚି, ଡକାୟତି କରିଚି, ମଣିଷ ମାରିଚି !

ରେବତୀ—ମଧୁଆ !!! (ଦୀର୍ଘଶ୍ୱାସ କରି) ନା, ମିଛ - ମିଛ···ତୁ ମୋତେ ମିଛ କହୁଚୁ, ମୋ ପୁଅ ହେଇ ଏକଥା ତୁ କରିପାରିବୁ ନାହିଁ ।

ମଧୁ—ହଁ, ବୋଉ କରିଚି । ତୋ ପୁଅ ସବୁ କରିଚି, ଟଙ୍କାର ଲୋଭ ମୋତେ ପାଗଳ କରିଥିଲା, ସୁନା ହରିଣୀ ପଛରେ ପାଗଳ ହୋଇ ଛୁଟିଥିଲି ।

ରେବତୀ—ଇମିତି ମନ୍ଦବୁଦ୍ଧି ତତେ କିଏ ଦେଲାରେ ମଧୁଆ ! କ'ଣ ତତେ ମିଳିଲା ?

ମଧୁ—ନା କିଛି ମିଳିଲା ନାହିଁ, ବୋଉ, କିଛି ମିଳିଲା ନାହିଁ । ଶେଷରେ ଜାଣିଲି, ସେ ସୁନାହରିଣୀ ମିଛ, ମାୟା ଭେଳିକି ।

ରେବତୀ—ହଉ, ଡେରିରେ ତ ବୁଝିଲୁ, ଆଉ କାହିଁକି ଏଥର ମନକୁ ଅସ୍ଥିରକର, ବାପ, କିଛି ନ କଲୁ ନାହିଁ ତୁ ଖାଲି ଘରେ ବସିରହ । ଏ ଘରଦ୍ୱାର, ଧନସମ୍ପତ୍ତି କାହାପାଇଁ ? ଏସବୁ ଆମର କ'ଣ ହେବ ??

Source: Author, Digitized by PPRACHIN, SOA

ମଧୁ—କାହିଁକି, ବୋଉ ? ସଦା'ତ ଅଛି ସେଇ ସବୁ ସମ୍ଭାଳିବ ନାହିଁ !

ରେବତୀ—ହଁ, ସେଇ ସବୁ ସମ୍ଭାଳିବ, ଆଉ ତୁ ଯିବୁ କୁଆଡେ ?

ମଧୁ—ତୋ ପୁଅ ଆଜି ଜେଲରେ ହାଣଯାଉଚି, ବୋଉ ! ଏଥର ତା'ର ଖବର ହେବ । ସେ ଜେଲ ଯିବ, ହୁଏତ ତାର ଫାଶୀ ବି ହେଇପାରେ ତା'କଥା ତୁ ଭୁଲିଯା ।

ରେବତୀ—କ'ଣ କହୁଚୁରେ ବାପ…!

ମଧୁ—ହଁ, ବୋଉ, ମୁଁ ଖୁଣୀ ଆସାମୀ । ମୋ ପଛରେ ପୋଲିସ; ତେଣୁ ଦିନ ବଣ-ଜଙ୍ଗଲରେ ଲୁଚି ରହିଲି । ହେଲେ ଆଉ ଭଲ ଲାଗୁନାହିଁ, ସ୍ୱଇଚ୍ଛ ପୋଲିସ ହାତରେ ଧରାଦେବି । ସେଇଥିପାଇଁ ଆସିଛି ଜନମଭୂଇଁ ଟିକେ ଦେଖିଯିବାକୁ, ତୋ ଗୋଡ଼ଧୂଳି ଟିକେ ନେଇଯିବାକୁ ।

ରେବତୀ—ସେମିତି କହନାରେ…ମଧୁଆରେ…ମୋ ଛାତି ଫାଟିଯିବରେ !

ମଧୁ—ବୋଉ ! ରାତିପାହିଲେ କାଲି ମୁଁ ଯାଇ ପୋଲିସ ହାତରେ ଧରାଦେବି । କାଠଗଡ଼ାରେ ଠିଆହେଇ ଦୋଷ ମାଗିବି । କହିବି, ମୁଁ ମଣିଷ ମାରିଚି, ମତେ ଜେଲ ଦିଅ, ଫାଶୀ ଦିଅ, ଯେତେ ଶୀଘ୍ରପାରୁଚ ଶେଷ କରିଦିଅ ।

( ବୋଉ ହାତ ଆଉଁଷଇ ସ୍ନେହର ହସିକ )

ରେବତୀ—(ପାଗଳୀ ପରି) ନା, ମୁଁ, ତତେ ଛାଡ଼ିବିନି, କୁଆଡେ ଯିବାକୁ ଦେବିନି…ତୁ ଯେବେ ଯିବୁ ମୋ ଆଖି ଦି'ଟା ଫୁଟେଇ ଦେଇଯା ।

ମଧୁ—ମତେ ଅଟକାଇବାକୁ ଚେଷ୍ଟା କରନା, ବୋଉ ! ପୋଲିସ ଦିନେ ନା ଦିନେ ମୋତେ ବାନ୍ଧି ନେଇଯିବ । ତୁ, ବା', ସତା କେହି ମତେ ଅଟକାଇ ପାରିବନି । ତୁ ଖାଲି ଠାକୁରଙ୍କୁ ଡାକ, ମତେ ମୋ କଲା କର୍ମର ଦଣ୍ଡ ମିଳିଯାଉ ।

ରେବତୀ—ଏଇଆ ଯଦି ତୋ ମନରେ ଥିଲା, ତୁ କାହିଁକି ଆସିଲୁରେ ମଧୁଆ, କାହିଁକି ଆସି ମୋ ଆଗରେ ଠିଆହେଲୁ ? ଆଜି ଭଲ ଦିନଟିରେ କଣେ

Source: Author, Digitized by PPRACHIN, SOA

ଯିବ ପାଲିଙ୍କିରେ ବାନ୍ଧାହେବାକୁ ଅନ୍ୟ ଜଣେଯିବ ହଜାରକୁ !
ମୁଁ ମା' ହୋଇ ଏଇକଥା ଦେଖିବି !!

ମଧୁ—ଯାହାକର୍ମରେ ଯାହାଅଛି ସିଏ ତା ଭୋଗିବ, ବୋଉ ! ଟିକେ ଆସି ଶୁଣିଲି ସଦାର ବାହାଘର । ଶାମୁକା ଏ ଘରକୁ ବୋହୂ ହୋଇ ଆସୁଛି; ଏମିତ ଗୋଟେ ଦିନରେ ଖାଲିହାତରେ ଫେରିଯିବାକୁ ମୋ ମନ କହୁଛି, ବୋଉ ! (ହାତରୁ ମୁଦିଟା ଖୋଲି) ନେ, ଏଇଟା ବୋହୂକୁ ପିନ୍ଧେଇଦେବୁ · କହିବୁ, ତା ଦେଢ଼ଶୁର ଦେଇଛି ।

ରେବତୀ—(ମୁଦିଟା ହାତରେ ଧରି) ଯାଉଛୁ ମୋ ହାତରେ ଧରେଇ ଦେଇ ତୁ ଚାଲିଯିବୁ ?

ମଧୁ—ହଁ, ବୋଉ, ନିଜ ମନ ମୋତେ କହୁଛି ··"ପ୍ରାୟଶ୍ଚିତ୍ତ କର" । ମୁଁ ସେଇଥିପାଇଁ ଯାଉଛି; ବାଟ ଆଗୁଳି ଠିଆହେବୁ ? ନା, ବୋଉ ନା ··

ରେବତୀ—ମଧୁଆ, ତୁ ମୋର ପୁଅ । ତୋର କଷ୍ଟ ହେବନରେ, ଠାକୁରେ ଏତେ ନିର୍ଦ୍ଦୟ ହେବେନ । ମୋର ଯେତ ପୁଣ୍ୟବଳ ଥିବ ତୁ ସବୁ ଦୋଷରୁ ମୁକୁଳିଯିବୁ ।

ମଧୁ—ବର୍ଷର ପରେ ଯେତ ମୋର ଜେଲ ହୁଏ ଦିନେ ତ ମୁଁ ଫେରିଆସିବ । ସେତେବେଳକୁ ସଦାର ପୁଅଝିଅ ଏଇଠି ଖେଳୁଥିବେ; ମୁଁ ବୁଢ଼ା ହୋଇଯାଇଥିବି । ସେମାନେ ମତେ ଚିହ୍ନିବେ ନାହିଁ, ହେଲେ ମୁଁ ସେମାନଙ୍କୁ କୋଳେଇ ନେବି, ଗେଲ କରିବି, ଗୁଣ୍ଡରେ ଭିଡ଼ି ଧରିବି । ସେତିକିବେଳେ ମୋ ମନ ପୁରିଉଠିବ, ବୋଉ !

ରେବତୀ—ମଧୁଆ !! (କୋହ ଉଠାଇ)

ମଧୁ—ମୁଁ ସେମାନଙ୍କୁ କୋଳରେଧରି କେତେ କାହାଣୀ ଶୁଣେଇବି । ମୋ ଦୁଃଖ କାହାଣୀ । କହିବି···ଏଇ ମାଟି ଆଉ ଏଇ ମା'ଙ୍କୁ ମୁଁ ସିନା ଚିହ୍ନିପାରିଲି ନାହିଁ, ହେଲେ ତମେମାନେ ଚିହ୍ନ, ଭଲକରି ଚିହ୍ନ ।

ରେବତୀ—ହେଲେ ତୁ ଫେରିଲାବେଳକୁ ମୁଁ କ'ଣ ଆଉ ଜୀବନ ନେଇ ଥିବିରେ ମଧୁଆ !

ମଧୁ—(କାନ୍ଦିଉଠିଲା ଜୋରରେ ସବୁ ଧୈର୍ଯ୍ୟ ତୁଟାଇ) ନା, ବୋଉ, ନା ! ସେମିତି କହନା, ମୁଁ ଖାଲି ତୋ'ରି ପାଇଁ ଫେରିଆସିବି । ଆଉ ଯେତ

Source: Author, Digitized by PPRACHIN, SOA

ଫେରିଆସି ଦେଖେ, ତୁ ନାହୁଁ, ତା'ହେଲେ ମୁଁ ଫେରିଯିବି—
ଦେଶାନ୍ତରୀ ହୋଇଯିବି, ଆଉ ଏ ଜନମଭୂଇଁ ମାଡ଼ିବନି ।

( ପାଦଧୂଳି ନେଇ ଦୌଡ଼ି ଦୌଡ଼ି ମଧୁ ଚାଲିଗଲା )

ରେବତୀ— ଚିତ୍କାର କରିଉଠିଲା) ମଧୁଆ, ତୋ ବୋଉ ଘର ତୁ, ଫେରିଆସିବୁରେ
ମଧୁଆ···ମୁଁ ତୋର ବାଟକୁ ଅନେଇ ରହିବିରେ, ବାପ !

( ରେବତୀ ସେଇଠି ଅଚେତ ହୋଇ ପଡ଼ିଗଲା । ଅରକ୍ଷିତ ଦଉଡ଼ି ଦଉଡ଼ି ଆସିଛି )

ଅରକ୍ଷିତ—(ରେବତୀକୁ ହଲେଇ ଉଠାଇ ଦେଲା)

ରେବତୀ—ସେ ଆସିଥିଲା, ଏଇଠି ଠିଆହୋଇ କଥା କହୁଥିଲା । ମୋ ମଧୁଆ···
ତାକୁ ଡାକ—ତାକୁ ଡାକ, ମୋ ଧନ ।

ଅରକ୍ଷିତ—ଛିଃ ଲୋକେ ତା'ହେଲେ ସତ କହୁଚନ୍ତି ।

ରେବତୀ—ହଁ, ସତ ସେ ଆସିଥିଲା ସେ କହୁଥିଲା, ସେ ଚୋରି କରିଚି, ମଣିଷ ମାରିଚି ।
ପୋଲିସ ତାକୁ ନ ଛାଡ଼ିବ । ତା'ର ବିଚାର ହବ; ସିଏ ଜେଲ ଯିବ ।
ତମେ ଯାଅ, ତାକୁ ମୁକୁଳେଇ ଆଣ, ଯାଅ, ଯାଅ ତମ ଗୋଡ଼ ଧରୁଚି,
ତମେ ଯାଅ । ( ଗୋଡ଼ ଧରି ଅନୁନୟ କଲା )

ଅରକ୍ଷିତ—(ଦୃଢ଼ କଣ୍ଠରେ) ନା ।

ରେବତୀ—ସେଇ ଗଲା କଥାକୁ ତମେ ମନରେ ଗଣ୍ଠି କରି ବସିଚ ? ପୁଅ ମୋର
ଜେଲ ଯିବ···ତମେ ବାପ ହୋଇ···

ଅରକ୍ଷିତ— ନା, ସେ ମୋର ପୁଅ ନୁହେଁ, ମୁଁ ତାର ବାପ ନୁହେଁ ।

ରେବତୀ—କ'ଣ କହୁଚ ??

ଅରକ୍ଷିତ—ହଁ, ଅରକ୍ଷିତର ପୁଅ ହଉଚି ସେଇ ଯିଏ ତା'ର ଭଳିଆ ଏଇ ମାଟିକୁ
ଭଲ ପାଏ, ଯିଏ ତା'ର ଭଳିଆ ଏଇ ମାଟିରୁ ମୁଠାଏ ଧରି କହେ ମୁଁ
ପାଇଚି···ସବୁ ପାଇଚି ।

—*—

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA